READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





ବର୍ଷ-୮ | ସଂଖ୍ୟା-୩୦ | ୫ - ୧୧ ଅଗଷ୍ଟ, ୨୦୨୪ | ଭୁବନେଶ୍ୱର | Monday Weekly | VOL-8 | ISSUE-30 | 5th - 11th AUGUST, 2024 | BHUBANESWAR | ₹ 5/- (8 Pages)


### ଫେଲ ମାରିଲେ ନବୀନ, ଅଣ୍ଟା ଭିଡିଲେ ମୋହନ

## ଶିଳ୍ପାୟନ ପାଇଁ ବଡ ପଦକ୍ଷେପ

**ଭୁବନେଶ୍ୱର:** ୨୪ ବର୍ଷର ବିଜେଡି ଶାସନରେ ଧୁଆଁବାଣ ଥିଲା ଶିଳ୍ପାୟନ ନାରା। ଶିଳ୍ପ ଓ ନିଯୁକ୍ତିର ମିଛ ପ୍ରତିଶ୍ରୁତି ଦେଇ ଲଗାତାର ଲୋକଙ୍କୁ ଭୁଆଁ ବୁଲାଇ ଚାଲିଥିଲା ନବୀନଙ୍କର ବିଜୁ ଜନତା ଦଳ। କିନ୍ତୁ କ୍ଷମତାକୁ ଆସିବାର ମାସ କେଇଟା ଭିତରେ ରାଜ୍ୟରେ ବଡ଼ ଶିଳ୍ପ ପ୍ରତିଷ୍ଠା ଦିଗରେ ପ୍ରୟାସ ଆରମ୍ଭ କରିଦେଇଛନ୍ତି ମୋହନ ସରକାର। ଓଡିଶାରେ ପୁଞ୍ଜିନିବେଶ ବୃଦ୍ଧି ପାଇଁ ୭, ୮ ଓ ୯ ତାରିଖରେ ଗୁଜରାଟର ଅହମଦାବାଦ ଓ ପୁନେରେ ଶିଳ୍ପ ବିଭାଗ ରୋଡ଼ ସୋ କରିବ। ଅଢ଼େଇ ଲକ୍ଷ କୋଟି ଟଙ୍କାର ଘରୋଇ ପୁଞ୍ଜିନିବେଶ ସହ ଏଫ୍‌ଡିଆଇ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି। ଯାହା ଫଳରେ ବିକଶିତ ଭାରତ ଗଠନରେ ଓଡ଼ିଶା ବଡ଼ ଅଂଶୀଦାର ହୋଇପାରିବ। ଓଡିଶାକୁ ଅଧିକରୁ ଅଧିକ ଶିଳ୍ପ ଆଣିବା ପାଇଁ ନିବେଶକ ମାନଙ୍କ ସହ କରାଯିବ ଇନଭେଷ୍ଟର ମିଟ୍ ଏବଂ ରାଉଣ୍ଡ ଟେବୁଲ ଆଲୋଚନା। ଏହାସହ ଓଡିଶାର ଶିଳ୍ପ ନୀତିକୁ ନେଇ ଶିଳ୍ପାନୁଷ୍ଠାନର ମୁଖ୍ୟ ମାନଙ୍କ ସହ ୱାନ ଟୁ ୱାନ ହେବ ଆଲୋଚନା। ମୋହନ ସରକାରଙ୍କ ଫୋକସରେ ଅଟୋମୋବାଇଲସ୍, ଫୁଡ୍ ପ୍ରୋସେସିଂ, ଆନସେଲାରି ଡାଉନଷ୍ଟ୍ରିମ ମେଟାଲ, ଫାର୍ମା ଏବଂ ଇଲେକଟ୍ରୋନିକ୍ସ ମାନୁଫେକ୍ଚରିଂ ସେକ୍ଟର ଭଳି ଶିଳ୍ପ। ଶିଳ୍ପ ମାନଙ୍କୁ ଓଡିଶାରେ ପୁଞ୍ଜିନିବେଶ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକୃଷ୍ଟ ସୁଯୋଗ ଯୋଗାଇ ଦିଆଯିବ। ଓଡ଼ିଶାକୁ



ଶିଳ୍ପ ଆସିବା ପାଇଁ ପ୍ରୋତ୍ସାହିତ କରାଯିବ। ଓଡିଶାକୁ ଶିଳ୍ପ କ୍ଷେତ୍ରରେ ଆଗକୁ ନେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଡୋମେଷ୍ଟିକ ଇନଭେଷ୍ଟମେଣ୍ଟ ମାଧ୍ୟମରେ ୨୦୨୯ ସୁଦ୍ଧା ଓଡିଶାରେ ୨ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର। ଏହାସହ ୨ ବିଲିୟନ ଡଲାରର ବିଦେଶୀ ପୁଞ୍ଜିନିବେଶ ବୃଦ୍ଧି ପାଇଁ ମୋହନ ସରକାର ଭିଜନ ରଖିଛନ୍ତି। ଓଡିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ବିଜେପି ସରକାର ନେଇଛି ସଂକଳ୍ପ। ହେଲେ ପୂର୍ବ ବିଜେଡି ସରକାର ଓଡିଶାବାସୀଙ୍କୁ ଦେଖାଇଥିଲା ମିଛ ଶିଳ୍ପାୟନର ସ୍ୱପ୍ନ। ବିଧାନସଭା ଉତ୍ତରରୁ ମିଳିଥିବା ସଦ୍ୟତମ ତଥ୍ୟ ଖୋଲି ଦେଇଛି ୨୪ ବର୍ଷର ନବୀନ ସରକାରର ପୋଲ। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉତ୍ତର ରଖି କହୁଛନ୍ତି, ଗତ ୫ ବର୍ଷ ମଧ୍ୟରେ ୫୧୨ଟି ବୃହତ ଶିଳ୍ପ ସଂସ୍ଥା ସହ ରାଜ୍ୟ ସରକାର ଏମଓୟୁ କରିଥିଲେ। ୫ ଲକ୍ଷ ୭୧ ହଜାର ୩୦୩ ନିଯୁକ୍ତି ସୁଯୋଗ ଲାଗି ରହିଥିଲା ଲକ୍ଷ୍ୟ। କିନ୍ତୁ ବିଡମ୍ବନା, ୫ ବର୍ଷରେ ସେଥି ମଧ୍ୟରୁ ମାତ୍ର ୩୦ଟି ବୃହତ୍ତ ପ୍ରକଳ୍ପ ଆଂଶିକ ତଥା ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିଛି। ଆଉ ଏହି ଶିଳ୍ପ ଗୁଡିକ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ୧୯ ହଜାର ୫୨୯ କୋଟିର ପୁଞ୍ଜିନିବେଶ ସହ ୨୦ ହଜାର ୨୫୧ଟି ନିଯୁକ୍ତି ସୃଷ୍ଟ ହୋଇପାରିବ।

➤ ପୃ-୬

### ନାଗରିକ ସମାଜର ଦାବି

## ଆମକୁ ନ୍ୟାୟ ମିଳୁ

**ଭୁବନେଶ୍ୱର :** ଗତ ୨୦୨୩ ମସିହା ଅଗଷ୍ଟ ୧୪ ତାରିଖରେ ରାଜସ୍ୱ ବିଭାଗ ଏକ ବିଜ୍ଞପ୍ତି ଜାରି କରି ଓଡ଼ିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ସେଟଲମେଣ୍ଟ ରୁଲ୍ସ ୧୯୮୩ର ସଂଶୋଧନ କରି ନୂତନ ନିୟମ- ୫ଡି ଯୋଡ଼ିଥିଲେ। ଏଥିରେ ବ୍ୟବସ୍ଥା କରାଗଲା ଯେ, ଏହି ସଂଶୋଧନ ପୂର୍ବରୁ, ସରକାର, ହାଉସିଂ ବୋର୍ଡ, ବିଡିଏ ଆଦି ସଂସ୍ଥା ମାନଙ୍କୁ ଲିଜ ଆଧାରରେ, 'ବାସ ଗୃହ ଯୋଜନା' ପାଇଁ ଯେଉଁ ସବୁ ଜମି ଯୋଗାଇ ଦେଇଥିଲେ, ସେହି ଜମିର ମୂଲ୍ୟ ଓ ସ୍ୱତ୍ୱ ପରିବର୍ତ୍ତନ କରି 'ସ୍ଥିତିବାନ' କରିବା ପାଇଁ ସେ ଜମି ଗୁଡିକର ଧାର୍ଯ୍ୟ ମୂଲ୍ୟ ଓ ସ୍ୱତ୍ୱ ପରିବର୍ତ୍ତନ ଫି'କୁ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। କିନ୍ତୁ ଏହିଁ ଆଇନର ଧାରା- ୭ ଅନୁଯାୟୀ, ଉପରୋକ୍ତ ସରକାରୀ ସଂସ୍ଥା ମାନଙ୍କ ଠାରୁ ଯେଉଁ ଜନ ସାଧାରଣ ଲିଜ ଆକାରରେ ବାସଗୃହ ପାଇଁ ଜମିର ସମ୍ପୂର୍ଣ୍ଣ ମୂଲ୍ୟ ଦେଲା ପରେ ଜମି ପାଇଥିଲେ, ସେହି ଜମିର ସ୍ୱତ୍ୱ ପରିବର୍ତ୍ତନ ପାଇଁ ପରିବର୍ତ୍ତନ ଫି' ଆକାରରେ ବର୍ତ୍ତମାନ (୨୦୨୩)ର ବେଞ୍ଚ ମାର୍କ ମୂଲ୍ୟର ୩ %, ସରକାରଙ୍କ ଦୟାରୁ ଜମି ମୂଲ୍ୟ ଓ ସ୍ୱତ୍ୱ ପରିବର୍ତ୍ତନ ଫି ଆଦି ସମୂହ ଛାଡ ପାଇଥିବା ଏହି ସରକାରୀ ସଂସ୍ଥା ମାନଙ୍କୁ ପୈଠ କରିବାକୁ ବାଧ। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ଏହି ହଜାର ହଜାର ସାଧାରଣ ନାଗରିକ ଯେଉଁ ମାନେ ବିଡିଏ ଓ ହାଉସିଂ ବୋର୍ଡ ଆଦି ସଂସ୍ଥା ମାନଙ୍କ ଠାରୁ ବାସଗୃହ ଖଣ୍ଡେ ପାଇଁ ଜମି ପାଇଥିଲେ ତାର ସମ୍ପୂର୍ଣ୍ଣ ମୂଲ୍ୟ ସେମାନେ ଦୀର୍ଘ ୩୫-୪୦ ବର୍ଷ ପୂର୍ବେ ପୈଠ କରି, ସେମାନଙ୍କ ନାମରେ ଲିଜ ଏଗ୍ରିମେଣ୍ଟ ଓ 'ଦଖଲ' ମଧ୍ୟ ନେଇସାରିଛନ୍ତି। ଏଥିସହ ତହସିଲରେ ନିଜ ନାମରେ ରେକର୍ଡ଼ଭୁକ୍ତ କରି ସାରିଛନ୍ତି। ବିଡିଏ, ହାଉସିଂ ବୋର୍ଡ ଆଦି ସଂସ୍ଥା ଯେଉଁ ମାନେ, ସରକାରଙ୍କ ଠାରୁ ଲିଜ ଆକାରରେ

➤ ପୃ-୬

### ଜାଗାବାଡ଼ିର ପୁନଃମୂଲ୍ୟାୟନ କରିବେ ରାଜ୍ୟ ସରକାର

## ବଢ଼ିବ ଜମି ଦର !

**ଭୁବନେଶ୍ୱର:** ରାଜ୍ୟରେ ଜାଗାବାଡ଼ିର ପୁନଃମୂଲ୍ୟାୟନ କରାଯିବ। ନୂତନ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସ୍ଥିତି ଅନୁଧ୍ୟାନ କରିବା ଓ ସରକାରଙ୍କୁ ପ୍ରସ୍ତାବ ଦେବାକୁ ରାଜସ୍ୱ ବିଭାଗ ଗଢିଛି ଉଚ୍ଚସ୍ତରୀୟ କମିଟି। ଜବରଦଖଲ ଉଚ୍ଛେଦକୁ ନେଇ ରାଜସ୍ୱ ବିଭାଗର ନିଷ୍ପତ୍ତି ପରେ ଏବେ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ହୋଇଛି କମିଟି। ରାଜସ୍ୱ ବିଭାଗର ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ କଟକ ସବ-ରେଜିଷ୍ଟ୍ରାର, ସମ୍ବଲପୁର, ବ୍ରହ୍ମପୁର ଡେପୁଟି



ଆଇଜିଆର୍ ଓ ଆଇଜିଆର୍ ସଦସ୍ୟ ଅଛନ୍ତି। ଭୁବନେଶ୍ୱର ଦେଶର ଦାମିକିଆ ସହର ତାଲିକାରେ ଆଗରେ ଥିବା ବେଳେ ଏବେ ପୁଣି ସରକାରଙ୍କ ପୁନଃମୂଲ୍ୟାୟନ ନିଷ୍ପତ୍ତି ଜମି ଦରକୁ ଆକାଶଛୁଆଁ କରିବ। ବେଞ୍ଚମାର୍କ ଭାଲ୍ୟୁଏସନ କରିବା ପୂର୍ବରୁ ସରକାର ଏଥିପାଇଁ ସ୍ୱଷ୍ଟ ନୀତି ଆଣିବାକୁ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ଦର ବଢାଇବା ପୂର୍ବରୁ ସ୍ଥିତି ଅନୁଧ୍ୟାନ ପାଇ ରାଜସ୍ୱ ବିଭାଗ ଗଠନ କରିଛି ଉଚ୍ଚସ୍ତରୀୟ କମିଟି। ଭୁବନେଶ୍ୱରରେ ଜମି ଦର ଉଚ୍ଚା ଥିବା ବେଳେ କାହା ସ୍ୱାର୍ଥରେ ପୁଣି ଦର ବଢାଇବାକୁ ଚିନ୍ତା କରୁଛନ୍ତି ସରକାର ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଜମି ଦର ବଢିଲେ

➤ ପୃ-୬

## ଧର୍ମେନ୍ଦ୍ରଙ୍କୁ ପ୍ରଂଶସା, ବିରୋଧୀଙ୍କୁ ଜବାବ ଦେଲେ ସମ୍ବିତ

**ନୂଆଦିଲ୍ଲୀ :** ନିଟ୍ ପରୀକ୍ଷା ସ୍ୱଚ୍ଛତାର ସହ ଶେଷ ହୋଇଛି। ଏନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ହୋଇଛି। ହେଲେ ବିରୋଧୀ ଏନେଇ କିନ୍ତୁ ହୀନ ରାଜନୀତି କରୁଛନ୍ତି। ଖାଲି ହୀନ ରାଜନୀତି କରୁଛନ୍ତି ତାହା ନୁହେଁ ବରଂ ଜାଣିଶୁଣି ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ବିରୋଧୀଙ୍କ ଏମିତି ଆଭିମୁଖ୍ୟ ଦେଖିବା ପରେ ଗୋଟିଏ କଥା ସ୍ୱଷ୍ଟ, ପ୍ରସଙ୍ଗ ନଥିବାରୁ ବିଭ୍ରାନ୍ତକର ତଥ୍ୟ ଦେଇ ହଙ୍ଗାମା କରିବା ସତେ ଯେମିତି ବିରୋଧୀଙ୍କ ଅଭ୍ୟାସ ବୋଲି ଲୋକେ କହିଲେଣି। ହେଲେ ଏ ପ୍ରସଙ୍ଗରେ ଶାସକ ଦଳର ନେତା ତଥା ପୁରୀ ସାଂସଦ ବିରୋଧୀଙ୍କୁ ଯେଉଁପରି ଟାର୍ଗେଟ୍



କଲେ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପ୍ରଶଂସା କଲେ ତାହାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଚାଲିଛି। ନିଟ୍-ୟୁଜି ପରୀକ୍ଷାକୁ ନେଇ ପୁରା ଦେଶରେ ଚର୍ଚ୍ଚା ଜୋର ଧରିଥିଲା।

➤ ପୃ-୬

### ବକ୍ରବାଣୀ



ମମତା ମହାନ୍ତ ଇସ୍ତଫା ଦେଲେ
ନଅ ସାଂସଦରୁ ଆଆଠ ହେଲେ
ବିଜେପି ପ୍ରେମରେ ସେ ଉବୁଟୁବୁ
ହେଉଥିଲେ ଯେହ୍ନେ ନବୀନ ବାବୁ
ଚୋରା ପିରତିରୁ ଜାଣିଲେ ସିଏ
ଲେଡ଼ିଗୁଡ଼ ଦିନେ କହୁଣୀ ଛୁଏଁ
ଦୁର୍ଜନ ସହିତ କରିଲେ ଭାବ
ପରାଭବ ଦିନେ ନିଶ୍ଚେ ମିଳିବ
ପ୍ରେମ ଯଦି ତୁମ ଏତେ ଗଭୀର
ସବଂଶ ପଶିଯା କିଆଁ ଉଛୁର।

—— ଟୁଟୁ

## ନବୀନଙ୍କୁ ଟେନ୍‌ସନ ଦେଲେ ମମତା !

**ଭୁବନେଶ୍ୱର :** ନିର୍ବାଚନ ହାରିବା ଦିନଠୁ ବିଜେଡିକୁ ଝଟକା ପରେ ଝଟକା ଲାଗୁଛି। ପ୍ରଥମେ ତ ଶାସକ ଦଳରୁ ବିରୋଧୀ ଦଳ ହେଲା। ପୁଣି ଲୋକସଭାରେ ଖାତା ଖୋଲିପାରିଲାନି। ମନକୁ ବୁଝାଇବାକୁ ରାଜ୍ୟସଭାରେ କେନ୍ଦ୍ର ସରକାରକୁ ଘେରିବାକୁ ପ୍ଲାନ କରିଥିଲେ ନବୀନ। ହେଲେ ସେ ପ୍ଲାନ ବି ଏବେ ଫୁସୁକିବାକୁ ବସିଲାଣି। କାରଣ ରାଜ୍ୟସଭାରୁ ମମତା ମହନ୍ତ ଇସ୍ତଫା ଦେବା ପରେ ରାଜ୍ୟସଭାରେ ବିଜେଡିର ସଂଖ୍ୟା କମିଛି। କୁହାଯାଉଛି କି, ଦଳରେ ସେ ଅସନ୍ତୋଷ ଥିଲେ ତେଣୁ ଇସ୍ତଫା ଦେଲେ। ହେଲେ ବିଜେଡି ଏକଥା ମାନିବାକୁ ନାରାଜ। ଏ ନେଇ ସୋସିଆଲ ମିଡିଆ 'ଏକ୍ସ' ହ୍ୟାଣ୍ଡେଲରେ ନିଜେ ସୂଚନା ଦେଇଥିଲେ ମମତା ମହାନ୍ତ। ଇସ୍ତଫାର କାରଣ ସମ୍ପର୍କରେ ମମତା କହିଛନ୍ତି, ବିଜେଡିରେ



ସେ ଅଲୋଡ଼ା ହୋଇପଡ଼ିଥିଲେ ଏବଂ ଦଳ ତାଙ୍କ ସେବାର ଆବଶ୍ୟକତା ଅନୁଭବ କରୁନଥିଲା। ସେ ଲୋକଙ୍କ ନେତା ଏବଂ ଲୋକଙ୍କ ସେବା ହିଁ ତାଙ୍କର ମୁଖ୍ୟ ଧେୟ। ଏହି କାରଣରୁ ସେ ଆଉ ସେହି ଦଳରେ ରହିବାର ଆବଶ୍ୟକତା ଅନୁଭବ କରୁନାହାନ୍ତି ବୋଲି ଉଲ୍ଲେଖ କରିଥିଲେ ମମତା। ସୂଚନାଥାଉ କି, ମୟୂରଭଞ୍ଜ ଜିଲ୍ଲାର କୁଡୁମୀ ସଂପ୍ରଦାୟର ଟାଣୁଆ ନେତ୍ରୀ ମମତା ମହାନ୍ତ ୨୦୨୦ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୬ ଏପ୍ରିଲରେ ତାଙ୍କ କାର୍ଯ୍ୟକାଳ ସରିବାର ଥିଲା। ତେବେ ଏହାର ପ୍ରାୟ ୨୧ ମାସ ପୂର୍ବରୁ ସେ ରାଜ୍ୟସଭା ସଭ୍ୟ ପଦ ସହ ବିଜେଡି ମଧ୍ୟ ଛାଡ଼ିଛନ୍ତି। ସେପଟେ ମମତା ସାଂସଦ ପଦରୁ ଇସ୍ତଫା ଦେଇଥିବା ନେଇ ରାଜ୍ୟସଭାର ଅଧ୍ୟକ୍ଷ ଜଗଦୀପ ଧନକଡ ସୂଚନା ଦେଇଥିଲେ। ମମତାଙ୍କ ଇସ୍ତଫା ପରେ ବିଜେଡିର ରାଜ୍ୟସଭା ସାଂସଦଙ୍କ ସଂଖ୍ୟା ୯ରୁ ୮କୁ ଖସିଛି। ଖାଲି ସଂଖ୍ୟା ଖସିଛି ତାହା ନୁହେଁ ବରଂ ପାୱାର ବି କମିଛି। ତେବେ ସମୟ ମମତାଙ୍କ ବଦଳରେ ରାଜ୍ୟସଭାକୁ ଯାଉଛି କିଏ? ସେପଟେ ମମଲା ଇସ୍ତଫା ଦେବା ପରେ ଏବେ ବିଜେଡିର ଅନ୍ୟ ସାଂସଦମାନଙ୍କୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଆଉ କିଛି ସାଂସଦ ମମତାଙ୍କ ରାସ୍ତାରେ ଯିବେ ବୋଲି ଆଲୋଚନା ଜୋର୍। ରାଜ୍ୟସଭାରେ ୯ ସାଂସଦ ଥିବାରୁ ବିଜେଡି କେନ୍ଦ୍ରର

➤ ପୃ-୬

## ଏଣିକି ଓଡ଼ିଆ ଭାଷାରେ ସରକାରୀ ଫାଇଲ୍ କାମ

**ଭୁବନେଶ୍ୱର :** ରାଜ୍ୟର ବିଜେପି ସରକାର ଓଡ଼ିଆ ଭାଷାରେ ସରକାରୀ ନଥିପତ୍ର କାର୍ଯ୍ୟ କରିବା ପାଇଁ କଡ଼ା ଆଭିମୁଖ୍ୟ ପୋଷଣ କରିବାପରେ ଏବେ ସରକାରୀସ୍ତରରେ ତତ୍ପରତା ଦେଖାଦେଇଛି। ଏଣିକି ଥାନା, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି (ବ୍ଲକ), ଜିଲ୍ଲା ପରିଷଦ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଗୁଡ଼ିକରେ ଓଡ଼ିଆ ଭାଷାରେ ନଥିପତ୍ର(ଫାଇଲ) କାର୍ଯ୍ୟ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ରାଜ୍ୟ ପୁଲିସ ଡିଜିଙ୍କ କାର୍ଯ୍ୟାଳୟ ମଧ୍ୟ ସମସ୍ତ ପୁଲିସ ଏସପି ଓ ପୁଲିସ ପ୍ରତିଷ୍ଠାନର ମୁଖ୍ୟଙ୍କୁ ସରକାରୀ ନଥିକାର୍ଯ୍ୟ ଓଡ଼ିଆ ଭାଷାରେ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ରାଜ୍ୟ ପଞ୍ଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀ ଜୁଲାଇ ୩୧ ତାରିଖରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି



ଲେଖି ସମସ୍ତ ନଥି କାର୍ଯ୍ୟ ଓଡ଼ିଆରେ ସମ୍ପାଦନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ପାଇଁ ଉପଯୁକ୍ତ ଜ୍ଞାନକୌଶଳ ପ୍ରୟୋଗ କରାଯିବ। ତେଣୁ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧିନସ୍ତ ସମସ୍ତ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ

➤ ପୃ-୬

## କେବେ କଳା ତାଲିକାଭୁକ୍ତ ହେବେ ବଦନାମୀ ଠିକାଦାର



**ଭୁବନେଶ୍ୱର :** କଥାରେ ଅଛି 'ମୁଁ ଗୁହାରି କରିବି ଯାହାକୁ ସିଏ ବାପ କରିଛି ତାହାକୁ' ନ୍ୟାୟିକ ବ୍ୟବସ୍ଥା ଏବେ ଜନୈକ ଠିକାଦାରଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ଠିକାଦାର ଜଣଙ୍କ ମାୟା ଏତେ ଅଧିକ ଯେ ସବୁ ଦେଖି ନଦେଖିଲା ପରି ବସିଛନ୍ତି ବିଭାଗୀୟ ଅଧିକାରୀ। ଠିକାଦାର ଗତ କିଛିଦିନ ପୂର୍ବେ ପ୍ରାୟ ୨୭୦ କୋଟି ଟଙ୍କା ବ୍ୟୟ ବରାଦରେ ନିମାପଡ଼ା ଅସ୍ତରଙ୍ଗ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ଓ କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ କରିଥିଲେ। ମାତ୍ର ଦିନ କେଇଟାରେ ଉକ୍ତ ରାସ୍ତାରୁ

### ନଜରରେ ନିମାପଡ଼ା ମୁଖ୍ୟ ରାସ୍ତା
### କାମ ଦେଉନି ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ


କଦଳୀ ଚୋପା ଭଳିଆ ଛାଡ଼ିଲା, ହୋ ହାଲ୍ଲା ହେଲା, କିନ୍ତୁ ଫଳ ଶୂନ। ଲୋକ ଦେଖେଣିଆ ଭାବେ ପ୍ୟାଚ ପକେଇ ସମସ୍ତଙ୍କ ମନ ବୁଝେଇ ଦେଲେ, କିନ୍ତୁ ଏବେ ପୁଣି ନିମାପଡ଼ା ପିପିଲି ମୁଖ୍ୟ ରାସ୍ତା ଚାରି ଲେନ୍ କାର୍ଯ୍ୟ ଟେଣ୍ଡର ନେଇଥିବା ବେଳେ ବେଫିକର

➤ ପୃ-୬

### ଅନୁସୂଚିତ ଜାତି, ଜନଜାତି ବର୍ଗଙ୍କ ପାଇଁ ସୁପ୍ରିମ୍‌କୋର୍ଟଙ୍କ ବଡ଼ ନିଷ୍ପତ୍ତି

## କୋଟା ଭିତରେ କୋଟା ରହିବ

**ନୂଆଦିଲ୍ଲୀ :** ସରକାରୀ ଚାକିରିରେ ସଂରକ୍ଷଣ ଲାଗି ଅନୁସୂଚିତ ଜାତି(ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି)ର ଉପବର୍ଗୀକରଣ କରିପାରିବେ ରାଜ୍ୟ ସରକାର। ଏହି ଦୁଇ ବର୍ଗ ପାଇଁ ପୂର୍ବରୁ ଧାର୍ଯ୍ୟ ଥିବା କୋଟା ବା ସଂରକ୍ଷଣ ଭିତରେ ଆଉ ଏକ ଉପବର୍ଗୀକରଣ କରାଯାଇ ନିଷ୍ପେସିତ ଏବଂ ଅବହେଳିତ ଅବସ୍ଥାରେ ଥିବା ଅନୂସୂଚିତ ଜାତି ଓ ଜନଜାତିମାନଙ୍କ ଲାଗି ଅଧିକ ସଂରକ୍ଷଣ ସୁବିଧା ଦିଆଯାଇପାରିବ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ୭ ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ୨୦୦୪ ଇ.ଭି. ଚିନ୍ନୈୟା ମାମଲା ଶୁଣାଣି ସମୟରେ ଏସସି, ଏସଟିଙ୍କ ମଧ୍ୟରେ ଉପବର୍ଗୀକରଣ ହୋଇପାରିବ ନାହିଁ ବୋଲି ତତ୍କାଳୀନ ଖଣ୍ଡପୀଠ ଦେଇଥିବା ରାୟକୁ ବର୍ତ୍ତମାନର ୭ ଜଣିଆ ଖଣ୍ଡପୀଠ ଖାରଜ କରି ନୂଆ ରାୟ ଶୁଣାଇଛନ୍ତି। ଏସସି/ଏସଟିଙ୍କ ମଧ୍ୟରେ ଉପବର୍ଗୀକରଣ ସମ୍ପର୍କିତ ପିଟିସନର ଶୁଣାଣି ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ



ଅଧ୍ୟକ୍ଷତାରେ ୭ ଜଣିଆ ଖଣ୍ଡପୀଠ ଗଠନ ହୋଇଥିଲା। ମାମଲାର ଶୁଣାଣି ସମୟରେ ଜଣେ ବିଚାରପତି ଜଷ୍ଟିସ ବେଲା ତ୍ରିବେଦୀ ନୂଆ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ଅନ୍ୟ ୬ ବିଚାରପତି ନିଷ୍ପତ୍ତି ସପକ୍ଷରେ ମତ ଦେଇଥିଲେ। ଏହା ପରେ ପ୍ରଧାନ ବିଚାରପତି କହିଥିଲେ ଯେ, ଆମେ ଇ.ଭି ଚିନ୍ନୈୟା ମାମଲାରେ ଦିଆଯାଇଥିବା ରାୟକୁ ଖାରଜ କରୁଛୁ। ଉପବର୍ଗୀକରଣ ଅନୁଚ୍ଛେଦ ୧୪ର ଉଲ୍ଲଂଘନ କରୁନାହିଁ। କାରଣ ଉପବର୍ଗୀକରଣକୁ ସୂଚୀ ବାହାରେ ରଖାଯାଇ ନାହିଁ। ସିଜେଆଇ ରାୟ ପଢ଼ିବା ସମୟରେ କହିଥିଲେ ଯେ, ବର୍ଗଗୁଡ଼ିକ ମଧ୍ୟରୁ ଅନୁସୂଚିତ ଜାତିଗୁଡ଼ିକୁ ଚିହ୍ନଟ କରିବା ଲାଗି ବ୍ୟବହାର କରାଯାଉଥିବା ମାନଦଣ୍ଡରୁ ଜଣାପଡୁଛି ଯେ, ବର୍ଗଗୁଡ଼ିକ ମଧ୍ୟରେ ବିବିଧତା ରହିଛି। ଅନୁଚ୍ଛେଦ ୧୫ ଓ ୧୬ରେ ଏଭଳି କିଛି ନାହିଁ, ଯାହା ରାଜ୍ୟଗୁଡ଼ିକୁ ଜାତି ଭିତରେ ଉପବର୍ଗୀକରଣ କରିବାରୁ ରୋକିପାରିବ। ବିଚାରପତି ବି.ଆର. ଗଭଇ କହିଥିଲେ, ରାଜ୍ୟଗୁଡ଼ିକୁ ଏସସି, ଏସଟି ଭିତରେ ସ୍ୱଚ୍ଛଳ ବର୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ସଂରକ୍ଷଣରୁ ବାହାର କରିବା ଦରକାର। ରାଜ୍ୟ ସରକାର ଠିକ୍ ତଥ୍ୟ ଏବଂ ମାନଦଣ୍ଡ ଆଧାରରେ ଏହି ଦୁଇ ବର୍ଗ ମଧ୍ୟରେ

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ଅତ୍ୟଧିକ କାମ ବୋଝ ଯୋଗୁଁ ମାନସିକ ଅଶାନ୍ତି ବଢ଼ିପାରେ। ବାପା ମା'ଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟବସାୟରେ ନିବେଶରୁ ଲାଭ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରଭାବି ହେବେ। ଛାତ୍ରମାନେ ମନର ଫଳ ପାଇପାରିବେ।

**ବୃଷ** ବେମାରୀ ବଢ଼ିବା ପୂର୍ବରୁ ଉପଚାର କରନ୍ତୁ। ଧନପ୍ରାପ୍ତି ଯୋଗ ଅଛି। ବନ୍ଧୁଙ୍କ ସହ ମନର କଥା ଆଲୋଚନା କରି ଶାନ୍ତି ପାଇବେ। ନୂଆ ବ୍ୟବସାୟ କରିପାରନ୍ତି। ଛାତ୍ରମାନେ ସଫଳତା ପାଇବେ।

**ମିଥୁନ** ପାଚନତନ୍ତ୍ର ଓ ପାଦରେ ସମସ୍ୟା ଦେଖାଦେଇପାରେ। ଆର୍ଥିକ ପରିସ୍ଥିତିରେ ସୁଧାର ହେବ। ଭାଗିଦାରୀ ବ୍ୟବସାୟ କରିପାରନ୍ତି। ପିଲାମାନଙ୍କ ପାଇଁ ଅପମାନିତ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କୁ ଅନାବଶ୍ୟକ କାର୍ଯ୍ୟ ପାଇ ବାଧ୍ୟ କରନ୍ତୁ ନାହିଁ।

**କର୍କଟ** ଭାବୁକ ହୋଇପାରନ୍ତି। ପୁରୁଣା କଥାକୁ ମନରୁ ବାହାର କରନ୍ତୁ। ଅଧିକ ଖର୍ଚ୍ଚ ହୋଇପାରେ। ପରିଶ୍ରମର ଫଳ ପାଇବେ। ଛାତ୍ରମାନେ ସଫଳ ହେବେ। ଜୀବନସାଥୀଙ୍କୁ ମହତ୍ୱ ଦିଅନ୍ତୁ ସୁଖ ପାଇବେ।

**ସିଂହ** ଅତ୍ୟଧିକ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଆର୍ଥିକ ସ୍ଥିତି ଦୃଢ଼ ହେବ। ଧାର୍ମିକ କାର୍ଯ୍ୟ କରିପାରନ୍ତି। ପରିବାରରେ ସୁଖ ମିଳିବ। ଅଯଥା କଥା କାର୍ଯ୍ୟ କ୍ଷେତ୍ରରେ କୁହନ୍ତୁ ନାହିଁ। ଛାତ୍ରମାନେ ଶିକ୍ଷା ପାଇଁ ବହୁତ ଖର୍ଚ୍ଚାନ୍ତ ହୋଇପାରନ୍ତି।

**କନ୍ୟା** ସମସ୍ୟାର ସମାଧାନ ନକରି ମନକୁ ସୁଖ ଦେଇପାରିବେ। ଧନଲାଭ ହେବ। ବନ୍ଧୁ ଓ ପରିବାରରେ ଝଗଡା ହୋଇପାରେ। ଛାତ୍ରମାନେ ନିଜର ଲକ୍ଷ ପ୍ରତି ସଜାଗ ରୁହନ୍ତୁ। ନିଜ ଉପରେ ଅହଂକାରକୁ ପ୍ରଭାବୀ କରନ୍ତୁ ନାହିଁ।

**ତୁଳା** ବ୍ୟବସାୟରେ ବଡଧରଣରର କ୍ଷତି ଯୋଗ ଅଛି। ଅନ୍ୟକୁ ସହଜରେ ବିଶ୍ୱାସ କରନ୍ତୁନାହିଁ। ପରିବାରରେ ଉଲ୍ଲାସର ପରିବେଶ ରହିବ। କ୍ୟାରିୟରରେ ଉନ୍ନତି ହେବ। ଅଧର୍ଯ୍ୟ ହୁଅନ୍ତୁ ନାହିଁ।

**ବିଛା** ଅଧିକ ମିଠା ଖାଆନ୍ତୁ ନାହିଁ। ଏ ସପ୍ତାହରେ ଅର୍ଥର ମହତ୍ତ୍ୱ ବୁଝିବେ। ପରିବାର ସହ ଯାତ୍ରା କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଖାଲି ସମୟ ପାଇବେ। ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରମାନେ ସଫଳ ହେବେ।

**ଧନୁ** ଉତ୍ତମ ସ୍ୱାସ୍ଥ୍ୟ ରହିବ। କରଜ ନେଇପାରନ୍ତି। ଅନ୍ୟମାନଙ୍କ ସହ କଥା ହେବା ସମୟରେ ସଂଯମତା ରଖନ୍ତୁ। ନୂଆ ଚାକିରି ପାଇଁ ଅଧିକ ପରିଶ୍ରମର ଆବଶ୍ୟକତା ଅଛି। ଶିକ୍ଷା କ୍ଷେତ୍ରରେ ଥିବା ସମସ୍ତ ସମସ୍ୟା ଦୂର ହେବ।

**ମକର** କାର୍ଯ୍ୟକ୍ଷେତ୍ରରେ ଲାଭ ଓ ପୁରସ୍କାର ପାଇପାରନ୍ତି। ପରିବାରରେ ଝଗଡା ହୋଇପାରେ। ଛାତ୍ରମାନେ ଅସ୍ଥିର ହେବେ ଓ ପାଠରେ ମନ ଲାଗିବନାହିଁ। ପ୍ରେମ ଜୀବନରେ ଆବଶ୍ୟକଠାରୁ ଅଧିକ ସୁଖ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଭାଗିଦାରୀ ବ୍ୟବସାୟରେ ଲାଭର ସଙ୍କେତ ମିଳୁଛି। ଆପଣଙ୍କ ବ୍ୟକ୍ତିତ୍ୱ ଓ ପ୍ରଶାସନିକ କ୍ଷମତା ସମସ୍ତଙ୍କୁ ପ୍ରଭାବିତ କରିବ। କୌଣସି ମହିଳାଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ପରିଶ୍ରମର ଫଳ ମିଳିବ।

**ମୀନ** ପୂର୍ବ ଅପେକ୍ଷା ଅଧିକ ସତେଜ ଅନୁଭବ କରିବେ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବାହାନ ଚଳାଇବା ସମୟରେ ସଜାଗ ହୁଅନ୍ତୁ। ବିଦେଶ ଶିକ୍ଷା ପାଇଁ ସୁଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ନିଜର ବାଣୀ ଉପରେ ଧ୍ୟାନ ଦିଅନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଓଜନ ହ୍ରାସ ଟିକାକୁ ଭାରତରେ ମଞ୍ଜୁରି

# ଡିସେମ୍ବରରୁ ଉପଲବ୍ଧ ହେବ 'ମାଉନଜାରୋ'

**ନୂଆଦିଲ୍ଲୀ :** ମେଦ ବହୁଳତା ରୋଗୀଙ୍କ ପାଇଁ ଖୁସି ଖବର ଆସିଛି। ଓଜନ ହ୍ରାସ ନିମନ୍ତେ ଆମେରିକା କମ୍ପାନୀ ଏଲି ଲିଲି ଦ୍ୱାରା ପ୍ରସ୍ତୁତ ଟିକା 'ମାଉନଜାରୋ'କୁ ଭାରତ ସରକାର ମଞ୍ଜୁରି ଦେଇଛନ୍ତି। ଏଥିରେ ଥିବା ଉପାଦାନକୁ 'ଟିର୍ଜେପେଟାଇଡ' କୁହାଯାଏ। ଭାରତରେ କୌଣସି ଔଷଧ ତଥା ଟିକାର ବିକ୍ରି ଲାଗି ୨ଟି ସଂସ୍ଥାର ଅନୁମୋଦନ ଆବଶ୍ୟକ ପଡ଼ିଥାଏ। ପ୍ରଥମେ ସିଡିଏସ୍ସିଓ ଏବଂ ପରେ ଡ୍ରଗ୍ କଣ୍ଟ୍ରୋଲର ଅଫ୍ ଇଣ୍ଡିଆ (ଡିସିଜିଆଇ)ର ଅନୁମତି ନେବାକୁ ହୋଇଥାଏ। ଏବେ ସିଡିଏସ୍ସିଓ ଏହି ଟିକାକୁ ମଞ୍ଜୁରି ଦେଇଛନ୍ତି। ଡିସିଜିଆଇ ଏହାକୁ ଶୀଘ୍ର ଅନୁମତି ଦେଇପାରନ୍ତି। ଡିସେମ୍ବର ପୂର୍ବରୁ ଏହି ଟିକା ଭାରତରେ ଉପଲବ୍ଧ ହେବ ବୋଲି କୁହାଯାଉଛି। ଏ ନେଇ ଅହମଦାବାଦର ଓବେସିଟି ସର୍ଜନ ଡ. ଅପୂର୍ବ ବ୍ୟାସ କହିଛନ୍ତି ଯେ ମନୁଷ୍ୟ ଶରୀରରେ ୨ଟି ହର୍ମୋନ ରହିଥାଏ। ଫୋରଗଟ ହରମୋନ ରକ୍ତ



ଶର୍କରା ସ୍ତର ବଢ଼ାଇ ଥାଏ ଏବଂ ହିଣ୍ଡଗଟ୍ ଶରୀରର ଅତିରିକ୍ତ ସୁଗାରକୁ ଜଳାଇ ଏହି ଶର୍କରା ସ୍ତରକୁ ହ୍ରାସ କରିଥାଏ। ଏହି ପ୍ରକ୍ରିୟାରେ ଓଜନ ନିୟନ୍ତ୍ରଣ ହୋଇଥାଏ। ଏହି ହର୍ମୋନକୁ ଜିଏଲପି-୧ କୁହାଯାଇଥାଏ। ଜିଏଲ୍ପି-୧ ହର୍ମୋନ ମସ୍ତିଷ୍କର ହାଇପୋଥେଲାମସକୁ ଯାଇ ତାହାକୁ ସକ୍ରିୟ କରିଥାଏ। ଏହା ଦ୍ୱାରା ଭୋକ କମ୍ ହୋଇଥାଏ। ଖାଇବାକୁ ଇଚ୍ଛା ହୋଇ ନ ଥାଏ। ଫଳରେ ଅତିରିକ୍ତ ସୁଗାର ପ୍ରସ୍ତୁତ ହୁଏ ନାହିଁ। ପୂର୍ବରୁ ଥିବା ଚର୍ବି ଧିରେ ଧିରେ କମ୍ ହେବାକୁ ଲାଗିଥାଏ। ଶରୀରରେ ହିଣ୍ଡଗଟ (ଜିଏଲପି-୧) ସକ୍ରିୟ କରିଥାଏ। ଏହା ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ଟିକାକୁ ଯେ କେହି ବି ନେଇପାରିବେ। ସାଧାରଣ ଲୋକ ଏବଂ ଟାଇପ୍-୨ ରୋଗୀଙ୍କ ପାଇଁ ଏହାର ଅଲଗା ଅଲଗା ଡୋଜ୍ ରହିଛି। ଓଜନ ହ୍ରାସ ପାଇଁ କମ୍ ଡୋଜ୍ ଦିଆଯାଇଥାଏ। ଯଦି ଏହା ସହତ ମଧୁମେହକୁ ନିୟନ୍ତ୍ରଣ କରାଯିବ ତେବେ ଅଧିକ ଡୋଜ୍ ଦେବାକୁ ପଡ଼ିବ। ଉଭୟ ସ୍ଥିତିରେ ଟିକା ନେବା ଲାଭଜନକ ହେବ।

# ୭୪୦୦୦ କୋଟି ଗଲା କୁଆଡେ ?

**ନୂଆଦିଲ୍ଲୀ :** ଆରବିଆଇ ଗୁରୁବାର ସୂଚନା ଦେଇଛି ଯେ ୨୦୦୦ ଟଙ୍କିଆ ନୋଟ ୯୭.୯୨ ପ୍ରତିଶତ ବ୍ୟାଙ୍କିଂ ସିଷ୍ଟମକୁ ଫେରିଛି। କିନ୍ତୁ ୭,୪୦୯ କୋଟି ନୋଟ୍ ଏବେବି ଜନସାଧାରଣଙ୍କ ପାଖରେ ରହିଛି। ତେବେ ଗତ କିଛି ମାସ ଧରି ଏହି ୨୦୦୦ ଟଙ୍କିଆ ନୋଟ ପାଇଁ ପରିସ୍ଥିତି ଉଦବେଗ ହୋଇଥିଲା। ଚଳିତ ବର୍ଷ ମାର୍ଚ୍ଚରେ ଆରବିଆଇ ଦ୍ୱାରା ପ୍ରକାଶିତ ତଥ୍ୟରେ ୨୦୦୦ ନୋଟର ୯୭.୬୨ ପ୍ରତିଶତ ବ୍ୟାଙ୍କକୁ ଫେରସ୍ତ କରାଯାଇଛି। ଏହା ପରେ,



ଗତ ମାସରେ ଜୁଲାଇ ୧ ରେ ବ୍ୟାଙ୍କିଂ ସିଷ୍ଟମକୁ ଫେରିଥିବା ୨୦୦୦ ଟି ନୋଟ ସଂଖ୍ୟା ୯୭.୮୭ ପ୍ରତିଶତ ଥିଲା। ଅର୍ଥାତ୍ ୧ ମାସରେ କେବଳ ୦.୦୫ ପ୍ରତିଶତ ନୋଟ୍ ଫେରସ୍ତ କରାଯାଇଛି। ଏପରି ପରିସ୍ଥିତିରେ, ୭,୪୦୯ ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ କେଉଁଆଡେ ଗଲା ବୋଲି ପ୍ରଶ୍ନ ଉଠିଛି। କାହିଁକି ଏହି ନୋଟ୍ ଗୁଡିକ ବ୍ୟାଙ୍କକୁ ରିଟର୍ଣ୍ଣ ଆସୁନି। ଏ ପର୍ଯ୍ୟନ୍ତ ସରକାର କିମ୍ବା ଆରବିଆଇ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ୧୯ ମେ' ୨୦୨୩ରେ, ଯେତେବେଳେ ୨୦୦୦ ନୋଟ ଗୁଡ଼ିକ ବଜାରରେ ଆଉ ଚଳିବନି ବୋଲି କୁହାଯାଇଥିଲା ଏହି ନୋଟଗୁଡିକର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଥିଲା।

# ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରେକର୍ଡ ସଂଖ୍ୟକ ଆଇଟିଆର ଦାଖଲ

**ନୂଆଦିଲ୍ଲୀ :** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଚଳିତ ବର୍ଷ ଜୁଲାଇ ୩୧ ସୁଦ୍ଧା ଦାଖଲ ହୋଇଥିବା ମୋଟ ଆଇଟିଆର ସଂଖ୍ୟା ୭.୨୮ କୋଟି ଅତିକ୍ରମ କରିଛି। ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ଏହା ୭.୫% ଅଧିକ ବୋଲି ଜଣାପଡିଛି। ୨୦୨୩ ଜୁଲାଇ ୩୧ ସୁଦ୍ଧା ଆଇଟିଆର ଦାଖଲ ସଂଖ୍ୟା ୬.୭୭ କୋଟି ଥିଲା। ଆୟକର ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଦାଖଲ ହୋଇଥିବା ମୋଟ ୭.୨୮ କୋଟି ଆଇଟିଆର ମଧ୍ୟରୁ ୫.୨୭ କୋଟି ନୂଆ ଟିକସ ବ୍ୟବସ୍ଥାରେ ଦାଖଲ ହୋଇଥିବା ବେଳେ ପୁରୁଣା ଟିକସ ବ୍ୟବସ୍ଥାରେ ୨.୦୧ କୋଟି ଆଇଟିଆର ଦାଖଲ ହୋଇଛି। ୭୨% ଟିକସଦାତା ନୂଆ ଟିକସ ବ୍ୟବସ୍ଥାକୁ ପସନ୍ଦ କରିଥିବା ବେଳେ ୨୮% ପୁରୁଣା ଟିକସ ବ୍ୟବସ୍ଥାରେ ରହିଛନ୍ତି। ସେହିପରି ୨୦୨୪ ଜୁଲାଇ ୩୧ ଶେଷ ଦିନରେ ୬୯.୯୨ ଲକ୍ଷରୁ ଅଧିକ ଆଇଟିଆର ଦାଖଲ କରାଯାଇଛି। ଇ-ଫାଇଲିଂ ପୋର୍ଟାଲରେ ସେହିଦିନ ସନ୍ଧ୍ୟା ୭ଟାରୁ ରାତି ୮ଟା ମଧ୍ୟରେ ପ୍ରତି ଘଣ୍ଟାରେ ସର୍ବାଧିକ ୫.୦୭ ଲକ୍ଷ ଆଇଟିଆର ଫାଇଲିଂ ହୋଇଥିଲା।

# ନିଜସ୍ୱ ପ୍ରବେଶିକା ପରୀକ୍ଷା କରିପାରିବେ ବିଶ୍ୱବିଦ୍ୟାଳୟ

**ନୂଆଦିଲ୍ଲୀ :** ଏଣିକି ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜସ୍ୱ ପ୍ରବେଶିକା ପରୀକ୍ଷା କରିପାରିବେ। ଯଦି ଏକାଧିକ କାଉନସେଲିଂ ପରେ ଆସନ ବଳକା ରହିଯିବ, ତେବେ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜସ୍ୱ ପ୍ରବେଶିକା ପରୀକ୍ଷା କରିପାରିବେ। ଏନେଇ ୟୁନିଭରସିଟି ଗ୍ରାଣ୍ଟସ କମିଶନ (ୟୁଜିସି) ଅନୁମତି ଦେଇଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଆସନ ପୂରଣ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ସେପ୍ଟେମ୍ବର ୨୦, ୨୦୨୩ରେ ୟୁଜିସିର ୫୭୨ ବୈଠକରେ ଏହି ନିଷ୍ପତ୍ତି ନିଆ ଯାଇଥିଲା, ଯାହା ଆଗକୁ କାର୍ଯ୍ୟକାରୀ ହେବାକୁ ଯାଉଛି। ୟୁଜିସି ରିପୋର୍ଟ ଅନୁସାରେ, ତିନି କିମ୍ବା ଚାରି ରାଉଣ୍ଡ କାଉନସେଲିଂ ପରେ ମଧ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ସେମାନଙ୍କ ଅନୁବନ୍ଧିତ କଲେଜଗୁଡ଼ିକରେ ବହୁ ସଂଖ୍ୟକ ସିଟ୍ ଖାଲି ରହିଛି। ଏହା ଦ୍ୱାରା କେବଳ ସମ୍ବଳର ଅପଚୟ ହେବ ନାହିଁ, ବରଂ ଅନେକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ସୁଯୋଗରୁ ବଞ୍ଚିତ ରହିବେ। ତେଣୁ ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ପାଇଁ ୟୁଜିସି ଯୋଜନା କରିଛି। ଏହି ସମସ୍ୟାର ସମାଧାନ ପାଇଁ, ୟୁଜିସି ମାନକ ଅପରେଟିଂ ପ୍ରଣାଳୀ (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର, ଏସ୍ଓପିଏସ୍)ର ଏକ ସେଟ୍ ଅନୁମୋଦନ କରିଛି, ଏହା ସାହାଯ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡିକ ଖାଲି ଥିବା ସିଟକୁ ପୂରଣ କରିବା ପାଇଁ ନିଜସ୍ୱ ପରୀକ୍ଷା କରିପାରିବେ। ୟୁଜିସି କହିଛି ଯେ, ଏହା କେବଳ ଏକାଧିକ କାଉନସେଲିଂ ପରେ କରାଯିବ। ଯଦି ତିନିରୁ ଚାରି ଥର କାଉନସେଲିଂ ପରେ ଆସନ ବଳକା ରହିଯାଉଛି, ତେବେ ବିଶ୍ୱବିଦ୍ୟାଳୟ ନିଜସ୍ୱ ପ୍ରବେଶିକା ପରିକ୍ଷୀ କରିପାରିବ। ଏହା ଏକ ବିକଳ୍ପ, ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ କମନ୍ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ (ସିୟୁଇଟି) ପ୍ରାଥମିକ ମାନଦଣ୍ଡ ହୋଇ ରହିବ। ସମସ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ସିୟୁଇଟି ମାର୍କ ମାଧ୍ୟମରେ ଆଡମିଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ସିୟୁଇଟି ସ୍କୋର ବ୍ୟବହାର କରି ଏକାଧିକ ରାଉଣ୍ଡ କାଉନସେଲିଂ ପରେ ମଧ ସିଟ୍ ଖାଲି ରହିଥାଏ, ତେବେ ଏହି ସିଟ୍ ପୂରଣ ପାଇଁ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଅତିରିକ୍ତ ପଦକ୍ଷେପ ନେବାକୁ ଅନୁମତି ଦିଆଯାଇଛି ବୋଲି ୟୁଜିସି କହିଛି।

### ନିର୍ମଳାଙ୍କୁ ଚିଠି ଲେଖିଲେ ନୀତିନ

# ଜିଏସ୍ଟିରୁ ବାଦ ପଡୁ ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା

**ନୂଆଦିଲ୍ଲୀ :** ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ ଉପରୁ ୧୮ ପ୍ରତିଶତ ଜିଏସ୍ଟି ଲଗାଇବାକୁ ନେଇ ମୁହଁ ଖୋଲିଛନ୍ତି ବିଜେପିର ବରିଷ୍ଠ ନେତା ତଥା ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ। ଚଳିତ ବଜେଟରେ ମୋଦୀ ସରକାର ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ ଉପରୁ ୧୮ ପ୍ରତିଶତ ଜିଏସ୍ଟି ଲାଗୁ କରିଛନ୍ତି। ଯାହାକୁ ନେଇ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନିକଟକୁ ଚିଠି ଲେଖି ଏହା ଉପରୁ ଜିଏସଟି ହଟାଇବାକୁ ଦାବି କରିଛନ୍ତି ନୀତିନ ଗଡକରୀ। ନୀତିନ ତାଙ୍କ ଚିଠିରେ ଲେଖିଛନ୍ତି କି ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସ୍ଟି ଲାଗୁ ହେବା ଜୀବନର ଅନିଶ୍ଚିତତା ଉପରେ ଟିକସ ବସେଇବା ସହ ସମାନ। ମଧ୍ୟବିତ୍ତ ଲୋକଟି ନିଜ ପରିବାରର ଭବିଷ୍ୟତକୁ ସୁରକ୍ଷିତ ରଖିବା ନିମନ୍ତେ ସ୍ୱାସ୍ଥ୍ୟ



ବୀମା ପ୍ଲାନ୍ କରିଥାନ୍ତି। ମାତ୍ର ଏହା ଉପରେ ୧୮ ପ୍ରତିଶତ ଜିଏସ୍ଟି ବସାଇବା ଫଳରେ ସେମାନେ ଆଉ ଏଥି ପ୍ରତି ଆଗ୍ରହ ପ୍ରକାଶ କରିବେ ନାହିଁ। ତେଣୁ ସ୍ୱାସ୍ଥ୍ୟ ବୀମା ଉପରେ ଜିଏସ୍ଟି ବସାଇବା ଅର୍ଥ ଜୀବନର ଅନିଶ୍ଚିତତା ଉପରେ ଟ୍ୟାକ୍ସ ବସାଇବା ସହ ସମାନ। ସେହିପରି ବରିଷ୍ଠ ନାଗରିକମାନେ ମଧ ବହୁ ମାତ୍ରାରେ ସମସ୍ୟାରେ ପଡିବେ ଯେତେବେଳେ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ଜିଏସ୍ଟି ୧୮ ପ୍ରତିଶତ ଲାଗି। ଜିଏସ୍ଟି ଲାଗିବା ଫଳରେ ପ୍ରିମିୟମ ରାଶି ବଢ଼ି ଯିବ ଫଳରେ ଏହାକୁ ପଇଠ କରିବା ବରିଷ୍ଠ ନାଗରିକଙ୍କ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ହେବ। ଏଥି ସହିତ ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ ଉପରୁ ୧୮ ପ୍ରତିଶତ ଜିଏସ୍ଟିର ପ୍ରଭାବ ଇନସ୍ୟୁରାନ୍ସ ବ୍ୟବସାୟ ଉପରେ ମଧ ପ୍ରଭାବ ପକାଉଛି। କାରଣ ଅଧିକ ଟ୍ୟାକ୍ସ ପାଇଁ ଲୋକ ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା କରିବାକୁ ପାଇଁ ରାଜି ହେଉନାହାନ୍ତି। ଯାହା ଫଳରେ ଇନସୁରାନ୍ସ ସେକ୍ଟରର ବ୍ୟବସାୟକୁ ଏହା ଶକ୍ତ ଧକ୍କା ଦେଇଛି। ତେଣୁ ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଉପରୁ ଜିଏସ୍ଟି ହଟାଇବା ଦିଗରେ ପ୍ରାଥମିକତା ଭିତ୍ତିରେ କାର୍ ହେବା ଦରକାର ବୋଲି ଗଡ଼କରୀ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଛନ୍ତି।

# ବଢୁଛି ଦେଶର ଋଣ ଚାପ, ୬ ବର୍ଷରେ ଦୁଇଗୁଣ

**ନୂଆଦିଲ୍ଲୀ :** ଦେଶ ଦେଖୁଛି ୫ ଟ୍ରିଲିଅନ ଅର୍ଥନୀତିର ସ୍ୱପ୍ନ। ଦେଶର ବୈଦେଶିକ ଭଣ୍ଡାର ସହ ଦେଶର ଅର୍ଥନୀତି ବଢୁଛି। ବିକାଶର ଅର୍ଥନୀତିକୁ ନେଇ ଅନେକ ଗୋଲାପୀ ଚିତ୍ର ଦେଖାଉଛନ୍ତି କେନ୍ଦ୍ର ସରକାର। ମାତ୍ର ବାସ୍ତବତାକୁ ଦେଖିଲେ ସ୍ଥିତି ଠିକ୍ ବିପରୀତ। ପର୍ବତ ପ୍ରମାଣ ଋଣ ଚାପରେ ନଇଁ ଗଲାଣି ଦେଶର ଆର୍ଥିକ ସ୍ଥିତି। ଗତ ୬ ବର୍ଷ ମଧ୍ୟରେ ଦେଶର ଋଣ ପରିମାଣ ଦୁଇଗୁଣରେ ପହଞ୍ଚିଛି। ୨୦୧୮-୧୯ ବର୍ଷ ଶେଷ ସୁଦ୍ଧା ଦେଶର ଋଣ ଭାର ୯୩.୨୬ ଲକ୍ଷ କୋଟି ଟଙ୍କା ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧୭୧.୭୮ ଲକ୍ଷ କୋଟିରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ୧୮୫.୨୭ ଲକ୍ଷ କୋଟି ଛୁଇଁବ ବୋଲି କେନ୍ଦ୍ର ସରକାର ଆକଳନ କରିଛନ୍ତି। ଦେଶରେ ଜିଏସ୍ଟି ପ୍ରଚଳନ ପରେ ରାଜକୋଷକୁ ବିପୁଳ ରାଜସ୍ୱ ଆସୁଛି। ଆୟକରଦାତାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ବିଭିନ୍ନ ସରକାରୀ ସଂସ୍ଥାକୁ



ଇତିମଧ୍ୟରେ ବିକ୍ରୟ କରାଯାଇଛି। ଅନେକ ଯୋଜନା ବନ୍ଦ କରାଯାଇଛି। ଏହା ସତ୍ତ୍ୱେ ଦେଶର ଋଣ ଭାର ବଢ଼ିବଢ଼ି ଚାଲିଛି। ୨୦୧୩-୧୪ରେ ଦେଶର କରଜ ପରିମାଣ ମୋଟ ଜିଡିପିର ୪୮.୮ ପ୍ରତିଶତ ରହିଥିଲା; ୨୦୨୩-୨୪ରେ ଏହି କରଜ ପରିମାଣ ଜିଡିପିର ୫୮.୨ପ୍ରତିଶତରେ ପହଞ୍ଚିଛି ଓ ଚଳିତ ଆର୍ଥିକ ବର୍ଷରେ ଏହା ସାମାନ୍ୟ ହ୍ରାସ ପାଇ ୫୬.୮ ପ୍ରତିଶତ ହେବ ବୋଲି କେନ୍ଦ୍ର ସରକାର ଆକଳନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦେଶର ଋଣ ପରିମାଣ ବୃଦ୍ଧି ପାଇଁ ସରକାର କୋଭିଡ଼ ମହାମାରୀକୁ ଦାୟୀ କରିଛନ୍ତି। ଲୋକସଭାରେ କଂଗ୍ରେସ ସାଂସଦ ମନୀଶ ଚୌଧୁରୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧାରୀ କୋଭିଡ଼ ଯୋଗୁଁ କରଜ ବୃଦ୍ଧି ପାଇଥିବା ଉତ୍ତର ରଖିଛନ୍ତି। ମାତ୍ର କୋଭିଡ଼ ପୂର୍ବରୁ ଦେଶର ଋଣ କାହିଁକି ବଢ଼ି ଚାଲିଥିଲା ଏ ସମ୍ପର୍କରେ ସେ ସ୍ପଷ୍ଟ କରିନାହାନ୍ତି। ୨୦୧୮-୧୯ରେ ଦେଶ ଉପରେ ୯୩.୨୬ ଲକ୍ଷ କୋଟି କରଜ ଥିବାବେଳେ ପରବର୍ତ୍ତୀ ଆର୍ଥିକ ବର୍ଷରେ ଏହା ୧୦୫.୦୭ ଲକ୍ଷ କୋଟିରେ ପହଞ୍ଚିଥିଲା। ୨୦୨୧ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୧୨୧ କୋଟି ଅତିକ୍ରମ କରିଥିଲା ଓ ୨୦୨୩ ଆର୍ଥିକ ବର୍ଷରେ ଏହା ୧୫୬.୧୩ ଲକ୍ଷ କୋଟି ଏବଂ ଏବେ ଏହା ୧୮୫ କୋଟି ପାର କରିବ ବୋଲି କେନ୍ଦ୍ର ସରକାର ସଂସଦରେ ତଥ୍ୟ ରଖିଛନ୍ତି।

# ଏଣିକି ସାଟେଲାଇଟ ମାଧ୍ୟମରେ ଟୋଲ ଟ୍ୟାକ୍ସ

**ନୂଆଦିଲ୍ଲୀ :** ଟୋଲ୍ ରାସ୍ତାରେ ଗାଡ଼ି ଚଲାଉଥିଲେ ଥିଲେ ସାବଧାନ। କାରଣ ଫାସ୍ଟ୍ୟାଗ୍‌ରେ ବଡ଼ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର। ନିୟମ ଅନୁସାରେ ଏଣିକି ଯଦି ଗାଡିରେ ପଞ୍ଜୀକରଣ ଓ ଚେଚିସ ନମ୍ବର ଲାଗିନଥିବ ତେବେ ଟୋଲଗେଟ୍ରେ ଆପଣ ଅସୁବିଧାର ସାମ୍ନା କରିପାରନ୍ତି। ଏମିତିକି ଗାଡିକୁ ଟୋଲଗେଟ୍‌ରେ ଅଟକାଯାଇପାରେ। ତେଣୁ କେନ୍ଦ୍ର ପରିବହନ ଓ ସଡକ ସୁରକ୍ଷା ମନ୍ତ୍ରଣାଳୟ ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ହିଁ ଗାଡ଼ି ଚଳାନ୍ତୁ। ଅଗଷ୍ଟ ୧ଠାରୁ ଫାସଟ୍ୟାଗକୁ ନେଇ ଦେଶରେ ଲାଗୁ ହୋଇଛି ନୂଆ ନିୟମ। ତିନିରୁ ପାଞ୍ଚ ବର୍ଷ ପୂର୍ବେ ଜାରି କରାଯାଇଥିବା ଫାସଟ୍ୟାଗର କେୱାଇସି ପ୍ରକ୍ରିୟା ଗାଡି ମାଲିକଙ୍କୁ ପୂରଣ କରିବାକୁ ପଡ଼ିବ। ପାଞ୍ଚ ବର୍ଷରୁ ପୁରୁଣା ସମସ୍ତ ଫାସଟ୍ୟାଗକୁ ସମ୍ପୂର୍ଣ୍ଣ ବଦଳାଇବାକୁ ବି ପଡ଼ିବ। ଫାସଟ୍ୟାଗ ସହ ଗାଡ଼ିର ପଞ୍ଜୀକରଣ ନମ୍ବର ଓ ଚେଚିସ ନମ୍ବର ବି ରହିବ। କିଛି ଏମିତି ଗୁରୁତ୍ୱପୂର୍ଣ୍ଣ ସୂଚନା ରାଜ୍ୟସଭାରେ ଦେଇଛନ୍ତି ସଡ଼କ ଓ ପରିବହନ ମନ୍ତ୍ରୀ ନିତୀନ ଗଡକରୀ। ଯାହାକୁ ନେଇ ଗାଡ଼ି ମାଲିକଙ୍କର ଚିନ୍ତା ବଢିଛି। ରାସ୍ତାରେ କେମିତି ଆରାମରେ ଗାଡ଼ି ଚାଲିବ ସେନେଇ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏମିତିକି ଟୋଲଗେଟ୍‌ରେ ଯେମିତି ଅଧିକ ସମୟ ଗାଡ଼ି ନଅଟକିବ ସେନେଇ ବି ମାଷ୍ଟର ପ୍ଲାନ ହୋଇଛି। ସେଇଥି ଲାଗି ତ ଏଣିକି ସାଟେଲାଇଟ ମାଧ୍ୟମରେ ଟୋଲ ଟ୍ୟାକ୍ସ କାଟିବାକୁ ନେଇ ଯୋଜନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବଛାଯାଇଥିବା ଦେଶର କେତେକ ଟୋଲ ଗେଟରେ ଫାସଟ୍ୟାଗ ସିଷ୍ଟମ ସହ ଏହାକୁ ପାଇଲଟିଂ ପ୍ରୋଜେକ୍ଟ ଭାବେ କାର୍ଯ୍ୟକାରୀ କରାଯିବ। ଜିଏନଏସଏସ ଅଧାରିତ ଟୋଲ କଲେକ୍ସନ ଫାସଟ୍ୟାଗ ଠାରୁ ମଧ୍ୟ ଆହୁରି ଦ୍ରୁତ ହେବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ପୂର୍ବରୁ କ୍ୟାସ ବ୍ୟବସ୍ଥା ଥିବା ବେଳେ ବର୍ତ୍ତମାନ ଫାସଟ୍ୟାଗ ମାଧ୍ୟମରେ ଟୋଲଟ୍ୟାକ୍ସ ଭରୁଛନ୍ତି ଗାଡ଼ି ଚାଳକ। ଏଥିପାଇଁ ଗାଡ଼ି ଗୁଡିକୁ ଟୋଲଗେଟରେ ଅଟକିବାକୁ ପଡୁଥିବା ବେଳେ ଏବେ ସେ ସମସ୍ୟା ଆଉ ରହିବନି ବୋଲି କହିଛନ୍ତି ଗଡକରୀ।

### ବିଦେଶୀ ନିବେଶକଙ୍କ ବଡ଼ ପସନ୍ଦ ଭାରତୀୟ ଶେୟାର ବଜାର

# ପ୍ରତି ଘଣ୍ଟାରେ ଖର୍ଚ୍ଚ କରିଛନ୍ତି ୫୪ କୋଟି

**ନୂଆଦିଲ୍ଲୀ :** ବିଦେଶୀ ନିବେଶକଙ୍କ ପାଇଁ ଭାରତୀୟ ଷ୍ଟକ୍ ବଜାର ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ପାଲଟିଛି। ଘରୋଇ ସେୟାର ବଜାର ଅତ୍ୟଧିକ ମୂଲ୍ୟ ଚାପ ହେବା ସତ୍ତ୍ୱେ ବିଦେଶୀ ନିବେଶକମାନେ ଏଠାରେ ଲଗାତାର ଅର୍ଥ ବିନିଯୋଗ କରୁଛନ୍ତି। ଜୁଲାଇର ପ୍ରଥମ ୨୭ ଦିନରେ ଷ୍ଟକ୍ ବଜାରରେ ପ୍ରତି ଘଣ୍ଟାରେ ନିବେଶକମାନେ ପ୍ରାୟ ୫୪ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ବିଶେଷ କଥା ହେଉଛି କ୍ରମାଗତ ଦ୍ୱିତୀୟ ମାସ ଯେତେବେଳେ ବିଦେଶୀ ନିବେଶକମାନେ ଷ୍ଟକ୍ ବଜାରରେ ୨୫ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ, ଏହା ପୂର୍ବରୁ ଜୁନ୍ ମାସରେ ୨୬ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ଜୁଲାଇରେ ନିବେଶକମାନେ ଘରୋଇ ବଜାରରେ ୪୦ ହଜାର କୋଟିରୁ ଅଧିକ ଟଙ୍କା ନିବେଶ କରିପାରନ୍ତି। ଡିପୋଜିଟୋରୀର ତଥ୍ୟ ଅନୁଯାୟୀ, ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ମାନେ ଚଳିତ ମାସ ୨୬ ପର୍ଯ୍ୟନ୍ତ ଘରୋଇ ବଜାରରେ ୩୩,୬୮୮ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହାପୂର୍ବରୁ ଜୁନ୍ ମାସରେ ସେୟାରରେ ୨୬,୫୬୫ କୋଟି ଟଙ୍କା ନିବେଶ



କରିଥିଲେ। ନିର୍ବାଚନ ଫଳାଫଳକୁ ନେଇ ଦ୍ୱନ୍ଦ୍ୱ ମଧ୍ୟରେ ମେ ମାସରେ ଏଫ୍‌ପିଆଇମାନେ ଷ୍ଟକ୍‌ରୁ ୨୫,୫୮୬ କୋଟି ଟଙ୍କା ପ୍ରତ୍ୟାହାର କରିନେଇଥିଲେ। ମରିସସ୍ ସହିତ ଭାରତର ଟିକସ ଚୁକ୍ତିରେ ପରିବର୍ତ୍ତନ ଏବଂ ଆମେରିକାରେ ବଣ୍ଡ ଇଲ୍ଡରେ ବୃଦ୍ଧି ହେତୁ ଏଫପିଆଇ ଏପ୍ରିଲରେ ଷ୍ଟକରୁ ୮୭୦୦ କୋଟିରୁ ଅଧିକ ଟଙ୍କା ପ୍ରତ୍ୟାହାର କରିନେଇଥିଲେ। ତଥ୍ୟ ଅନୁଯାୟୀ, ସେୟାର ବ୍ୟତୀତ ଏଫପିଆଇମାନେ ଋଣ ଏବଂ ବଣ୍ଡ୍ ବଜାରରେ ୧୯,୨୨୩ କୋଟି ଟଙ୍କା ବିନିଯୋଗ କରିଛନ୍ତି। ତେବେ ବଣ୍ଡ୍ ବଜାରରେ ଏଫ୍‌ପିଆଇ ବିନିଯୋଗ ଚଳିତ ବର୍ଷ ୮୭,୮୪୭ କୋଟି ଟଙ୍କାରେ ପହଞ୍ଚିଛି। ଷ୍ଟକ୍ ନୀତିରେ ସଂସ୍କାର, ସ୍ଥାୟୀ ଅର୍ଥନୈତିକ ଅଭିବୃଦ୍ଧି ଏବଂ କମ୍ପାନୀଗୁଡିକର ଉତ୍ତମ ତ୍ରୈମାସିକ ଫଳାଫଳ ଗୁଡିକର ଆଶା ମଧ୍ୟରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ଚଳିତ ମାସ ସୁଦ୍ଧା ଭାରତୀୟ ଷ୍ଟକ୍ ବଜାରରେ ୩୩,୬୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରିଛନ୍ତି। ତେବେ, ବଜେଟରେ ଇକ୍ୱିଟି ନିବେଶରୁ ସରକାର ଫ୍ୟୁଚର ଏବଂ ବିକଳ୍ପ ବାଣିଜ୍ୟ ଉପରେ ଟିକସ ବୃଦ୍ଧି କରିବା ପରେ ଗତ ତିନିଟି ବାଣିଜ୍ୟ ଅଧିବେଶନରେ ୭୨୦୦ କୋଟିରୁ ଅଧିକ ଟଙ୍କା ବାହାର କରିଛନ୍ତି। ବଜାର ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଚଳିତ ବର୍ଷ ବିଦେଶୀ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ଭାରତୀୟ ଷ୍ଟକ୍ ବଜାର ଭଲ ସ୍ଥିତିରେ ଅଛି।

# ସରକାର ଅନୁମତି ଦେଲେ ଆପାର୍ଟମେଣ୍ଟ ଭାଙ୍ଗିବୁ : ମେୟର




**ଭୁବନେଶ୍ୱର :** ସ୍ମାର୍ଟ ସିଟିରେ ବେଆଇନ ଆପାର୍ଟମେଣ୍ଟ ନେଇ ବିଏମସି ମେୟର ସୁଲୋଚନା ଦାସ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ସରକାର ଅନୁମତି ଦେଲେ ବେଆଇନ ଆପାର୍ଟମେଣ୍ଟ ଭାଙ୍ଗିବୁ। ସରକାରଙ୍କ ନିଷ୍ପତ୍ତି ଯାହା ରହିବ ତାକୁ ବିଏମସି ମାନିବ। ଯେଉଁସବୁ ବେଆଇନ ଆପାର୍ଟମେଣ୍ଟ ରହିଛି ତାହାକୁ ଭାଙ୍ଗିଲେ କ୍ଷତିପୂରଣ ଦେବାକୁ ପଡିବ। ବିଏମସି ପାଖରେ କ୍ଷତିପୂରଣ ଦେବାକୁ ଟଙ୍କା ନାହିଁ। ରାଜ୍ୟ ସରକାର ଯଦି କ୍ଷତିପୂରଣ ଦେବେ, ଅନୁମତି ମିଳିଲେ ଆମେ ଆପାର୍ଟମେଣ୍ଟ ଭାଙ୍ଗିଦେବୁ। ଏସବୁ ଆପାର୍ଟମେଣ୍ଟ ନିର୍ମାଣ ବେଳେ ତାହା ପଞ୍ଚାୟତ ଅଧିନରେ ଥିଲା। ଏବେ ସେଗୁଡିକ ବିଏମସି ନିୟନ୍ତ୍ରଣକୁ ଆସିଛି। ସୂଚନାଥାଉ କି, ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ଗଢିଉଠିଛି ମାଳମାଳ ବେଆଇନ୍ ଆପାର୍ଟମେଣ୍ଟ। ଯାହାର ବାସ୍ତବ ଚିତ୍ର ନଗର ଉନ୍ନୟନ ବିଭାଗ ପାଖରେ ବି ନାହିଁ। ବିଧାନସଭାରେ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ପଶ୍ନର ଲିଖିତ ଉତ୍ତରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ବେଆଇନ୍ ଭାବେ ରାଜ୍ୟରେ କେତେ ସଂଖ୍ୟକ ବେଆଇନ୍ ଆପାର୍ଟମେଣ୍ଟ ତିଆରି ହୋଇଛି ତାର ଆକଳନ ହୋଇନି। ତେବେ ରାଜ୍ୟର ବିଭିନ୍ନ ସହରରେ ବେଆଇନ୍ ଭାବେ ଗଢିଉଠିଥିବା କୋଠା ବିରୁଦ୍ଧରେ ୭୧୯ଟି ମାମଲା ରୁଜୁ ହୋଇଛି। ସେଭିତରୁ ୬୮୯ଟି ମାମଲା କେବଳ ଭୁବନେଶ୍ୱରରେ ଥିବା ବେଆନ କୋଠାବାଡ଼ି ବିରୁଦ୍ଧରେ ହୋଇଛି। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ ୧୯୮୨ ଅନୁଯାୟୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। ସେପଟେ ରିୟଲ ଇଷ୍ଟେଟ୍ କର୍ମୀ କହିଛନ୍ତି ରାଜ୍ୟରେ ହଜାର ହଜାର ବେଆଇନ୍ କୋଠାବାଡ଼ି ନିର୍ମାଣ ହୋଇଛି। ଯେଉଁମାନେ କଷ୍ଟ ଅର୍ଜିତ ଟଙ୍କାରେ ଫ୍ଲାଟ କିଣିଛନ୍ତି ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ବିଲଡିଂର ଫାୟାର ସେଫଟି ସାର୍ଟିଫିକେଟ୍, ଅକୁପେନସି ସାର୍ଟିଫିକେଟ୍, ପ୍ଲାନ୍ ଆପ୍ରୋଭାଲ୍ ସାର୍ଟିଫିକେଟ୍ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ସାର୍ଟିଫିକେଟ୍ ନାହିଁ। ଅପରପକ୍ଷେ କ୍ରେଡାଇ କହିଛି ବହୁ ବର୍ଷ ପୂର୍ବରୁ ଆପାର୍ଟମେଣ୍ଟଗୁଡ଼ିକ ତିଆରି ହୋଇ ତାହା ଲୋକଙ୍କୁ ହସ୍ତାନ୍ତର ହୋଇଛି। ସରକାର ଏବେ ନୂଆ ନିୟମ ଆଣିଛନ୍ତି। ତେଣୁ ପୁରୁଣା ଆପାର୍ଟମେଣ୍ଟଗୁଡ଼ିକୁ ନୂଆ ନିୟମରୁ ବାଦ ଦେବାକୁ ଦାବି କରିଛି ରିୟଲ ଇଷ୍ଟେଟ୍ ସଂଘ। ନୂଆ ଆପାର୍ଟମେଣ୍ଟ ଅଧିନିୟମ ସତ୍ତ୍ୱେ ରାଜ୍ୟରେ ପ୍ରତିଦନ ଛତୁ ଫୁଟିଲା ପରି ଗଢିଉଠୁଛି ବେଆଇନ୍ କୋଠାବାଡ଼ି। ଏହା ଉପରେ କିପରି ରୋକ୍ ଲାଗିପାରିବ ତାହା ଏବେ ବଡ଼ ପ୍ରଶ୍ନ।

## ରାଜ୍ୟରେ ପ୍ରତିଷ୍ଠା ହେବ ୫୮ ନୂଆ ଶୀତଳ ଭଣ୍ଡାର



**ଭୁବନେଶ୍ୱର :** କୃଷି ଉତ୍ପାଦ ସଂରକ୍ଷଣ କରିବା ଏବଂ କୃଷକମାନଙ୍କ ପାଇଁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଆଗାମୀ ଦିନରେ ୫୮ଟି ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଲକ୍ଷ ରଖିଥିବା ବିଧାନସଭାରେ କହିଛନ୍ତି। ବିଧାନସଭାର ପ୍ରଶ୍ନକାଳରେ କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ସବଡିଭିଜନରେ ମୋଟ ୫୮ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ଶୀତଳ ଭଣ୍ଡାର ଗୁଡିକ ସରକାରୀ ଘରୋଇ ଭାଗିଦାରୀ (ପିପିପି) ମୋଡରେ ସ୍ଥାପନ ହେବ। କେବଳ ସେତିକି ନୁହେଁ, ସେ କହିଛନ୍ତି ଯେ ଏହା ପରେ ମଧ୍ୟ ଆହୁରି ଅଧିକ ସଂଖ୍ୟାରେ ତଳ ଭଣ୍ଡାର ନିର୍ମାଣ ହେବ।

## ଘରେ ପହଞ୍ଚିବ ପିଡିଏସ୍ ଚାଉଳ



**ଭୁବନେଶ୍ୱର :** ଏଣିକି ଘରେ ପହଞ୍ଚିବ ପିଡିଏସ୍ ଚାଉଳ। ବୟସାଧିକ୍ୟ ଲୋକଙ୍କୁ ପିଡିଏସ୍ ସାମଗ୍ରୀକୁ ଘରେ ପହଞ୍ଚାଇବାକୁ ସରକାର କରିବାକୁ ଥିବା ଯୋଜନା ବିଷୟରେ ଜଣାଇବା ସହ ଯେଉଁମାନେ ଚାଉଳ ନେବାକୁ ପଞ୍ଚାୟତ ଅଫିସ ଆସି ପାରୁ ନାହାଁନ୍ତି, ସେମାନଙ୍କ ଘରକୁ ଚାଉଳ ପହଞ୍ଚାଇବାକୁ ବ୍ୟବସ୍ଥା କରୁଛନ୍ତି ରାଜ୍ୟ ସରକାର। ବାପା ପୁଅ ଅଲଗା ରହୁଥିଲେ ସେମାନଙ୍କୁ ମଧ୍ୟ ମିଳିବ ରାସନକାର୍ଡ। ଏନେଇ ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଯେଉଁମାନେ ଚାଉଳ ନେବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ପାରୁ ନାହାଁନ୍ତି, ବୟସାଧିକ୍ୟ କାରଣରୁ ଟିପ ଚିହ୍ନ ଦେଇ ପାରୁନାହାଁନ୍ତି, ସେମାନଙ୍କ ପାଇଁ ଆସିବ ସ୍ୱତନ୍ତ୍ର ଆପ୍। ସେମାନଙ୍କ ପାଖକୁ ଯାଇ ବାୟୋମେଟ୍ରିକ୍ସ ଗ୍ରହଣ କରାଯିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

## ୮୩୦୦ ଗାଁକୁ ନାହିଁ ପକ୍କା ରାସ୍ତା



**ଭୁବନେଶ୍ୱର :** ବିଜେଡି ସରକାର ୨୪ବର୍ଷ ଧରି ରାଜ୍ୟରେ କ୍ଷମତାସୀନ ଥିବା ସତ୍ତ୍ୱେ ଗ୍ରାମାଞ୍ଚଳରେ ବିକାଶ ସମ୍ଭବପର ହୋଇପାରିନାହିଁ। ଏବେବି ରାଜ୍ୟର ୮୩୦୦ଗାଁକୁ ପକ୍କା ରାସ୍ତା ନାହିଁ। ମାତ୍ର ୨୦୧୪୦ଟି ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିଛି। ରାଜ୍ୟରେ ପ୍ରାୟ ୫୯୯୭୧ହଜାର ଗାଁ ଥିବାବେଳେ ସେଥିରୁ ମାତ୍ର ୨୦୧୪୦ଟି ଗାଁରେ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ସମ୍ଭବପର ହୋଇପାରିଛି। ଅର୍ଥାତ୍ ୩୯୮୩୧ଟି ଗାଁକରେ ପାଇପ୍ ଯୋଗେ ପାନୀୟ ଜଳ ସୁବିଧା ନାହିଁ। ବିଧାନସଭାରେ ବିଜେଡି ବିଧାୟକ ଧ୍ରୁବଚରଣ ନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ୨୦୧୪୦ଟି ଗାଁକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇଅଛି। ରାଜ୍ୟର ସମସ୍ତ ଗାଁକୁ ଆସନ୍ତା ୨୦୨୫ ମସିହା ଡିସେମ୍ବର ସୁଦ୍ଧା ପାଇପ୍ ଯୋଗେ ଜଳଯୋଗାଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିରୁ କୌଣସି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ଥିବା ବିଭାଗର ଦୃଷ୍ଟିଗୋଚର ହୋଇନାହିଁ। ପାଇପ୍ ଯୋଗେ ଜଳଯୋଗାଣ ଅଚଳ ହେବା ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯାଇ ୭୨ଘଣ୍ଟା ମଧ୍ୟରେ ମରାମତି କରାଯାଇ ପାନୀୟ ଜଳ ଯୋଗାଣ କରାଯାଇଥାଏ। ସେହିପରି ରାଜ୍ୟରେ ମୋଟ ୫୯୯୭୧ଟି ଗାଁ ମଧ୍ୟରୁ ୫୧୬୭୧ଟି ଗାଁକୁ ପକ୍କାରାସ୍ତା ନିର୍ମାଣ କରାଯାଇଛି । ବାକି ୮୩୦୦ ଗାଁକୁ ବିଭିନ୍ନ ଯୋଜନାରେ ପର୍ଯ୍ୟାୟକ୍ରମେ ପକ୍କା ରାସ୍ତା ସଂଯୋଗ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି।

# ରାଜ୍ୟରେ ୧୬.୨୭ ଲକ୍ଷ ଅଯୋଗ୍ୟ ହିତାଧିକାରୀ

**ଭୁବନେଶ୍ୱର :** ପୂର୍ବ ସରକାର ଅମଳରେ ବହୁ ଧନୀ ଲୋକ ବିଜେଡି ନେତାମାନଙ୍କ ଜରିଆରେ ରାସନକାର୍ଡ ହାତେଇଛନ୍ତି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଧାନସଭାର ପ୍ରଶ୍ନକାଳରେ ବିଜେଡି ସରକାର ବିରୋଧରେ ଏଭଳି ସଙ୍ଗୀନ ଅଭିଯୋଗ ଆଣି ମନ୍ତ୍ରୀ କହିଛନ୍ତି ଯେ, ଏବେ ଆମ ସରକାର ଧନୀ ଲୋକଙ୍କୁ ଚିହ୍ନଟ କରି ରାସନକାର୍ଡରୁ ବାଦ ଦେଉଛନ୍ତି। ଭୂତ ଓ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟ ରାସନକାର୍ଡରୁ ବାଦ ଦିଆଯାଉଛି। ଏବେ କୌଣସି ଗରିବ ଲୋକଙ୍କର ରାସନ କାର୍ଡ କଟାଯାଉନାହିଁ। କିମ୍ବା ଗରିବଙ୍କ ରାସନ କାର୍ଡ କଟାଯିବାର ସମ୍ଭାବନା ବି ନାହିଁ। ଯେଉଁ ପରିବାରର ବାପପୁଅ ଅଲଗା ରହୁଥିବେ ଉଭୟଙ୍କୁ ରାସନକାର୍ଡ ଦେବାର ବ୍ୟବସ୍ଥା କରାଯିବ। ମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟରେ ଏବେ ସୁଦ୍ଧା ୧୬ ଲକ୍ଷ ୨୭ ହଜାର ୯୩୨ ଭୂତ ରାସନ କାର୍ଡଧାରୀଙ୍କୁ ଚିହ୍ନଟ କରାଯାଇଛି। ସରକାର ଏବେ ଆଧାରଭିତ୍ତିକ ଇ-କେୱାଇସି ଲାଗୁ କରିଛନ୍ତି। ଯାହାଫଳରେ ଅଯୋଗ୍ୟ ହିତାଧୀକାରୀଙ୍କ ନାଁ ଆପେ ଆପେ ବାଦ ପଡ଼ିଯିବ। ମୃତକଙ୍କ ନାଁ ମଧ୍ୟ ତାଲିକାରୁ ବାଦ ଦିଆଯାଉଛି। ଏବେ ଯେଉଁମାନେ ଆବେଦନ କରିଛନ୍ତି ତାହାର ଯାଞ୍ଚ କରାଯାଇ ରାସନ କାର୍ଡ ଦିଆଯିବାର ବ୍ୟବସ୍ଥା କରାଯାଉଛି। କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ଯେଉଁଠି ଲୋକେ ଦୂରକୁ ଯାଇ ଚାଉଳ ଆଣୁଛନ୍ତି, ସେଠାରେ ହିତାଧିକାରୀମାନଙ୍କୁ ଘରକୁ ଘର ଯାଇ ଚାଉଳ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସରକାରଙ୍କୁ ଟାର୍ଗେଟ କରି ମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାର ସମୟରେ ରାସନ ଡିଲରମାନେ ସବୁ ଖାଇ ଖୋଳ କରି ଦେଇଛନ୍ତି। ଭୋଟ ବେଳେ ସେମାନେ ବିଜେଡି ପାଇଁ ଟଙ୍କା ବାଣ୍ଟୁଥିଲେ। ଯଦି ଏବେ ସେମତି କେହି ଦୁର୍ନୀତି କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ନବୀନଙ୍କ ଜିରୋ କାଜୁଆଲଟିକୁ ଶାହଙ୍କ ପ୍ରଶଂସା



**ଭୁବନେଶ୍ୱର :** ପୁଣି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରଶଂସାରେ ଶତମୁଖ କେନ୍ଦ୍ର ସରକାର। ରାଜ୍ୟସଭାରେ ନବୀନଙ୍କୁ ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ବିପର୍ଯ୍ୟୟ ମୁକାବିଲାରେ ନବୀନଙ୍କ ନୀତିକୁ ପ୍ରଶଂସା କରିଛନ୍ତି ଶାହ। ରାଜ୍ୟସଭାରେ ୱାୟନାଡ଼ ଭୂସ୍ଖଳନ ପ୍ରସଙ୍ଗରେ ବିବୃତ୍ତି ରଖିବା ସମୟରେ ନବୀନଙ୍କୁ ପ୍ରଶଂସା କରିଛନ୍ତି ଗୃହମନ୍ତ୍ରୀ। ଅମିତ ଶାହ କହିଛନ୍ତି, ବିପର୍ଯ୍ୟୟର ୭ ଦିନ ପୂର୍ବରୁ ଓଡ଼ିଶାକୁ ଦିଆଯାଇଥିଲା ସୂଚନା। ହେଲେ ନବୀନ ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁ ବଡ଼ ସଫଳତା ମିଳିଥିଲା। ବିପର୍ଯ୍ୟୟରେ ବିଶେଷ କ୍ଷୟକ୍ଷତି ହୋଇନଥିଲା। ନବୀନଙ୍କ ଜିରୋ କାଜୁଆଲଟି ନୀତି ହିଁ ବିପର୍ଯ୍ୟୟ ମୁକାବିଲାରେ ବଡ଼ ସଫଳତା ଆଣିଥିଲା। ପୂର୍ବରୁ ମଧ୍ୟ ନବୀନଙ୍କ ବିପର୍ଯ୍ୟୟ ପରିଚାଳନା ନୀତିକୁ କେନ୍ଦ୍ର ପ୍ରଶଂସା କରିଛି। ଏପରିକି ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଓଡ଼ିଶାର ମାଷ୍ଟରପ୍ଲାନକୁ ପ୍ରଶଂସା କରାଯାଇଛି। ୨୦୦୦ ମସିହାରେ ନବୀନ ପଟ୍ଟନାୟକ ଓଡ଼ିଶାର ଶାସନ ଭାର ଗ୍ରହଣ କରିବା ପରେ ୧୯୯୯ ମହାବାତ୍ୟାର ବୀଭିଷିକାକୁ ଦୃଷ୍ଟିରେ ରଖି ରାଜ୍ୟରେ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରିବାକୁ ଅଣ୍ଟା ଭିଡ଼ିଥିଲେ। ୨୦୦୫ ମସିହାରେ ଗଠନ କରିଥିଲେ ଓସଡମା। ଧୀରେଧୀରେ ଉପକୂଳ ଅଞ୍ଚଳରେ ସୃଷ୍ଟି କରାଯାଇଥିଲା ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ। ଜିରୋ କାଜୁଆଲଟି ନୀତି ଆପଣାଇ ନବୀନ ସାରା ବିଶ୍ୱକୁ ବିପର୍ଯ୍ୟୟ ମୁକାବିଲାର ନୂଆ କୌଶଳ ଶିଖାଇଥିଲେ। ୨୦୧୩ରେ ଫାଇଲିନକୁ ସଫଳତାର ସହ ମୁକାବିଲା କରିଥିଲେ ବିଜେଡି ସରକାର। ପ୍ରାୟ ୧୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ହୁଡ୍‌ହୁଡ୍, ତିତଲି, ଅମ୍ଫାନ ଓ ଫନି ଭଳି ମହାବାତ୍ୟାର ସଫଳ ମୁକାବିଲା କରିଥିଲେ ନବୀନ ସରକାର। ଫାଇଲିନ ମୁକାବିଲା ପାଇଁ ବିଶ୍ୱବ୍ୟାଙ୍କ ଓ ଜାତିସଂଘ ନବୀନ ସରକାରଙ୍କୁ ପ୍ରଶଂସା କରିଥିଲେ। ଜାତିସଂଘ ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ରଣନୀତିକୁ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲା। ନବୀନଙ୍କ ଏହି ବିପର୍ଯ୍ୟୟ ମୁକାବିଲା ରଣନୀତିକୁ ଦେଶର ଅନ୍ୟ ରାଜ୍ୟମାନେ ମଧ୍ୟ ଆପଣାଇଛନ୍ତି।

## ଶ୍ରୀମନ୍ଦିର ପରିଚାଳନା କମିଟିର ହେବ ନବକଳେବର

**ପୁରୀ :** ଏଇ ଅଗଷ୍ଟ ମାସରେ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେଉଛି। ଏଣୁ ଶ୍ରୀମନ୍ଦିର ପରିଚାଳନା କମିଟିର ହେବ ନବକଳେବର କରାଯିବା ନେଇ ଆଇନ ବିଭାଗ ପକ୍ଷରୁ କୁହାଯାଇଛି। ନୂଆ ପରିଚାଳନାରେ ସ୍ୱଚ୍ଛତା ଓ ନିରପେକ୍ଷତାକୁ ଗୁରୁତ୍ୱ ଦିଆଯିବ। ମହାପ୍ରଭୁଙ୍କ ସେବା ସହ ଅଧିକ ସଂଶ୍ଳିଷ୍ଟ ଥିବା ତଥା ଉତ୍ତମ ବ୍ୟବହାରସମ୍ପନ୍ନ ସେବାୟତଙ୍କୁ ପରିଚାଳନା କମିଟି ଚୟନରେ ଗୁରୁତ୍ୱ ଦିଆଯିବ। ଆବଶ୍ୟକ ପଡିଲେ ଲଟେରୀର ସାହାଯ୍ୟ ନେବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନରେ ଶ୍ରୀମନ୍ଦିର ପ୍ରଶାସନ ପାତରଅନ୍ତର ନୀତି ଆପଣାଉଛି ବୋଲି ଅଭିଯୋଗ ହୋଇ ଆସୁଥିଲା। ନୂଆ ପରିଚାଳନା କମିଟି ଗଠନ ପାଇଁ ୮ ସୂତ୍ରୀ ପ୍ରସ୍ତାବ ଦେଇଛି ଆଇନ ବିଭାଗ। ଶ୍ରୀଜଗନ୍ନାଥ ମନ୍ଦିର ଟେମ୍ପୁଲ୍ ଆକ୍ଟ ୧୯୫୫ ଧାରା ୬(୧) ଜେ ଅନୁଯାୟୀ ସଦସ୍ୟ ମନୋନୟନ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ କଡା ନିର୍ଦ୍ଦେଶ ଦେଇଛି ଆଇନ ବିଭାଗ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଦିଆଯାଇଥିବା ତାଲିକା ଆଇନ ବିଭାଗକୁ ସନ୍ତୁଷ୍ଟ କରିନଥିବା ବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଲକ୍ଷ୍ୟରେ ରଖି ବିଧି ବ୍ୟବସ୍ଥା ଆପଣାଇବାକୁ ୮ ସୂତ୍ରୀ ଦେଇଛି ଆଇନ ବିଭାଗ।

## ୫-ଟି ଯୋଜନାରେ ଦୁର୍ନୀତି ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର :** ପୂର୍ବତନ ବିଜେଡି ସରକାରରେ ୫ଟି ଯୋଜନା ମାଧ୍ୟମରେ ହୋଇଥିବା କାମ ଉପରେ ମୋହନ ସରକାର ନଜର ରଖିଛନ୍ତି। କେନ୍ଦ୍ରାପଡ଼ାରେ ୫-ଟି ସ୍କୁଲରେ ହୋଇଥିବା ଦୁର୍ନୀତିର କାର୍ଯ୍ୟାନୁଷ୍ଠାନ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଯଦି ୫-ଟି ସ୍କୁଲ ନାଁରେ କୌଣସି ଅନିୟମିତତା କି ଦୁର୍ନୀତି ହୋଇଥିବ, ତାହେଲେ ଏହା ବିରୋଧରେ ସରକାର ତଦନ୍ତ କରିବେ ଏବଂ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ନେବେ। କେନ୍ଦ୍ରାପଡ଼ାରୁ ୫-ଟି ସ୍କୁଲ ରୂପାନ୍ତରୀକରଣ ନାଁରେ କୋଟିକୋଟି ଟଙ୍କା ମହାଲୁଟ୍ ଅଭିଯୋଗ ଆସିଛି ରଙ୍ଗ ମାରି ପାଖାପାଖି ୧୫୯ କୋଟି ଟଙ୍କା ଚଳୁ କରାଯାଇଥିବା କୁହାଯାଉଛି। ମୋ ସ୍କୁଲ୍ ଅଭିଯାନ, କର୍ପୋସ ଫଣ୍ଡ, ରାଜ୍ୟରେ ପ୍ରତ୍ୟକ ହାଇସ୍କୁଲର ରୁପନ୍ତରୀକରଣ ପାଇଁ ୪୫ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଥିଲା। ହେଲେ ରଙ୍ଗ ମାରି ଟଙ୍କା ହରିଲୁଟ୍ କରାଯାଇଥିବା ବଡ଼ ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ହେଡ୍‌ମାଷ୍ଟରଙ୍କୁ ଚିଠି କରି ବ୍ଲକକୁ ଟଙ୍କା ନେଇ ଯାଉଥିଲେ। ନିର୍ମାଣ କାମ ମନଇଚ୍ଛା କରୁଥିଲେ। କେବଳ କେନ୍ଦ୍ରାପଡ଼ା ଜିଲ୍ଲାର ୩୫୪ଟି ୫ଟି ସ୍କୁଲରୁ ଏପରି ଅଭିଯୋଗ ଆସିଛି ଯେ ଯୋଜନାର ସର୍ତ୍ତାବଳୀ ଅନୁସାରେ ୫ରୁ ୧୦ ପ୍ରତିଶତ, ସ୍କିଲ୍ ମେଣ୍ଟେନାନ୍ସ ବାବଦରେ ଖର୍ଚ୍ଚ ହେବ। ଦୁଇଟି ସ୍ମାର୍ଟ କ୍ଲାସ ରୁମ୍, ଗୋଟିଏ ସ୍ମାର୍ଟ ଲାଇବ୍ରେରି, ଗୋଟିଏ ସାଇନ୍ସ ଲ୍ୟାବ୍ କରାଯିବ। ଏହାର ଆନୁଷଙ୍ଗିକ ସ୍କୁଲ୍ କମିଟି ଓ ପ୍ରଧାନଶିକ୍ଷକ କିଣିବେ। ସ୍କୁଲର ମରାମତି, ଅନ୍ୟାନ୍ୟ ସିଭିଲ ୱାର୍କ ପାଇଁ ଏକ କମିଟି ଗଠନ ହେବ। ସ୍କୁଲ୍ କମିଟି, ଯାହା ଆବଶ୍ୟକ କରିବ ସେହି ଅନୁଯାୟୀ ଏଷ୍ଟିମେଣ୍ଟ ପ୍ରସ୍ତୁତ କରାଯିବ। ସେହି ଅର୍ଥରୁ ଅଳ୍ପ କିଛି ବ୍ଲକ୍ ଆକାଉଣ୍ଟକୁ ଦିଆଯିବ ଓ ବ୍ଲକ୍ କାମ କରିବ। କିନ୍ତୁ ଏଠି ହେଡମାଷ୍ଟରଙ୍କ ଆକାଉଣ୍ଟକୁ ଯେତିକି ଅର୍ଥ ଆସିଲା, ହେଡମାଷ୍ଟରଙ୍କୁ କୁହାଗଲା ସମସ୍ତ ପଇସା, ବ୍ଲକ୍ ଆକାଉଣ୍ଟ କୁ ଦେବା ପାଇଁ। ଏଣୁ ବ୍ଲକ୍ କରିବ କାମ। ହେଲେ କାମ କଣ ହେଲା, ଅନେକ ସ୍କୁଲରେ ଥିବା ପୁରୁଣା ଡେସ୍କ ବେଞ୍ଚରେ ରଙ୍ଗ ମାରି ନୂଆ ଦର୍ଶା ଗଲା। ପୁରୁଣା ଫ୍ୟାନ୍, ଯେଉଁଠି ଭଙ୍ଗା ଦଦରା କାନ୍ଥରେ ରଙ୍ଗ ମାରି ବିଲ କରାଗଲା ତ କେଉଁଠି ନିମ୍ନ ମାନର ଡେସ୍କ ବେଞ୍ଚ କିଣି ବିଲ କରାଯାଇଥିବା ଅଭିଯୋଗ ହୋଇଛି।

### ଯୋଗ୍ୟ ହିତାଧିକାରୀ ତାଲିକା ଦେଇନଥିଲା ବିଜେଡି ସରକାର

# ଫେରିଯାଇଛି ୬.୫୭ଲକ୍ଷ ଘର



**ଭୁବନେଶ୍ୱର :** ବିଜେଡି ସରକାରର ତ୍ରୁଟି ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଆବଣ୍ଟିତ ପ୍ରାୟ ୬.୫୭ଲକ୍ଷ ଘରକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇଥିଲେ। ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଦେବାରେ ଓଡ଼ିଶା ସରକାର ବିଫଳ ହୋଇଥିବାରୁ ଏହି ଘର ଫେରିଯାଇଥିବା ଜଣାପଡ଼ିଛି। ଯଦିଓ ରାଜ୍ୟର ପ୍ରାୟ ୪୧ ପ୍ରତିଶତ ପରିବାର ପାଖରେ ପକ୍କାଘର ନାହିଁ ବୋଲି ଚଳିତମାସରେ ପ୍ରକାଶିତ ଓଡ଼ିଶା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି। ବିଧାନସଭାରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ୨୦୧୬-୧୭ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାକୁ ପ୍ରଦାନ କରିଥିବା ଧାର୍ଯ୍ୟଲକ୍ଷ୍ୟ ମଧ୍ୟରୁ ୬ଲକ୍ଷ ୫୬ହଜାର ୯୪୫ଟି ଗୃହକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ଯୋଗ୍ୟ ହିତାଧିକାରୀ ନଥିବା କାରଣରୁ ପ୍ରତ୍ୟାହାର କରିନେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତାରେ ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅଧୀନରେ ୨୦୧୪-୧୫ ଆର୍ଥିକ ବର୍ଷରୁ ଆଜିସୁଦ୍ଧା ୩୪,୭୨.୦୦୦ ଗୃହ ମଞ୍ଜୁର ହୋଇଛି ଓ ୨୦୧୪ ମସିହା ପୂର୍ବରୁ ମଞ୍ଜୁର ହୋଇଥିବା ୭ଲକ୍ଷ ୪୬ହଜାର ୩୬୪ଟି ଗୃହ ଅସମ୍ପୂର୍ଣ୍ଣ ରହିଛି। ଏପରି ମୋଟ ୪୨ଲକ୍ଷ ୧୮ହଜାର ୩୬୪ ମଞ୍ଜୁର ହୋଇଥିବା ଗୃହ ମଧ୍ୟରୁ ୨୦୧୪-୧୫ ମସିହା ପର୍ଯ୍ୟନ୍ତ ୩୬,୫୭,୮୪୭ ଗୃହର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥି ମଧ୍ୟରୁ ୫ଲକ୍ଷ ୨୭ହଜାର ୬୦୪ ଗୃହ ନିର୍ମାଣଧୀନ ଅଛି ଓ ୩୨,୯୧୩ଗୃହର କାର୍ଯ୍ୟାରମ୍ଭ ହୋଇନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ସ୍ଥାୟୀ କ୍ରମିକ ତାଲିକାରେ ସାମିଲ ହୋଇଥିବା ୧,୨୬,୭୧୯ ପରିବାର ଏବେବି ଗୃହ ମଞ୍ଜୁରୀ ଅପେକ୍ଷାରେ ରହିଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ଧାର୍ଯ୍ୟ ଲକ୍ଷ୍ୟପ୍ରାପ୍ତି ପରେ ସେମାନଙ୍କୁ ଗୃହ ମଞ୍ଜୁର କରାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ସ୍ଥାୟୀ କ୍ରମିକ ତାଲିକାରେ ସାମିଲ ହୋଇନଥିବା ଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା କେନ୍ଦ୍ର ସରକାରଙ୍କ ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟଠାରୁ ଅନୁମତି ମିଳିବା ପରେ ଆରମ୍ଭ କରାଯିବ। ସେହିପରି ବିଧାୟକମାନଙ୍କୁ ସ୍ୱତନ୍ତ୍ର ଘର ବିତରଣ କରିବା ପାଇଁ ବିଜୁ ପକ୍କାଘର ଯୋଜନାରେ ଥିବା ବ୍ୟବସ୍ଥାର ପୁନଃବିଚାର କରି ଆବଶ୍ୟକ ସଂଶୋଧନ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

# ଉତ୍ତର ଓଡ଼ିଶା ଓ ଦକ୍ଷିଣାଞ୍ଚଳ ବିକାଶ ପରିଷଦ ଗଠନ ହେବ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ କ୍ଷେତ୍ରୀୟ ଅସାମଞ୍ଜସ୍ୟ ଦୂର କରିବା ପାଇଁ ଉତ୍ତର ଓଡ଼ିଶା ବିକାଶ ପରିଷଦ ଓ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହାସହିତ ସ୍ୱତନ୍ତ୍ର ପ୍ୟାକେଜ ତୁଳନାରେ ଓଡ଼ିଶାକୁ ଚଳିତ କେନ୍ଦ୍ରୀୟ ବଜେଟରେ ଅଧିକ ପରିମାଣର ଅର୍ଥ ବରାଦ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିରୋଧୀ ଦଳ ସଦସ୍ୟମାନଙ୍କୁ କଡ଼ା ଜବାବ ଦେଇଛନ୍ତି। ବିଧାନସଭାରେ ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ୯୫ହଜାର କୋଟି ଟଙ୍କାର ଲେଖାନୁଦାନ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ଭାଗ ନେଇ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଜ୍ୟର ସବୁ ଅଞ୍ଚଳର ବିକାଶ ହେବ ଓ କୌଣସି ଅଞ୍ଚଳ ଅବହେଳିତ ରହିବ ନାହିଁ। କ୍ଷେତ୍ରୀୟ ଅସାମଞ୍ଜସ୍ୟ ଦୂର କରିବା ପାଇଁ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରାଯିବ। ଏଥିପାଇଁ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ସେହିପରି ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି। କେନ୍ଦ୍ରୀୟ ବଜେଟରେ ବିହାର ଓ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ପ୍ୟାକେଜ୍ ମିଳିଲା କିନ୍ତୁ ଓଡ଼ିଶାକୁ କିଛି ମିଳିଲା ନାହିଁ ବୋଲି ବିରୋଧୀ ଦଳ ସଦସ୍ୟମାନେ କହୁଛନ୍ତି। ମାତ୍ର ବଜେଟକୁ ଠିକ୍ ଭାବେ ଅନୁଶୀଳନ କଲେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ୟାକେଜଠୁ ବି ଅଧିକ ମିଳିଛି ବୋଲି ଶ୍ରୀ ମାଝୀ କହିଛନ୍ତି। ରେଳବଜେଟରେ ଓଡ଼ିଶାକୁ ୧୦୫୦୦କୋଟି ଟଙ୍କା ମିଳିଛି। ୨୦୧୪ ପୂର୍ବର ବଜେଟ୍ ତୁଳନାରେ ୧୨.୫ଗୁଣ ଅଧିକ। ବିରୋଧୀ କହୁଥିବା ସ୍ୱତନ୍ତ୍ର ପ୍ୟାକେଜଠୁ ଏହା ଅଧିକ ନୁହେଁ କି? ଭୁବନେଶ୍ୱର ଚତୁପାର୍ଶ୍ୱରେ ରିଂରୋଡ୍ କରିବା ପାଇଁ ପ୍ରସ୍ତାବ ଦେଇଥିଲି। ଏଥିରେ ୧୧୧.୨ କିମି ରିଂ ରୋଡ୍ ପାଇଁ କେନ୍ଦ୍ର ସରକାର ୫୨୦୦ କୋଟି ବ୍ୟୟ ଅଟକଳ କରିଛନ୍ତି। ଏହା ହେଉଛି ପୂର୍ବୋଦୟ ବିକାଶର କଥା। ଏହା ଯେକୌଣସି ସ୍ୱତନ୍ତ୍ର ଅନୁଦାନଠାରୁ ଯଥେଷ୍ଟ ଅଧିକ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ୨୦୨୩-୨୪ରେ ୯.୫୭ ଲକ୍ଷ ଘର ମିଳିଛି। ପୂର୍ବବର୍ଷ ତୁଳନାରେ ଏହା ଦୁଇ/ତିନି ଗୁଣ ଅଧିକ। ଏହା କ'ଣ ସ୍ୱତନ୍ତ୍ର ବ୍ୟୟବରାଦ ନୁହେଁ କି? ଏଥିରେ ସେମାନେ ଫେଲ୍ ମାରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ଘର ନଦେଇ ଅଯୋଗ୍ୟ ହିତାଧିକାରୀଙ୍କୁ ଘର ଦେଲେ। ତା'ସହିତ ଦୁଇ ଲକ୍ଷ ଦେଇ ନପାରି ଫେରାଇଦେଲେ। କୋଷ୍ଟାଲ ହାଇୱେର ଫୋରଲେନିଂ ପାଇଁ ମଧ୍ୟ ପ୍ରସ୍ତାବ ଚୂଡ଼ାନ୍ତ ହେବାକୁ ଯାଉଛି। ଏହା କ'ଣ ସ୍ୱତନ୍ତ୍ର ଅନୁଦାନ, ସ୍ୱତନ୍ତ୍ର ପ୍ୟାକେଜଠାରୁ ବହୁତ ଅଧିକ। ଏହାସହିତ ଓଡ଼ିଶାରେ ଇକୋନୋମିକ କରିଡର, ଶିଳ୍ପ ପ୍ରତିଷ୍ଠା, ବଡ଼ବିଲରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତାର ଆଠଥାକିଆ ଆଦି ଅନେକ ପ୍ରକଳ୍ପ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି। ତଥାପି ସେମାନେ କହୁଛନ୍ତି ଓଡ଼ିଶାକୁ ସ୍ୱତନ୍ତ୍ର ବ୍ୟୟବରାଦ ହୋଇନାହିଁ। ସରକାରଙ୍କୁ ଉପଯୁକ୍ତ ପ୍ରସ୍ତାବ ନଦେଇ ଗୃହ ତ୍ୟାଗ କରି ଚାଲିଯାଉଛନ୍ତି। ଏହା ଦୁର୍ଭାଗ୍ୟଜନକ ଓ କେବଳ ରାଜନୀତି ବୋଲି ଶ୍ରୀ ମାଝୀ କହିଛନ୍ତି। ସେହିପରି ପୂର୍ବ ସରକାର ରାଜ୍ୟରେ କେନ୍ଦ୍ର ସରକାରଙ୍କ କେତେକ ଯୋଜନା କାର୍ଯ୍ୟକାରୀ କରୁନଥିଲେ। କିନ୍ତୁ ଆମେ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ପୁରା ସୁଯୋଗ ନେଉଛୁ। କେନ୍ଦ୍ର ସରକାରଙ୍କ ଯୋଜନା ତଥା ରାଜ୍ୟସ୍ତରୀୟ ଯୋଜନାଗୁଡ଼ିକର ସଂଯୋଜନ ମାଧ୍ୟମରେ ଆମେ ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛୁ। ଏହି ବଜେଟ୍ ରାଜ୍ୟର ଲୋକଙ୍କ ଆଶା ଓ ଆକାଂକ୍ଷା ପୂରଣ ଓ ଆର୍ଥିକ ସୁପରିଚାଳନା ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ସୁଚିନ୍ତିତ ପ୍ରୟାସ ବୋଲି ଶ୍ରୀ ମାଝୀ କହିଛନ୍ତି।

# ନୂଆ ସରକାର ଓ ଆଳୁ ରାଜନୀତି

ସମ୍ପାଦକୀୟ



ତାରକ ମହାନ୍ତି


ରାଜ୍ୟରେ ଆଳୁ ଚାଷ ହେଉଥିଲେ ଆମ ଲୋକ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଉପରେ ନିର୍ଭରଶୀଳ ହୋଇଥାନ୍ତେ କି? ଯେଉଁ ବିରୋଧୀ ଦଳ ଏବେ ଆଳୁକୁ ନେଇ ଏକ ରାଜନୈତିକ ପ୍ରସଙ୍ଗ କରୁଛନ୍ତି, ସେମାନେ ବୁଝିବା ଦରକାର ଯେ, ମୋହନ ମାଝୀଙ୍କ ବିଜେପି ସରକାର ଶାସନ କ୍ଷମତାକୁ ଆସୁ ଆସୁ ଆଳୁ ଚାଷ କରିଥାନ୍ତେ କି? ଦୀର୍ଘ ୨୫ ବର୍ଷର ଶାସନ କ୍ଷମତାରେ ଥିବା ସରକାର ଯଦି ସେଭଳି କରିପାରିଥାନ୍ତେ ବୋଧେ ଓଡିଶା ଆଳୁ ଦେଶରେ ବିଭିନ୍ନ ରାଜ୍ୟକୁ ଯାଉଥାନ୍ତା। ନିଜେ କିଛି ନକରି ଗୁଡ଼େ ପ୍ରଚାରଯୋଗ୍ୟ ଯୋଜନା କରି ତାହାର ପ୍ରଚାର ରାଜକୋଷ ଅର୍ଥରୁ କରି କେବଳ ବାହାବା ନେବା ବ୍ୟତୀତ ଆଉ କଣ ଥିଲା! ଶୀତଳ ଭଣ୍ଡାର ନକରି ଆଳୁ ମିଶନ ଯେଉଁ କରିଥିଲେ ସେ ଆଳୁ ତ ମହଜୁଦ ରହିବା କଥା, ରହିନି କାହଁକି ତାର ଉତ୍ତର କଣ ମୋହନ ସରକାର ଦେବେ? ମାଳ ମାଳ ମିଛ ଯୋଜନା ଓ ସେହି ଯୋଜନା ନାଁରେ ବ୍ୟାପକ ହରିଲୁଟ କରିଥିବା ସରକାର ଏବେ ଦୋଗଲା ପଣ କରୁଛି କାହଁକି? ଏହା ସତ ଯେ ଯେଉଁ ଦଳ ବିରୋଧୀ ଆସନରେ ରହିବେ ସେ ଶାସକ ଦଳକୁ ବିରୋଧ କରିବା ସ୍ୱାଭାବିକ। କିନ୍ତୁ ଚାଲୁଣି ଓ ଛୁଞ୍ଚି ଉପାଖ୍ୟାନ ଦେଖିଲେ ବିଜେଡି ତ ଚାଲୁଣି ହୋଇ ଦୀର୍ଘବର୍ଷ ଶାସନ କ୍ଷମତାରେ ରହିଥିଲା। ଲୋକେ ପରିବର୍ତ୍ତନ ଚାହିଁଲେ ବୋଲି ତ ରାଜ୍ୟରେ କ୍ଷମତାର ପରିବର୍ତ୍ତନ ଘଟିଲା। ତେଣୁ ଗୋଟିଏ ନୂଆ ସରକାର ପାଇଁ ଅନୁଭବ ନରହିବା ମାମୁଲି କଥା। ଧୀରେ ଧୀରେ ଅନୁଭବ ଆସିଲେ ଶାସକୀୟ ଦକ୍ଷତା ବୃଦ୍ଧି ପାଇବା ସହିତ ପ୍ରତ୍ୟେକ କ୍ଷେତ୍ରରେ ପାରଙ୍ଗମତା ମିଳିବା ବିଚିତ୍ର ନୁହେଁ। କିନ୍ତୁ ଏବେ ବିଜେଡି ମୁଖିଆ ଏଭଳି ଆକ୍ରମଣାତ୍ମକ ଆଚରଣ ପ୍ରଦର୍ଶନ କରୁଛନ୍ତି ଯେଭଳିକି ତାଙ୍କ ଶାସନରେ ସବୁ କିଛି ଠିକଠାକ ଥିଲା। ହଁ, ଶାସନରେ ବା ନୀତିରେ ବିଭ୍ରାଟ ଥିଲେ ଉପଯୁକ୍ତ ମତାମତ ଓ ଯୁକ୍ତି ଦର୍ଶାଇ ସରକାରଙ୍କୁ ବିରୋଧ କରାଯାଇପାରେ। ମାତ୍ର ମୂଲ୍ୟହୀନ ପ୍ରସଙ୍ଗ ଉଠାଇ ପୋଡିଅମ ଉପରକୁ ଚଢିବା, ମାଇକ ଭାଙ୍ଗିବା ଇତ୍ୟାଦି କଣ ଶୋଭନୀୟ? ଯିଏ ବି ବିରୋଧୀ ଦଳରେ ରୁହନ୍ତୁ ନା କାହିଁକି ସେମାନେ ଆଚରଣ ଓ ଉଚ୍ଚାରଣରେ ସଂଯମତା ରଖି ଗୃହ ପରିଚାଳନାରେ ସହଯୋଗ ରଖିଲେ ରାଜ୍ୟର ଅନେକ ସମସ୍ୟାର ସମାଧାନ ହୋଇପାରିବ। କିନ୍ତୁ ଯେତେବେଳେ ଜଣେ ବିରୋଧୀ ଦଳ ବିଧାୟକ ଭାବେ ଗୃହରେ ଆଲୋଚନାରେ ଭାଗ ନେବେ ସେ ତାଙ୍କର ପ୍ରଶ୍ନ ପଚାରିବା ଅଧିକାର ରହିଛି, କିନ୍ତୁ ଏହା ତ ଉତ୍ତମ ବ୍ୟବହାର ସହିତ ହୋଇପାରନ୍ତା। ସେଭଳି ନହୋଇ ଗୃହ କାର୍ଯ୍ୟରେ ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କଲେ ସରକାର ଆଲୋଚନାକୁ ଆଗେଇ ନେଇପାରିବେ କି? ରାଜ୍ୟର ହିତ ଓ ଜନତାଙ୍କ ସମସ୍ୟାର ସମାଧାନ ପାଇଁ ନିର୍ବାଚିତ ପ୍ରତିନିଧି ମାନେ ନିଜର ଦାବି ଉପସ୍ଥାନ କରିବା ବିଧେୟ। ହେଲେ ଯେଉଁ ପ୍ରଶ୍ନ ପଚରାଯିବ ସେଥିରେ ସତ୍ୟତା ଥିବା ଦରକାର। ବିକାଶ ପ୍ରସଙ୍ଗରେ ଶାସକ ଦଳକୁ ଯେତେ ଯେତେ ଅଧିକ ପ୍ରଶ୍ନ କରାଯିବ କାର୍ଯ୍ୟ ସେତିକି ସେତିକି ତ୍ୱରାନ୍ୱିତ ହୋଇପାରିବ ଏବଂ ଏଥିପାଇଁ ଶାସକ ଦଳ ମଧ୍ୟ ଉତ୍ତରଦାୟୀ। ତେଣୁ ସରକାର ଓ ବିରୋଧୀ ଉତ୍ତମ ସମନ୍ୱୟ ରଖିଲେ ଜନତାଙ୍କ ବିକାଶ ହୋଇପାରିବ। ତେଣୁ ବିଜେଡି ଓ କଂଗ୍ରେସ କେବଳ ବିରୋଧ ବାହାନାରେ ଯେତେବେଳେ ଗୃହରେ କେବଳ ହଙ୍ଗାମା କରିବେ ଏଥିରେ କାହାର କଣ ସ୍ୱାର୍ଥ ହାସଲ ହେବ? ଯଦି ଜନତାଙ୍କ ସେବା ପାଇଁ ନେତା ମାନେ ନିର୍ବାଚିତ ହେଉଛନ୍ତି, ସେହି ଜନତାଙ୍କ ଦୁଃଖ ଦୁର୍ଦ୍ଦଶାର ସ୍ୱର ବିଧାୟକ ମାନେ ସରକାରଙ୍କୁ ଜଣାଇ ଏହାର ସମାଧାନ କରିବା ହେଉଛି ଏକ ସୁସ୍ଥ ପରମ୍ପରା।

ତେଣୁ ସବୁ କଥାରେ ରାଜନୀତି ନକରି ପ୍ରସଙ୍ଗ ଭିତ୍ତିକ ଆଲୋଚନା କରି ସକାରାତ୍ମକ ମତାମତ ଦେବା ବଦଳରେ ଯଦି ବିରୋଧୀ ଦଳ କେବଳ ବିରୋଧ କରିଚାଲିବେ ଏଥିରେ ତାଙ୍କର କେଉଁ ସ୍ୱାର୍ଥ ହାସଲ ହେଲା ତାହା ଆଦୌ ବଡ଼କଥା ନୁହେଁ। ଜନତାଙ୍କ ହିତ ହେଉଛି ସବୁଠୁ ବଡ଼ କଥା। ଯେଉଁମାନେ ଜନତାଙ୍କ ହିତ ଭୁଲି କେବଳ ନିଜର ଭାବନା, ନିଜର ଦଳକୁ ବଞ୍ଚାଇ କିଭଳି ପୁଣି କ୍ଷମତା ହାସଲ କରିବେ ଚିନ୍ତା କରିବେ ଏଥିରେ ସେହି ଭୋଟରମାନେ ହିଁ ତାଙ୍କୁ ପୁଣି ଉଚିତ ଶିକ୍ଷା ଦେବେ। ଏକଥା ବିରୋଧୀ ଦଳ ଭୁଲିବା ଉଚିତ ନୁହେଁ। ତେଣୁ ପରିବର୍ତ୍ତିତ ପରିସ୍ଥିତି ସହ ନିଜକୁ ଖାପ ଖୁଆଇବା ନବୀନଙ୍କ ପାଇଁ ବଡ଼ ଆହ୍ୱାନ। କାରଣ ଯେବେଠାରୁ ବିଜେଡିର ମୁଖିଆ ଭାବେ ସେ ମଙ୍ଗ ଧରିଲେ ସେବେଠାରୁ ସେ କ୍ଷମତା ଉପଭୋଗ କରିଚାଲିଥିଲେ। ତେଣୁ ନବୀନ କେବେବି ଚିନ୍ତା କରିନଥିବେ ଯେ ତାଙ୍କୁ ଦିନେ ବିରୋଧୀ ଆସନରେ ବସିବାକୁ ପଡିବ ଓ ତାଙ୍କ ଆସନରେ ଆଉଜଣେ କିଏ ଅନ୍ୟ ଦଳର ଶାସନ କ୍ଷମତାକୁ ଆସିବେ। ସତରେ ଏଭଳି ପରିସ୍ଥିତିର ସାମ୍ନା କରିବା ତାଙ୍କ ପାଇଁ କଷ୍ଟଦାୟକ। ହେଲେ ଆଉ କଣ କରାଯିବ? ପବନର ଗତି ବଦଳାଇବା ମଣିଷ ପକ୍ଷେ ସମ୍ଭବ ନୁହେଁ। ନିଜକୁ ପବନର ଦିଗ ସହ ତାଳ ଦେଇ ରାଜନୀତି କରିବାକୁ ହେବ।

ଯେମିତି କି ଭିକେ ପାଣ୍ଡିଆନ ନିଜ ହାତରେ ବିଜେଡିର ଚାବି ଧରି ହେଲିକେପ୍ଟର ଧରି ସାରା ଓଡିଶା ବୁଲିଲେ। ଅଖଣ୍ଡ କ୍ଷମତାର ଅଧିକାରୀ ହୋଇ ନିର୍ବାଚନ ପ୍ରଚାର ମଧ୍ୟ କଲେ। ପ୍ରଚାର ସଭାରେ ବିଜେପିକୁ ଅସମ୍ଭବ ଭାବେ ତାଚ୍ଛଲ୍ୟ ମଧ୍ୟ କରୁଥିଲେ। ବିଜେପି ଓଡ଼ିଶାରେ ଶାସନ କ୍ଷମତାକୁ ଆସିବା କଥା ଭୁଲିଯିବା କଥା କହିଥିଲେ। ନବୀନଙ୍କ ସହ ନିଜର ବାର୍ତ୍ତାଳାପ ଭିଡିଓ ମଧ୍ୟ ଜାରି କରିଥିଲେ। ଏମିତିକି କ୍ଷମତାରେ ଅନ୍ଧ ଭଳି ଅନେକ ଅନେକ କଥା ନିର୍ବାଚନ ପ୍ରଚାର ବେଳେ କହିଥିଲେ ପାଣ୍ଡିଆନ। ହେଲେ ହେଲା କଣ? ପାଣ୍ଡିଆନ କଣ ପରିସ୍ଥିତିକୁ ବଦଳାଇ ପାରିଲେ ନା ବିଜେଡି ଶାସନ କ୍ଷମତାରେ ରହିଲା। ସେମିତି କିଛି ବି ହେଲାନି, ବରଂ ଭିକେ ପାଣ୍ଡିଆନଙ୍କର ସମସ୍ତ ଗର୍ବ, ଅହଂକାର ଓ ଦମ୍ଭିପଣକୁ ଓଡିଶା ଭୋଟର ଭାଙ୍ଗିଦେଲେ। ଦଳର ଶୋଚନୀୟ ପରାଜୟ ଏବଂ ଜଣେ ବିଜେଡି ସାଂସଦ ପ୍ରାର୍ଥୀ ନଜିତିବା ପରେ ବାବୁ ରାଜନୀତିରୁ ସନ୍ୟାସ ନେଲେ ବୋଲି ଘୋଷଣା କରି ଆତ୍ମଗୋପନ କରି ରହିଲେ। ଏପରିକି ସେ ତାଙ୍କ ସରକାରୀ ବଙ୍ଗଳାକୁ ମଧ୍ୟ ଗଲେନାହିଁ। ପୁଣି ସେ ରହିଲେ କେଉଁଠି? ରହିଲେ ସେଇ ନବୀନ ନିବାସ ଓ ନବୀନଙ୍କ ପାଖରେ, ହେଲେ ପଦାରେ ଆଉ ଦୃଶ୍ୟମାନ ହେଲେନାହିଁ। କିନ୍ତୁ ସେଠାରେ ତପସ୍ୟା ଜାରି ରଖି ପୁଣି ବିଜେଡିକୁ କିଭଳି ଅଧିକ ମଜବୁତ କରିହେବ ସେଠାରେ ନକ୍ସା ଅଙ୍କନ କରୁଛନ୍ତି। ଯାହା ଶୁଣିବାକୁ ମିଳୁଛି, ପୁଣିଥରେ ସନ୍ୟାସ ଜୀବନ ତ୍ୟାଗ କରି ଗ୍ରାହ୍ୟସ୍ତ ଜୀବନ ଆପଣେଇବେ ପାଣ୍ଡିଆନ ଅର୍ଥାତ ବିଜେଡି ପାଇଁ ସାମ୍ନାକୁ ଆସିବେ। ନୂଆ ସରକାର ଆସିବାର ମାତ୍ର ୨ ମାସ ହୋଇଛି। ଏହାରି ଭିତରେ ବିଜେପି ଦେଇଥିବା ପ୍ରତିଶ୍ରୁତି ପାଳନ କରୁଛି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଠାରୁ ଆରମ୍ଭ କରି ରତ୍ନଭଣ୍ଡାର ତାଲା ଖୋଲିବା ପର୍ଯ୍ୟନ୍ତ କାର୍ଯ୍ୟ ସରିଛି। ନବୀନଙ୍କ ଶାସନର ସମୟରେ ଥିବା ଦୁର୍ନୀତିଗ୍ରସ୍ତ ଅଫିସର ଜଣକ ପରେ ଜଣେ ଏବେ ଭିଜିଲାନ୍ସ ଜାଲରେ ପଡୁଛନ୍ତି। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାକୁ ଆଉ ଦିଦିଙ୍କ ଆଳୁ ନୁହେଁ ଯୋଗୀଙ୍କ ଆଳୁ ଭରସା। ହେଲେ ଆଳୁ ସମସ୍ୟାର ସମାଧାନ କ'ଣ ଏତିକି ନା ଆଗକୁ ନିଜସ୍ୱ ଆଳୁରେ ଚଳିବ!


ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# କେରଳ ସରକାରଙ୍କ 'ବୈଦେଶିକ ସଚିବ' ନିଯୁକ୍ତି ପଛରେ କଣ ରହିଛି ରହସ୍ୟ?



ଡ. ସମନ୍ୱୟ ନନ୍ଦ

କେରଳର କମ୍ୟୁନିଷ୍ଟ ସରକାର ବିଭିନ୍ନ ସମୟରେ ବିଭିନ୍ନ କାରଣକୁ ନେଇ ବିବାଦରେ ରହି ଆସିଥାନ୍ତି। ତେବେ ଚଳିତ ଥର ଏକ ଭିନ୍ନ ଧରଣର ପ୍ରସଙ୍ଗକୁ ନେଇ କେରଳର କମ୍ୟୁନିଷ୍ଟ ସରକାର ବିବାଦରେ ଆସିଛନ୍ତି। କେରଳ ସରକାର ଏବେ ଭାରତୀୟ ପ୍ରଶାସନିକ ସେବାର ଜଣେ ମହିଳା ଅଧିକାରୀ କେ. ବାସୁକୀଙ୍କୁ ବୈଦେଶିକ ସଚିବ ଭାବେ ନିଯୁକ୍ତି ଦେଇଥିଲେ। କେରଳର ବିଜୟନ ସରକାର ବୋଧ ହୁଏ ମନେ କରୁଥିଲେ ଯେ କେରଳ ଏବେ ଦେଶ ହୋଇ ସାରିଛି। ତେଣୁ ସେ ସିଧା ସିଧା ବୈଦେଶିକ ସଚିବ ପଦରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି କରି ଦେଲେ।

ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ କୌଣସି ରାଜ୍ୟ କଣ ବୈଦେଶିକ ସଚିବ ପଦରେ କାହାକୁ ନିଯୁକ୍ତି ଦେଇ ପାରିବ? ସମ୍ବିଧାନରେ କଣ ଏ ବାବଦରେ ବ୍ୟବସ୍ଥା ରହିଛି? ସରଳ ଶବ୍ଦରେ ଯଦି ବୁଝିବା ତେବେ ସମ୍ବିଧାନର ସପ୍ତମ ଅନୁଚ୍ଛେଦରେ ବିଭିନ୍ନ ବିଷୟକୁ ତିନୋଟି ତାଲିକା (ଲିଷ୍ଟ)ରେ ବିଭାଜିତ କରାଯାଇଛି। ଗୋଟିଏ ହେଲା ୟୁନିୟନ ଲିଷ୍ଟ, ଗୋଟିଏ ହେଲା ଷ୍ଟେଟ ଲିଷ୍ଟ ଓ ଆଉ ଗୋଟିଏ ହେଲା କନକରେଣ୍ଟ ଲିଷ୍ଟ। ୟୁନିୟନ ଲିଷ୍ଟରେ ଥିବା ବିଷୟ ଗୁଡିକ ସମ୍ପର୍କରେ କୌଣସି ନିୟମ କେନ୍ଦ୍ର ସରକାର କରି ପାରିବେ। ସେହିପରି ଷ୍ଟେଟ ଲିଷ୍ଟରେ ଥିବା ବିଷୟ ଗୁଡିକ ସମ୍ପର୍କରେ ନିୟମ ତିଆରି କରିବାର ଅଧିକାର ରାଜ୍ୟ ସରକାର ମାନଙ୍କ ନିକଟରେ ରହିଛି। ସେହିପରି କନକରେଣ୍ଟ ଲିଷ୍ଟରେ ଥିବା ବିଷୟ ଗୁଡିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମ ତିଆରି କରି ପାରିବେ। ସମ୍ବିଧାନ ନିର୍ମାତା ମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କ୍ଷମତା କଣ ରହିଛି ତାର ସ୍ପଷ୍ଟ ବିଭାଜନ କରିଛନ୍ତି। ତେଣୁ ଏଥିରେ କୌଣସି ପ୍ରକାର ସନ୍ଦେହ ହେବାର ଅବକାଶ ନାହିଁ।

ବୈଦେଶିକ ମାମଲା ବିଷୟଟି ୟୁନିୟନ ଲିଷ୍ଟରେ ରହିଛି। ତେଣୁ ଯଦି ସରଳ ଶବ୍ଦରେ କହିବା ତେବେ କେନ୍ଦ୍ର ସରକାର ହିଁ ଏ ସମ୍ପର୍କରେ କୌଣସି ନିଷ୍ପତି ନେଇ ପାରିବେ। କେନ୍ଦ୍ର ସରକାର ହିଁ କୌଣସି ନିୟମ ତିଆରି କରି ପାରିବେ ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ କୌଣସି ନିଯୁକ୍ତି କରି ପାରିବେ। ରାଜ୍ୟ ସରକାରଙ୍କର ଏଭଳି କରିବାର କୌଣସି ଅଧିକାର ହିଁ ନାହିଁ। ତେଣୁ କେରଳର କମ୍ୟୁନିଷ୍ଟ ସରକାର ଦ୍ୱାରା ଆଇଏଏସ ଅଧିକାରୀ କେ. ବାସୁକୀଙ୍କୁ ଏଭଳି ଦାୟିତ୍ୱ ପ୍ରଦାନ କରିବାକୁ ରାଜ୍ୟ ସରକାର ସମ୍ବିଧାନ ଉଲ୍ଲଂଘନ ବୋଲି ଧରା ଯାଉଛି।

ହେଲେ ଏଭଳି ନିଯୁକ୍ତିକୁ ସବୁଆଡୁ ବିରୋଧ ହେବାର ଥିଲା ଓ ହେଲା ମଧ୍ୟ। ସମସ୍ତେ ଏହାକୁ ବିରୋଧ କରି ଏହା ସମ୍ବିଧାନର ବ୍ୟବସ୍ଥାର ପରିପନ୍ଥୀ ବୋଲି କହିଲେ। ଶେଷରେ କେରଳର କମ୍ୟୁନିଷ୍ଟ ସରକାର ଏହା ପରେ ଏହି ପ୍ରସଙ୍ଗରେ କଥାକୁ ବଦଳାଇବାକୁ ଚେଷ୍ଟା କଲେ। ବିବାଦ ବଢିବା ଦେଖି କେରଳ ସରକାର ସ୍ପଷ୍ଟୀକରଣ ଦେଇ ଦାବି କରିଛନ୍ତି ଯେ ମହିଳା ଅଧିକାରୀ ବାସୁକୀଙ୍କୁ କେରଳର ବୈଦେଶିକ ସଚିବ ପଦରେ ନିଯୁକ୍ତି ଦିଆଯାଇ ନାହିଁ। ତାଙ୍କୁ "ଏକ୍ସଟର୍ନାଲ କୋ-ଅପରେସନ" ଅଥବା ବାହ୍ୟ ସହଯୋଗ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ଭାରତର ବୈଦେଶିକ ମନ୍ତ୍ରଣାଳୟ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ।

ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ସମ୍ବିଧାନ ସମ୍ପର୍କରେ ଏହି ସାଧାରଣ କଥାକୁ କଣ କେରଳର କମ୍ୟୁନିଷ୍ଟ ସରକାର ଓ ଏହାର ମୁଖ୍ୟମନ୍ତ୍ରୀ ବିଜୟନ ବୁଝି ନାହାନ୍ତି। ବିଜୟନ ଜଣେ ପୁରୁଣା ରାଜନୀତିଜ୍ଞ। ଅନେକ ବର୍ଷ ଧରି ସେ କେରଳର ମୁଖ୍ୟମନ୍ତ୍ରୀ ରହିଛନ୍ତି। ତେଣୁ ସେ ଏହି ସାଧାରଣ ବିଷୟଟିକୁ ବୁଝି ନ ଥିବେ ବୋଲି ଭାବିବା ଆଦୌ ଠିକ ନୁହେଁ। ତା ହେଲେ ସେ ଏଭଳି କାହିଁକି କରିଥିଲେ। ସେ କଣ କେରଳକୁ ଏକ ଦେଶ ବୋଲି ଭାବିବା ଆରମ୍ଭ କରିବା ସହ ଏ ଦିଗରେ କାମ ଆରମ୍ଭ କରିଛନ୍ତି। ସେ ଜାଣିଛନ୍ତି ଯେ ସେ ଯାହା କରୁଛନ୍ତି ତାହା ଦେଶର ସମ୍ବିଧାନ ଅନୁସାରେ ସମ୍ଭବ ନୁହେଁ। ଏହା ସତ୍ତ୍ୱେ ସେ ଏଭଳି କାମ କାହିଁକି କରୁଥିଲେ? ଏହାର କଣ କିଛି ବିଶେଷ କାରଣ ରହିଛି?

ତେବେ ବିରୋଧୀ ଦଳ ବିଜେପି ପକ୍ଷରୁ ଏହାକୁ ନେଇ ଯେଉଁ ଅଭିଯୋଗ କରାଯାଉଛି ସେଥିରେ କଣ କିଛି ସତ୍ୟତା ରହିଛି? ବିଜେପି ପକ୍ଷରୁ କୁହା ଯାଇଛି ଯେ କେରଳର କମ୍ୟୁନିଷ୍ଟ ସରକାରର ମୁଖ୍ୟ ଅର୍ଥାତ ମୁଖ୍ୟମନ୍ତ୍ରୀ ପିନାୟରୀ ବିଜୟନ ଓ ଅନ୍ୟ ନେତା ମାନଙ୍କ ଉପରେ ବିଦେଶରୁ ସ୍ୱର୍ଣ୍ଣ ସ୍ମଗଲିଂ କରିବା ଓ ବିଦେଶରୁ ଧନ ଏକତ୍ରିତ କରିବା ଭଳି ଅଭିଯୋଗ ମାନ ରହିଛି। କମ୍ୟୁନିଷ୍ଟ ସରକାରରେ ଥିବା ଲୋକ ମାନେ କଣ ତାଙ୍କର ଏଭଳି ବେଆଇନ କାର୍ଯ୍ୟକୁ ସହଜରେ କରିବା ଉଦ୍ଦେଶ୍ୟରେ କଣ ଏଭଳି ପଦକ୍ଷେପ ନେଇଛନ୍ତି? ଏଭଳି କିଛି ପ୍ରଶ୍ନ ବର୍ତ୍ତମାନ ସାମନାକୁ ଆସୁଛି।

ଏବେ ଦେଖିବା ଯେ କେରଳର କମ୍ୟୁନିଷ୍ଟ ସରକାରରେ ଥିବା ଲୋକ ମାନଙ୍କ ବିରୁଦ୍ଧରେ କଣ କଣ ଅଭିଯୋଗ ମାନ ରହିଛି ଓ କେଉଁ କେଉଁ ମାମଲାରେ ସେମାନେ ଯାଞ୍ଚର ସମ୍ମୁଖୀନ ହେଉଛନ୍ତି। କେରଳର ମୁଖ୍ୟମନ୍ତ୍ରୀଙ୍କ ଉପରେ ୟୁଏଇ କନସୁଲଲେଟ ଜରିଆରେ ସୁନା ସ୍ମଗଲିଂ ଓ ବିଦେଶରୁ ଧନ ଏକତ୍ରିତ କରିବା ଭଳି ଗୁରୁତର ଅଭିଯୋଗ ରହିଛି। କେରଳର ମୁଖ୍ୟମନ୍ତ୍ରୀ, ତାଙ୍କ ମନ୍ତ୍ରୀ ମଣ୍ଡଳର ସହଯୋଗୀ ମାନଙ୍କ ବ୍ୟତୀତ ବାଚସ୍ପତିଙ୍କ ଉପରେ ପ୍ରଟୋକଲ ଉଲ୍ଲଂଘନ କରାଯାଇଥିବା ନେଇ ଅଭିଯୋଗ ରହିଛି ଓ ବିଭିନ୍ନ ଏଜେନ୍ସି ମାନଙ୍କ ଦ୍ୱାରା ଜାଂଚ ଜାରୀ ରହିଛି। କେବଳ ସେତିକି ନୁହେଁ ପୂର୍ବବର୍ତ୍ତୀ ପିନାୟରୀ ବିଜୟନଙ୍କ ସରକାରରେ ପୂର୍ବତନ ଅର୍ଥ ମନ୍ତ୍ରୀ ଥମାସ ଆଇଜାକଙ୍କ କାର୍ଯ୍ୟକଳାପର ପ୍ରବର୍ତନ ନିର୍ଦେଶାଳୟ ପକ୍ଷରୁ ଯାଞ୍ଚ କରାଯାଉଛି। ତାଙ୍କ ଉପରେ ଏଫସିଆରଏ ଅଧିନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି। ସେହିପରି ଡଲାର ଓ ଅନ୍ୟ କରେନ୍ସି ସ୍ମଗଲିଂ ମାମଲାରେ ମଧ୍ୟ ଯାଞ୍ଚ କରାଯାଉଛି।

ତା ହେଲେ କଣ କେରଳର କମ୍ୟୁନିଷ୍ଟ ସରକାରର ମୁଖ୍ୟ ପିନାୟରୀ ବିଜୟନ ଓ ତାଙ୍କ ଅନ୍ୟ ସହଯୋଗୀ ମାନଙ୍କ ଉପସାଗରୀୟ ଦେଶ ମାନଙ୍କ ସହ ହୋଇଥିବା ବିତ୍ତୀୟ ଦେଣ ନେଣକୁ ସୁରକ୍ଷା ପ୍ରଦାନ କରିବା ପାଇଁ କଣ କେରଳ ସରକାର ସମ୍ବିଧାନର ଭାବନାକୁ ଉଲ୍ଲଂଘନ କରି ବୈଦେଶିକ ସଚିବ ଓ ପରେ ବିବାଦ ବଢିବା କାରଣରୁ ଏକ୍ସଟର୍ନାଲ କୋ-ଅପରେସନ" ପଦରେ ଅଧିକାରୀଙ୍କୁ ନିଯୁକ୍ତି ଦେଇଥିଲେ। କେରଳ ସରକାରଙ୍କ ବିରୁଦ୍ଧରେ ଆସିଥିବା ଏହି ଅଭିଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଓ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯିବା ହେଉଛି ସମୟର ଆବଶ୍ୟକତା।

# ଅପେକ୍ଷାର ଫଳ



ଡଃ.କିଶୋର ମହାନ୍ତି

ଅପେକ୍ଷାର ଫଳ କେମିତି ଲାଗେ ଯିଏ ଅପେକ୍ଷା କରିଛି ତାକୁ ହିଁ ଏକଥା ଭଲ ଭାବରେ ଜଣା। ଅପେକ୍ଷାର ଫଳ ଥୋକେ ମିଠା ବୋଲି କହୁଥିଲା ବେଳେ ଆଉ କିଛି ଉତର ନଦେଇ ମୁହଁ ଆଡ଼େଇ ଦେଇ ଚାଲିଯାଆନ୍ତି। ଅପେକ୍ଷା କରି ରହିଥିବା ଏ ପ୍ରକାର ବ୍ୟକ୍ତି ବିଶେଷଙ୍କୁ ପଚାରିଲେ ସେମାନେ ମୁହଁଟାକୁ ଆମ୍ବିଳା କରି ଦେଇଥାନ୍ତି।

ସତ କହିବାକୁ ଗଲେ ଏଇ ଅପେକ୍ଷାଟା ଭୀଷଣ କଷ୍ଟ ଦାୟକ। ଅପେକ୍ଷା କରି ଆଖିରୁ ପାଣିମରେ କିନ୍ତୁ ଠିକ୍ ବେଳେ ଅସଲ ବ୍ୟକ୍ତି ଖୋଜୁଥିବା ଚିଜ ମିଳେନା।

ଜୀବନଟା ସାରା ଅପେକ୍ଷା। ଜୀବନଟା ସବୁବେଳେ ଅପେକ୍ଷା କରି କରି ରହେ। ସଭିଙ୍କୁ ଏହି ନିରୁତ୍ସାହତ ଅପେକ୍ଷା ବା ପ୍ରତୀକ୍ଷାର ସମ୍ମୁଖୀନ ହେବାକୁ ନପଡ଼ି ଥିବ ଏକଥା କେହି କହି ପାରିବେନି। କିନ୍ତୁ ଏ ପ୍ରତୀକ୍ଷା ରହିବ ହିଁ ରହିବ। ଯେମିତି ଚାତକଟିଏ ଅପେକ୍ଷା କରି ରହିଥାଏ ଆକାଶରେ ମେଘ ବର୍ଷିଲେ ପାଣି ଟୋପାକୁ, କୋଇଲିର ଅଦ୍ଭୁତ ପ୍ରତୀକ୍ଷା ବସନ୍ତ ଆସିଗଲେ ଆନନ୍ଦରେଚ୍ୟୁତ ଡ଼ାଳରେ ବସି ପଞ୍ଚମତାନରେ ଗୀତ ଗାଇବାକୁ। ଶାନ୍ତ ଯମୁନା ଅପେକ୍ଷା କରେ କଳା କାହ୍ନୁଙ୍କର ଗୋପୀମାନଙ୍କ ସହ ମିଶିବାର ଭବ୍ୟଲୀଳାକୁ। ଅଭିସାରିକାର ପ୍ରତୀକ୍ଷା କେବଳ ପ୍ରେମିକାର ଦିବ୍ୟସାନିଧ୍ୟ। ସୁପ୍ରଭାତରେ ସୂର୍ଯ୍ୟଙ୍କ କୀରଣର ସ୍ୱର୍ଶ ଟିକିଏ ପାଇବା ପାଇଁ ଉପରକୁ ମୁଣ୍ଡ ଟେକି ଚାହିଁ ରହିଥାଏ ଫୁଲଟିଏ। ନବ ଜାତକ କେତେ କଷ୍ଟରେ ମାତୃଗର୍ଭରେ ଅପେକ୍ଷାରତ ଥାଏ ଅନ୍ଧାରରୁ ଆଲୋକକୁ ଆସିବା ପାଇଁ।

ବୀଜବପନ କରି ଆସି ଚାଷୀଟିଏ ଅପେକ୍ଷା କରି ବସେ କେମିତି କେତେବେଳେ ମାଟିରୁ ବାହାରି ଆସିବ ଗଛ। ଗଛ ପତ୍ର, ଫୁଲ, ଫଳରେ ଲଦି ହୋଇଯିବ- ଅତୀବ ଗ୍ରୀଷ୍ମ, ତଥା ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଆମେ ଅନେଇ ଥାଉ କେମିତି ବର୍ଷା ବର୍ଷିଯିବ ଏ ଧରା ପୃଷ୍ଠରେ। ଏମିତି ପ୍ରଭୁଙ୍କ ଦର୍ଶନରେ କିଛି କିଛି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ମହାପ୍ରୟାଣ ଘଟିଛି ଠାକୁରଙ୍କ ଦର୍ଶନ ମିଳିନି।

ଏବେ ତାର ଖବର ସମସ୍ତଙ୍କ ନଜରକୁ ବି ଆସିଥିବ। ଏଣୁ ଭକ୍ତଟିଏ ଏ ଅପେକ୍ଷାର ମାୟାଜାଲରେ ପଡ଼ି ଗୁରେଇ ତୁରେଇ ହେବା ସ୍ୱାଭାବିକ।

ପ୍ରସିଦ୍ଧ ନାଟ୍ୟକାର ସମୁଏଲ ବେକେଟଙ୍କର ରଚିତ ନାଟକ "ୱେଟିଂ ଫର ଗୋଡ୍ଡୋ"ରେ ସେଇ ଅବସ୍ଥା। ଗୋଡ଼ାକୁ ଭେଟିବାର ଯେଉଁ ଆଗ୍ରହ କିନ୍ତୁ ନାଟକ ଶେଷରେ ଗୋଡ଼ ଆସୁ ନାହିଁ। ଅନ୍ୟାନ୍ୟ ଚରିତ୍ରଙ୍କ ମଧ୍ୟରେ ଯେଉଁ ବିରକ୍ତିର ଭାବ ପରିଲକ୍ଷିତ ହୋଇଛି,ଏହାର ବିଶଦ ବର୍ଣ୍ଣନା ସେଇ ନାଟକରୁ ହିଁ ମିଳେ। ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କର ୧୪ ବର୍ଷର ଅପେକ୍ଷା କେବଳ ମା ସୀତାଙ୍କୁ ଉଦ୍ଧାର ପାଇଁ ଓ ରାବଣର ବିନାଶ ପାଇଁ।

ପୁରାଣରେ କୋକୁଆ' ଆସିବାକୁ ସମସ୍ତେ ଅପେକ୍ଷା କରିଛନ୍ତି - କିନ୍ତୁ କୋକୁଆ ଭୟରେ ନିଜ ନିଜ ଭିତରେ ସଂଗ୍ରାମ ହେଇ ଉଭୟେ ଉଭୟଙ୍କର ଜୀବନ ଦେଇଛନ୍ତି ଓ ଯଦୁବଂଶ ଧ୍ୱଂସ ହେଉଛି। ଏବି ଏକ ପ୍ରକାର ପ୍ରତୀକ୍ଷା କୋକୁଆକୁ।

ବିବାହ ବେଦୀକୁ ବର ଆସୁନାହିଁ ଏ ଏକପ୍ରକାର କନ୍ୟା ଓ କନ୍ୟା ପିତାଙ୍କର ଅପେକ୍ଷା।

ବାଟରେ ବରଯାତ୍ରୀଙ୍କ ମଧ୍ୟରେ ବଚସା ପାଟିତୁଣ୍ଡ ଓ ବାଡିଆ ପିଟା ହୋଇ ରକ୍ତାକ୍ତ ହେବା ଘଟଣା ଅପେକ୍ଷାର ଅନ୍ତ ଘଟାଇଛି। ନେତାଙ୍କୁ ନେଇ ବି ସେଇ ଅପେକ୍ଷା, ଶିଳାନ୍ୟାସ ବା ଭିତିପ୍ରସ୍ତର ସ୍ଥାପନ କରି ମନ୍ତ୍ରୀ ଚାଲିଯାଇଛନ୍ତି। ଗୋଟାଏ ବଡ଼ ପ୍ରକଳ୍ପର ଭରସା ଦେଇ - ଲୋକମାନେ ଅପେକ୍ଷାରେ ଥାନ୍ତି ପ୍ରକଳ୍ପ ଆରମ୍ଭ କେବେ ହେବ ତାର ଶେଷ ଅର୍ଥାତ୍ ଗୃହ ପ୍ରବେଶ କେବେ ହେବ ବୋଲି। କିନ୍ତୁ କେତେ କେତେଟା ନିର୍ବାଚନ ଶେଷ ହୁଏ ପ୍ରକଳ୍ପର ପରିସମାପ୍ତି ଘଟେ ନାହିଁ ସେଇ ସ୍ଥାନଟି ଗୋଚର ପାଲଟେ, ସେଠି ଗୋରୁ, ଛେଳି, ମେଣ୍ଢାଙ୍କର ଚରାଭୂଇଁ ହେଇଯାଏ।

କୁହନ୍ତି ନି ଚାଷୀ ହୁଡିଲେ ବରଷେ, ଭୋଟର ହୁଡିଲେ ପାଞ୍ଚବର୍ଷ। ଏମିତି କେତେ କେତେ ପାଞ୍ଚବର୍ଷର ଅପେକ୍ଷା କିନ୍ତୁ ଫଳ ଶୂନ୍ୟ। ସ୍ଥାନୀୟ ଅଧିବାସୀ ନିରାଶ ହୋଇ ଯାଇଥାନ୍ତି। ଏମିତି ଅପେକ୍ଷା କରି କରି ନିଜକୁ ବି ଅପେକ୍ଷା କରିବାକୁ ପଡେ ଯେବେ ନିଦ ହୁଏ ନାହିଁ ତେବେ ତାକୁ ବି ଏ ମଣିଷ ଅପେକ୍ଷା କରିଥାଏ। ସତରେ ଜୀବନ ଯାତ୍ରାକୁ ଏ ପ୍ରତୀକ୍ଷା ହଇଚଇ କରିଦିଏ। ପୂଜା ସାମଗ୍ରୀ ଠିକ୍ କରି ଶୁଦ୍ଧ ପୂତ ମନରେ ବସି ସଜା ପାଇଁ ପ୍ରସ୍ତୁତ ହେଲାବେଳକୁ ପୂଜାରୀ ବାପୁଡ଼ା କୋଉ ସହସା ଆସୁଛନ୍ତି ତେଣୁ ତାଙ୍କୁ ବି ଅପେକ୍ଷା କରିବାକୁ ହୁଏ। ପ୍ରତୀକ୍ଷାର ଅନ୍ତଃ କାହିଁ? ସାରା ଜୀବନ ଏମିତି ଅପେକ୍ଷାରେ ବିତିଯାଏ। ରୋଗୀଟିଏ ହେଇଗଲେ ଆହୁରି ହିନସ୍ତା, ଦହଗଞ୍ଜ। ବଇଦକୁ ଅପେକ୍ଷା, ବଇଦ ମିଳିଗଲା ପରେ ଠିକ୍ ଡୋଜ ମିଳୁ ନାହିଁ ତାକୁ ବି ଅପେକ୍ଷା।

ପୁନରାୟ ଯଦି ଚିକିତ୍ସା ପାଇଁ ଡ଼ାକ୍ତରଖାନାରେ ଭର୍ତିହେଇଗଲ ଏଠି ବେଡ଼ ଖଣ୍ଡେ ପାଇବାକୁ ବି ଅପେକ୍ଷା। ଆଉ ବି ବଡ଼ ହିନସ୍ତା, ଏକଥା କାହାକୁବା ଅଛବା ନାହିଁ। ଗରୀବ ନିମ୍ନଶ୍ରେଣୀର ପରିବାର ପାଇଁ ସରକାର ଏବେ ଯେଉଁ ଯୋଜନା କରିଛନ୍ତି, ଏପରିକି ଟଙ୍କିକିଆ ଚାଉଳ ପାଇବା ପାଇଁ ହେଉ ବା ଭତା ପାଇବା ପାଇଁ ହେଉ ତାପାଇଁ ବି ଅପେକ୍ଷା କରିବା ଟା ସୁନିଶ୍ଚିତ। ଏଇଠି କବି ଯଦୁମଣି ଲେଖିଲେ -

ଛାମୁଁ ଯାହା ଦେଲେ ହରଷେ
ପାଉ ପାଉ ଗଲା ବରଷେ।
ବାଛି ବାଛି କି ଦେଲ ପଡିଆ
ଶ୍ରାବଣ ମାସରେ ଭାଙ୍ଗେ ନଡ଼ିଆ
ଏମନ୍ତ ଭୂଇଁ ଚାକୁଣ୍ଡା ବୁଣିଲେ
ଉଠଇ ନାହିଁ।

ଏମିତି ଚାହିଁ ଚାହିଁ ଜଳକା ହେବ ସିନା ବିଳମ୍ବ ହେଉଥିବ ସବୁବେଳେ, ଏଇତ ଅପେକ୍ଷାର ଭିତିର କଥା। ପିତାମାତା ନିଜ ପୁତ୍ର ସନ୍ତାନକୁ ପାଠ ପଢାଇ ମଣିଷ କରି ବିଦେଶକୁ ପଠାଇ ଦିଅନ୍ତି ହେଲେ ସେମାନେ ଫେରନ୍ତି ତ ଅପେକ୍ଷାର ଶେଷ ନ ଥାଏ ଏଣେ ଅପେକ୍ଷା କରିକରି ଜୀବନ ଚାଲିଯାଏ। ଏହାଠାରୁ ବଳି ଦୁଃଖ ଆଉ କଣ ହେଇପାରେ।

ଜନ୍ମରୁ ମରଣ ଯାଏ ଅପେକ୍ଷା। ଚାକିରୀ ପାଇବା ପାଇଁ ଅପେକ୍ଷା, ତେଲ ଲୁଣ ସଂସାର ଚଳାଇବା ପାଇଁ ଢେର ଅପେକ୍ଷା। ଏଣୁ କେମିତି କହିବା ଆଜିର ଯୁଗରେ ଅପେକ୍ଷାର ଫଳ ମିଠା। ମୃତ୍ୟୁ ପରେ ବି ମଶାଣୀରେ ଲମ୍ବାଧାଡି ସେଇ ଅପେକ୍ଷା। ପାଳି ପଡ଼ିଲେ ଶବ ଦାହ ହେବ। ଏସବୁଗୁଡିକୁ ବିଚାରକୁ ନେଲେ କେତେକାଂଶରେ କେଉଁ ବ୍ୟକ୍ତିଙ୍କ ଭାଗ୍ୟରେବି ଅପେକ୍ଷାର ଫଳ ମିଠା ହେଇପାରେ।


ଦୂରଭାଷ : ୯୪୩୭୭୨୮୪୭୫


# ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା; ଇତିହାସ ଓ ବର୍ତ୍ତମାନର ସମୀକ୍ଷା



ଉଦୀପ୍ତ ନାରାୟଣ ସାହୁ

ଆମେ ସବୁବେଳେ ଗର୍ବରେ କହୁ ଆମେ ଭାରତୀୟ। ଦେଶକୁ ମାତୃରୂପୀ ଦୃଷ୍ଟିଭଙ୍ଗୀରେ ଦେଖୁଥିବା ଏକମାତ୍ର ସମାଜ ହେଉଛି ଭାରତୀୟ ସମାଜ। ଭାରତ ମାତୃଆରାଧନାକୁ ନିଜ ଭିତରରେ ଚରିତାର୍ଥ କରିପାରିଛି କେବଳ ମାତ୍ର ଭାରତର ଉଚ୍ଚକୋଟିର ଜ୍ଞାନବୈଭବ ହେତୁରୁ। ଇତିହାସର ପୃଷ୍ଠା ଲେଉଟାଇଲେ ଦେଖିବାକୁ ମିଳେ ଅଧୁନା ନିଜକୁ ନିଜେ ବିଶ୍ୱର ସର୍ବଶ୍ରେଷ୍ଠ ସ୍ଥାନ ଦେଉଥିବା ଦେଶଗୁଡିକର ଯେତେବେଳେ ଅସ୍ତିତ୍ୱ ନଥିଲା, ଯେତେବେଳେ ସଭ୍ୟ ସମାଜରେ ମଣିଷ କିପରି ବଞ୍ଚେ ସେସବୁ ସେମାନଙ୍କୁ ଜଣା ନଥିଲା; ଠିକ୍ ସେହି କାଳ ରେ ଭାରତର ତରୁଣ ଯୁବସମାଜ ଠାରୁ ବୃଦ୍ଧବୟସ୍କ ପର୍ଯ୍ୟନ୍ତ ବେଦାଦିଶାସ୍ତ୍ର ଅଧ୍ୟୟନରେ ବ୍ୟସ୍ତ ଥିଲା। ଭାରତର ସୃଷ୍ଟି କେବେଠାରୁ ହୋଇଛି, ତା'ର କୌଣସି ସଠିକ୍ ବିବରଣୀ କେହି କହିପାରନ୍ତି ନାହିଁ। ମନେହୁଏ ବିଶ୍ୱର ସୃଷ୍ଟିପରେ ମାନବ ସଭ୍ୟତା, ଶୃଙ୍ଖଳିତ ସାମାଜିକ ବ୍ୟବସ୍ଥା ସହ ସମଗ୍ର ଜଗତକୁ ମାର୍ଗଦର୍ଶନ କରିବା ପାଇଁ ସୃଷ୍ଟିକର୍ତ୍ତା ବୋଧ ହୁଏ ଜଗତଗୁରୁ ଭାରତର ସୃଷ୍ଟି କରିଥିଲେ। ଭାରତ ଶବ୍ଦର ଅର୍ଥର ବିଶ୍ଳେଷଣ କଲେ ଆମେ ଜାଣିବା 'ଭା' ର ଅର୍ଥ ହେଉଛି ଜ୍ଞାନ ଓ 'ରତ'ର ଅର୍ଥ ହେଉଛି ଅନୁସନ୍ଧାନ କରିବା ବା ସାଧାରଣ ଅର୍ଥରେ ଲାଗିରହିବା। ଏଣୁ ଯେଉଁ ରାଷ୍ଟ୍ର ସଦାସର୍ବଦା ଜ୍ଞାନର ଅନୁସନ୍ଧାନରେ କାର୍ଯ୍ୟରତ ତାହା ଆମର ପ୍ରିୟ ଭାରତବର୍ଷ। ଭାରତରେ ବର୍ତ୍ତମାନର ଶିକ୍ଷକ ଓ ଛାତ୍ର ସମାଜର କ୍ରିୟା, କର୍ମ ଏବଂ ଶିକ୍ଷାନୁଷ୍ଠାନ ଏହି ତ୍ରିମୁଖୀ ସମାୟୋଜନ ମଧ୍ୟରେ ତାଳମେଳ ନଥିବାର ଦେଖିବାକୁ ମିଳୁଛି। ଶିକ୍ଷା ବର୍ତ୍ତମାନ ଭାରତରେ ବ୍ୟବସାୟର ଏକ ନୂତନ ଏବଂ ଲାଭବାନ ଅଙ୍ଗ ହୋଇଯାଇଛି। ଯେଉଁ ଦେଶରେ ହଜାର ହଜାର ବର୍ଷ ତଳୁ ନିଃଶୁଳ୍କ ବିଦ୍ୟାଦାନର ବ୍ୟବସ୍ଥା ଚାଲିଆସିଥିଲା ବର୍ତ୍ତମାନ ସେହି ଦେଶରେ ଶିକ୍ଷାର ପୂର୍ଣ୍ଣ ବ୍ୟବସାୟିକରଣ ହୋଇସାରିଛି। ଭାରତର ଗୁରୁକୂଳ ବ୍ୟବସ୍ଥା ବିଶ୍ୱର ସର୍ବପ୍ରାଚୀନ ଶିକ୍ଷାନୁଷ୍ଠାନର ଜ୍ୱଳନ୍ତ ଦୃଷ୍ଟାନ୍ତ। ପ୍ରାଚୀନ ଭାରତରେ ପାଖାପାଖି ୭୨୦୦୦ ଗୁରୁକୂଳ ଥିଲା ବୋଲି କଳନା କରାଯାଏ। ଗୁରୁକୂଳରେ କେବଳ ବେଦାଦିଶାସ୍ତ୍ର ଅଧ୍ୟୟନ ହେଉନଥିଲା, ସେଠାରେ ବିଜ୍ଞାନ, ସାହିତ୍ୟ, କାବ୍ୟ-କବିତା, ସଂସ୍କୃତି, ପରମ୍ପରା, ଇତିହାସ, ରାଜନୀତିବିଜ୍ଞାନ ଅନେକ ବିଷୟ ଉପରେ ଶିକ୍ଷା ଦିଆଯାଉଥିଲା। ଶିଶୁର ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ନିମନ୍ତେ ଆବଶ୍ୟକ ଶିକ୍ଷା ଗୁରୁକୂଳରେ ଦିଆଯାଉଥିଲା। ଅନ୍ୟଏକ ପ୍ରସଙ୍ଗ ହେଉଛି ବର୍ତ୍ତମାନ ଅନେକ ପ୍ରକାରର ଆନୁଷ୍ଠାନିକ କାର୍ଯ୍ୟରେ ଶିକ୍ଷକ ଓ ଅଧ୍ୟାପକ ମାନଙ୍କୁ କାର୍ଯ୍ୟଭାର ଦିଆଯିବା ହେତୁରୁ ଶ୍ରେଣୀଗୃହ ଶିକ୍ଷା ଅନେକ ସମୟରେ ବାଧା ପାଉଛି। ଆମେ ବର୍ତ୍ତମାନ ବ୍ୟବସ୍ଥାରେ କେବଳ ପୁସ୍ତକଗତ ଶିକ୍ଷାଦାନ ରେ ଗୁରୁତ୍ୱ ଦେଇଛୁ। ବ୍ୟବହାରିକ ତଥା ବାସ୍ତବ ଜ୍ଞାନକୌଶଳ ବିଷୟରେ ଶିକ୍ଷା ଆମେ ଦେଇପାରୁନାହୁଁ। ଏଣୁ ଗବେଷଣା ଓ ଅନୁସନ୍ଧାନ ଦିଗରେ ବିଦ୍ୟାର୍ଥୀ ମାନଙ୍କର ଆଶାନୁରୂପ ଯୋଗଦାନ ପରିଲକ୍ଷିତ ହେଉନାହିଁ। ବ୍ୟକ୍ତି ଏବଂ ରାଷ୍ଟ୍ର ଉଭୟ ଉଭୟଙ୍କର ପରିପୁରକ। ବ୍ୟକ୍ତି ଭିନ୍ନ ରାଷ୍ଟ୍ର ଓ ରାଷ୍ଟ୍ର ବିନା ବ୍ୟକ୍ତି ଦୁଇଟିଯାକ ଅସ୍ତିତ୍ୱହୀନ ଭଳି। ଭାରତୀୟ ମୂଳ ବିଚାରର ସଂସ୍କୃତିରେ ଆମେ ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠି ରାଷ୍ଟ୍ରକୁ ଗୁରୁତ୍ୱ ଦେଇଆସିଛୁ। ହେଲେ ବର୍ତ୍ତମାନ ଆମର ସମାଜର ବ୍ୟକ୍ତି ବିଶେଷଙ୍କର କାର୍ଯ୍ୟକ୍ରମ ବ୍ୟକ୍ତି ସ୍ୱାର୍ଥ ମୁଖୀ ହୋଇଯାଉଛି। ଏହାର ମୂଳରେ ଆମର ଶିକ୍ଷା ବ୍ୟବସ୍ଥାରେ ସ୍ୱଦେଶୀ ବିଚାରର ଅଭାବ ଏହା ଏକ ମୁଖ୍ୟ କାରଣ। ଆମେ ଯେଉଁ କାରଣ ପାଇଁ ବ୍ୟକ୍ତିକୁ ଶିକ୍ଷାରୂପୀ ଆଲୋକ ଦେଖାଉଛୁ, ବ୍ୟକ୍ତି ଯଦି ସେହି ଆଲୋକକୁ ଦୀପ ଜଳାଇବାରେ ବ୍ୟବହାର ନକରି ସମାଜକୁ ଧ୍ୱଂସ କରିବା ନିମିତ୍ତ ବିସ୍ଫୋରଣ ରେ ବ୍ୟବହାର କରେ ତେବେ ଏହା ଲୋଭ ବଶତଃ ଏକ କୁକାର୍ଯ୍ୟର ପ୍ରୟାସ ହେବ। ଭାରତର ପୁରାତନ କାଳ ରେ ମୁନି ଋଷି ମାନେ ଯେଉଁ ସବୁ ଗ୍ରନ୍ଥ, ଶାସ୍ତ୍ର ଆଦି ରଚନା କରିଯାଇଛନ୍ତି ସେସବୁରେ ଅନେକ ପ୍ରକାରର ବୈଜ୍ଞାନିକ ତତ୍ତ୍ୱ ଲୁଚି ରହିଛି। ପ୍ରକାରାନ୍ତରେ ଏହା କୁହାଯାଇପାରେ ଯେ ଭାରତୀୟ ପ୍ରାଚୀନ ଗ୍ରନ୍ଥାବଳୀ ସମ୍ପୂର୍ଣ୍ଣ ବୈଜ୍ଞାନିକ ଦୃଷ୍ଟିକୋଣରେ ଲେଖାଯାଇଥିଲା। ସେହି ସବୁ ସିଦ୍ଧାନ୍ତ ଗୁଡିକୁ ଆମ ପୂର୍ବଜ ମାନେ ବିଶ୍ୱର ମଙ୍ଗଳକାମନା ପାଇଁ ଦେଇଯାଇଥିଲେ। ହେଲେ ବର୍ତ୍ତମାନ ସମାଜରେ ଏହି ସବୁ ଗ୍ରନ୍ଥ ପଠନରେ ଆଗ୍ରହ ଲୋପ ପାଇ ଯାଉଛି। ଏଣୁ ସମାଜ ନୀତି ଓ ସାହିତ୍ୟ ଭଳି ଶିକ୍ଷାର ସ୍ୱଦେଶୀକରଣ କରିବା ନିମନ୍ତେ ଚିନ୍ତାଶୀଳ ହେଉ। ବର୍ତ୍ତମାନ ଶିକ୍ଷାବ୍ୟବସ୍ଥାରେ ଆମେ ଏମିତି କିଛି ବ୍ୟବସ୍ଥା କୁ ବ୍ୟବସ୍ଥିତ କରିଛୁ ଯାହା ଦ୍ୱାରା ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀମାନେ ଅନେକ ପ୍ରକାରର ଅପରାଧୀକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ବୟସ ଅନୁପାତରେ ଅନେକ ପ୍ରକାରର ଅନୈତିକ କାର୍ଯ୍ୟ କରିବାକୁ ପଛାଉନାହାନ୍ତି। ଏହାର ମୁଖ୍ୟକାରଣ ହେଉଛି ସଂସ୍କାର ବିହୀନ ଶିକ୍ଷା। ଆମେ ସମାଜକୁ ଶିକ୍ଷିତ କରିବା ପାଇଁ ଶିକ୍ଷା ଦେଉଛେ ହେଲେ ଶିକ୍ଷାର କ୍ରିୟାନ୍ୱୟନ ତଥା ବାସ୍ତବ ପ୍ରୟୋଗ ପାଇଁ ଉଚିତ ସଂସ୍କାର ଦେଇପାରିନାହାନ୍ତି। ଏଣୁ ଭାରତର ଯୁବପିଢ଼ି ମାନଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଅନେକ ପ୍ରକାରର ସୁଚିନ୍ତିତ କାର୍ଯ୍ୟକ୍ରମ ବିଦେଶୀ ବିଚାର ଆଧାରରେ ଦେଶରେ ଦୃଢ଼ ଭାବରେ କାର୍ଯ୍ୟକ୍ଷମ ହୋଇଛି। ତାହା ନିଶାର ପ୍ରଚାର ହେଉ ବା ସାମାଜିକ ଗଣମାଧ୍ୟମର ବ୍ୟବହାରରେ ଅନୈତିକତାର ପ୍ରଚାର ହେଉ, ଏସବୁ ଭାରତୀୟ ମୂଲ୍ୟବୋଧର ହାନି କରୁଛି। ସ୍ୱାଧୀନତା ପ୍ରାପ୍ତି ଠାରୁ ଅଧୁନା ସମୟ ଯାଏଁ ଅନୁଧ୍ୟାନକଲେ ଦେଖିବା ଦେଶରେ ଅନାଥ ଆଶ୍ରମ ଓ ବୃଦ୍ଧାଶ୍ରମ ର ସଂଖ୍ୟା ରେ ଅନେକ ମାତ୍ରାରେ ବୃଦ୍ଧି ଘଟିଛି। ଭାରତୀୟ ସଂସ୍କୃତି ଆଧାରରେ ଯେଉଁମାନେ ନିଜର ବୃଦ୍ଧ ପିତାମାତାଙ୍କର ସେବା କରିପାରୁନାହାନ୍ତି ଆମେ କଣ ସେମାନଙ୍କୁ ଶିକ୍ଷିତ କହିବା ଠିକ୍ ହେବ? ଏହା ବର୍ତ୍ତମାନ ସମସ୍ତଙ୍କୁ ସମୀକ୍ଷା କରିବାର ଏକ ପ୍ରସଙ୍ଗ। ଆମେ ଶିକ୍ଷାନୁଷ୍ଠାନରେ ଦେଉଥିବା ଶିକ୍ଷା ବ୍ୟକ୍ତିନିର୍ମାଣ, ଶିଶୁର ଉତ୍ତମ ଚରିତ୍ର ଗଠନ ତଥା ସର୍ବୋପରି ଏ ଦେଶରେ ଜଣେ ଶୃଙ୍ଖଳିତ ନାଗରିକର ନିର୍ମାଣ ଦିଗରେ ସହାୟକ ହେବା ଜରୁରୀ। କିନ୍ତୁ ବର୍ତ୍ତମାନର ଶିକ୍ଷା କେବଳ ଅର୍ଥ ଉପାର୍ଜନ ପାଇଁ କ୍ରିୟାଶୀଳ ହୋଇଛି। ଶିକ୍ଷାଦାତା ବେତନ ଆଶାରେ ଓ ଶିକ୍ଷାର୍ଥୀ ଭବିଷ୍ୟତ ଜୀବନରେ ଚାକିରୀ କରି ଅର୍ଥ ଉପାର୍ଜନ ଉଦ୍ଦେଶ୍ୟ ରେ ଅଧ୍ୟୟନ କରୁଛନ୍ତି। ଏଣୁ ଉଚ୍ଚ ଶିକ୍ଷା ଗ୍ରହଣ ପାଇଁ ଅଧିକାଂଶ ବିଦ୍ୟାର୍ଥୀ ମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେଉନାହାନ୍ତି। ଗୁରୁ-ଶିଷ୍ୟର ସମ୍ପର୍କ ଆଜି ଶିକ୍ଷକ-ଛାତ୍ର ପାଲଟିଛି। ହେଲେ ଶିକ୍ଷକ-ଛାତ୍ର ସମ୍ପର୍କ ଆଜିର ସମାଜରେ ମର୍ଯ୍ୟାଦାକୁ ବଞ୍ଚାଇ ପାରିନାହିଁ। ଛାତ୍ରଛାତ୍ରୀ ମାନେ ଶିକ୍ଷକ ମାନଙ୍କୁ ଆଉ ଆଗଭଳି ସମ୍ମାନ ଦେଉନାହାନ୍ତି। କେବଳ ଏକ ସାଧାରଣ ଅନୁଷ୍ଠାନ ଚାଲିବା ପରି ଶିକ୍ଷାନୁଷ୍ଠାନ ଗୁଡିକ ଚାଲୁଛି। ମୁଖ୍ୟ ପ୍ରସଙ୍ଗ ଏହା ଯେ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଭାରତୀୟ ଶିକ୍ଷା ବ୍ୟବସ୍ଥା ରେ ଭାରତୀୟ ବିଚାରକୁ ଯଥୋପଯୁକ୍ତ ସ୍ଥାନ ମିଳିପାରିଲା ନାହିଁ। ଯୁଦ୍ଧାସ୍ତ୍ରର ସ୍ୱଦେଶୀକରଣ ଭଳି ଶିକ୍ଷାବ୍ୟବସ୍ଥା ମଧ୍ୟ ଭାରତୀୟ ବିଚାର ଆଧାରିତ ହେବା ଜରୁରୀ। ଏଣୁ ଏ ସମସ୍ତ ଦିଗକୁ ଲକ୍ଷ୍ୟ କରି ସମାଜ ତଥା ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉତ୍ତମ ଚରିତ୍ର ସମ୍ପନ୍ନ, ସୁଲକ୍ଷଣ ଯୁକ୍ତ, ସୁଶୃଙ୍ଖଳିତ ବ୍ୟକ୍ତି ନିର୍ମାଣରେ ଆମର ଶିକ୍ଷା କାର୍ଯ୍ୟ କରି ଭାରତରେ ଭାରତର ସିଦ୍ଧାନ୍ତକୁ ପୁନଃ ପ୍ରତିଷ୍ଠିତ କରି ଭାରତକୁ ଜଗତଗୁରୁର ଆସନରେ ପୁନଃ ଅଭିଷିକ୍ତ କରିବା ଦିଗରେ ସମଗ୍ର ଭାରତୀୟ ସମାଜ ଅଗ୍ରସର ହେବା ଆବଶ୍ୟକ।


ବେଲବାହାଲୀ, କେନ୍ଦୁଝର
ଭ୍ରାମ୍ୟଭାଷ : ୭୮୪୭୦୨୩୦୦୧

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

ପୁଷ୍ପାରାଣୀ ପଟେଲ



ଭାଗ-୨୫

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ .... !!*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୂଲ କହୁଛି, ପୂରବୀ?*

*(ପୂର୍ବପ୍ରକାଶ ଉତ୍ତାରୁ)*

ସବୁତ ଗୋଟି ଗୋଟି କରି କହୁଛି ପୂରବୀ, ତଥାପି ତୁମେ ମୋ'ତେ ମୁହଁ ଫୁଲାଉଛ କାହିଁକି ଯେ ସଖୀ! କ'ଣ ପାଇଁ ଯେ ଏତେ ଅଭିମାନ?

ପୂରବୀ - ପ୍ରଥମ ଦିନରୁ ହିଁ ମୁଁ ତୁମକୁ ପଚାରି ଚାଲିଛି, କେଉଁଠି ଭେଟ ହେଲା... କେଉଁଠି ଭେଟ ହେଲା ବୋଲି? ମନେ ପକେଇଲ, ତୁମେ କହିଲଣି ମୋତେ ସେକଥା?

ସ୍ନିଗ୍ଧା - ଓଃ ... ଏଇ କଥା!

ନା ...ମା। ଲୁଚେଇନି ତୁମକୁ କିଛି। କହିବି ସେକଥା ବି। ଖାଲି ଅନ୍ୟ କଥା ସବୁ ଚାଲି ଆସୁଛି ବୋଲି ସିନା।

ହଉ ... ଶୁଣ!

ଆଜିର ଯୁଗରେ ଯେଉଁଠଇ ଭେଟ ହୁଏ କାହିଁ କେତେ ଯୁଗରୁ ହଜି ଯାଇଥିବା ମଣିଷ ମାନଙ୍କ ସାଥିରେ ପୁଣିଥରେ ... ଆହୁରି ବି ଅଜଣା, ଅଦେଖା ହଜାର ନୂଆ ସମ୍ପର୍କ ସବୁ ଯୋଡି ହେଇ ଯାଆନ୍ତି ଆମ ଜୀବନରେ ... ସେଇ ସାଧାରଣ ଜାଗାରେ ହିଁ ଭେଟ ହେଇଥିଲା ଆମର।

"ଆରେ! ଫେସ୍‌ବୁକ୍‌ରେ ମ!!" - ତେବେ ନାକ ଟେକିବନି ଫେସବୁକ୍ ପ୍ରେମ କହି। ସତ କହୁଛି, ମୁଁ ସହିପାରିବିନି ଜମାରୁ।

ଫେସ୍‌ବୁକ୍ ତ ଆମକୁ ଭେଟ କରିବା ପାଇଁ ଏକ ସାଧାରଣ ମାଧ୍ୟମ ମାତ୍ର ଥିଲା। କୌଣସି ମାଧ୍ୟମ କେବେ ଭଲ ଓ ଖରାପର କାରଣ ହୁ,ନି କୌଣସି ସମ୍ପର୍କ ପାଇଁ। ତା'ର ଗୁଣବତ୍ତା ତ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ ତା'କୁ ବ୍ୟବହାର କରୁଥିବା ମଣିଷ ମାନଙ୍କର ମାନସିକତା, ଚିନ୍ତାଧାରା ଉପରେ।

ମୋ' ଜାଣିବାରେ ମଧ, ସେଇ ଫେସ୍‌ବୁକ୍‌ରୁ ଯେଉଁଠି ସୃଷ୍ଟି ହୁଏ କିଛି କ୍ଷଣଭଙ୍ଗୁର ଅସାମାଜିକ ସମ୍ପର୍କ, ସେଇଠି ବି କିଛି ଏଭଳି ଦୃଢ଼ ଓ ସୁନ୍ଦର ସମ୍ପର୍କ ମିଳେ, ଯାହା ଇର୍ଷଣୀୟ ହେଇଯାଏ ଅନେକଙ୍କ ପାଇଁ।

ଏତେ ବର୍ଷ ଧରି ଜୀବନରେ ପାଇଥିଲି ଅନେକ ସମ୍ପର୍କ। କିଛି ରକ୍ତରୁ। କିଛି ଭାଗ୍ୟରୁ। କିଛି ମୋ'ର ଦୁର୍ଭାଗ୍ୟରୁ। ଭୋଗିବି ସାରିଥିଲି ସେସବୁ ସମ୍ପର୍କ ମାନଙ୍କର କ୍ଷଣଭଙ୍ଗୁରତା।

ପ୍ରଥମ କରି ଜଣକୁ ଦେଖିଲି ଫେସ୍‌ବୁକ୍‌ ଭଳି ଏକ ଅବିଶ୍ୱାସ୍ୟ ସୋସିଆଲ ସାଇଟ୍‌ରେ, ଯିଏ ଦେଖୁ ଦେଖୁ ଲାଗିଲେ ଖୁବ୍ ଆପଣାର ପରି। କେବେ କେଉଁଠି ହଜାଇ ଆସିଥିବା ଅତି ଆପଣାର ମଣିଷଟିକୁ ଭେଟିବାର ଫେରି ପାଇବାର ଆତ୍ମତୃପ୍ତିରେ ଉଲ୍ଲସିତ ଥିଲି ମୁଁ।

ତାଙ୍କର ଫେସ୍‌ବୁକ୍ ପ୍ରୋଫାଇଲ ଫଟୋ ପୂରବୀ : ଦୁଇଟି ଶାନ୍ତ, ସରଳ, ସ୍ଥିର, ଗଭୀର ଆଖି .... ଆଃ... ମୁଁ ତ ପ୍ରେମରେ ପଡିଗଲି, ବୋଧେ ସେଇ ପ୍ରଥମ ଜଲକରେ।

ପୂରବୀ ହସିଲେ ଏଥର ଖିଲି ଖିଲି ହେଇ। କହିଲେ- ତୁମେ ଖୁବ୍ ସରଳ ବିଶ୍ୱାସୀ ସ୍ନିଗ୍ଧା! ଏ ଦୁନିଆଁ ଖୁବ୍ ନିଷ୍ଠୁର, ଧୂର୍ତ୍ତ ଓ ବିଶ୍ୱାସଘାତକ। ଏଭଳି



ସରଳ ବିଶ୍ୱାସୀ ହେଲେ ଚଳିବ କେମିତି ଯେ? ଫଟୋରୁ କ'ଣ କେବେ କାହାକୁ ଚିହ୍ନିହୁଏ? ତାହା ପୁଣି ଫେସ୍‌ବୁକ୍ ପ୍ରୋଫାଇଲ ଫଟୋ। ଏମିତିରେ ତ ତୁମକୁ କିଏ ନାଇଁ କିଏ ଠକି ଦେବ!

ଉଦାସୀ ଜହ୍ନ ପରି ଗୁମ୍‌ସୁମ ଦିଶିଲା ଏବେ ସ୍ନିଗ୍ଧାର ମୁହଁ।

କହିଲା- ତୁମ କଥା ଖୁବ୍ ସତ ପୂରବୀ। ଏତେ ବର୍ଷର ଜୀବନକାଳ ଭିତରେ ଖୁବ୍ ଥର ଭୋଗିଛି ଏଇ ମୋ'ର ସରଳ ବିଶ୍ୱାସର କୁପରିଣାମ। ଅନେକ ଆଘାତ ସହିବାକୁ ପଡିଛି ଏଭଳି ମୁର୍ଖାମୀ ଯୋଗୁଁ।

ମୁଁ ବି ବୁଝିପାରୁଥିଲି ଏସବୁ। ଅଥଚ ସେ ସ୍ୱର ଥିଲା ଏମିତି, ଯାହାକୁ ମୁଁ ଏଡାଇ ଯାଇପାରୁ ନଥିଲି। ଏମିତି ହିଁ ହେଉଥାଏ ବୋଧହୁଏ ଆତ୍ମାର ଡାକ। ତା'କୁ ବଖାଣିବା ସମ୍ଭବ ହେଉନି ମୋ' ପକ୍ଷରେ। ତୁମେ ଯେତିକି ବୁଝୁଛ, ବୁଝ! ଯାହା ବୁଝୁଛ ବୁଝ!

ପ୍ରଥମେ ବନ୍ଧୁତାର ଶୁଭେଚ୍ଛା ବାର୍ତ୍ତା ଆସିଲା ତାଙ୍କ ପାଖରୁ। ସେ ଲେଖିଥିଲେ - 'ଶୁଭ ସଂଧ୍ୟା'।

କ'ଣ ଯେ ହେଇଥିଲା ମୋ'ର ସେଦିନ କେଜାଣି ଚିହ୍ନା ପରିଚିତ ଲୋକଙ୍କ ସାଥିରେ ମଧ ମାପିଚୁପି କଥା ହେଉଥିବା ମୁଁ ପ୍ରଗଳ୍‌ଭା ହେଇଉଠିଲି ତାଙ୍କ ପାଖରେ।

କହିଲି - 'ଓ... ସଂଧ୍ୟା ତେବେ ଶୁଭ?' ହସିଲି ବି ମନେ ମନେ ଖୁବ୍। ମନର ଭାବକୁ ତାଙ୍କ ଯାଏଁ ପହଞ୍ଚାଇବା ପାଇଁ ପଠାଇ ଦେଲି ବି ହସର ତିନି ଚାରୋଟି ଇମୋଜି।

ସେ ବୁଝିପାରିଲେନି ବୋଧହୁଏ ହଠାତ୍। ଆଶ୍ଚର୍ଯ୍ୟ ହେଇ ପଚାରିଲେ- 'କେମିତି?'

ମୁଁ ହସିଲି- ମୁଁ ଯେ 'ସଞ୍ଜ' ଓ ମୁଁ ବି ଶୁଭଦା ଆପଣଙ୍କ ପାଇଁ ସମସ୍ତଙ୍କ ପାଇଁ... ଏକଥା ଏଇ ଏବେ ଏବେ ଆପଣ ବି ସ୍ୱୀକାର କଲେ।

ସେ ହସିଦେଇ କହିଲେ - 'ଶୁଭଦା' ... ବାଃ ... ଚମତ୍କାର ନାଆଁଟିଏ ତ।

ମୁଁ ଯୋଡିଦେଲି ଛୋଟ ବେଳୁ ଶୁଣି ଆସିଥିବା ସେଇ ମୋ'ର ଜନ୍ମ ଇତିହାସର ବୃତ୍ତାନ୍ତ - 'ହଁ ତ! ଘରେ ସଞ୍ଜ ଦୀପ ଦେଉଥିବା ବେଳେ ମୋ'ର ଜନ୍ମ ପରା। ତେଣୁ ମୋ' ନାଆଁ ସଞ୍ଜ, ଅବଶ୍ୟ କେବଳ ମୋ' ବାପାଙ୍କ ପାଇଁ ଏବଂ ବାକିଙ୍କ ପାଇଁ 'ଶୁଭ୍ରା ବା ଶୁଭ'। ଆହୁରି ଥଟ୍ଟା। କହିଲେ - ଓଃ... ଜାଣ ରାଜଯୋଟକ ତ ଆଉ! ମୁଁ ଜନ୍ମ ହେଇଛି ଦୀପାବଳୀରେ! ହେଲା ନା ରାଜଯୋଟକ!' ହସହସ ମୁହଁର ଇମୋଜି ସବୁ ଫେରିଆସିଲେ ପ୍ରତ୍ୟୁତ୍ତର ସହିତ।

ଏଥର ଲାଜରେ ଶଢ଼ି ଯାଉଥିଲି ମୁଁ। ଏତେ ଦିନରୁ ଖୁବ୍ ସାଧାରଣ ଲାଗୁଥିବା ମୋ' ନଆଁଟି ଖୁବ୍ ଅସାଧାରଣ ଲାଗିଲା ମୋ'ତେ। ଇଚ୍ଛା ହେଲା ଆଜୀବନ ପାଇଁ ଏଇ ମୋ'ର ନାଆଁକୁ ସାଇତି ରଖିଦେବି ତାଙ୍କ ପାଇଁ। ଆଉ କେହି ମୋତେ କେବେ ନଡାକନ୍ତୁ ସେଇ ନାଆଁରେ। ଡାକିବେ ଯଦି ଡାକନ୍ତୁ କେବଳ ସେ... ସେ ହିଁ କେବଳ। ଆଉ ଅନ୍ୟ କେହି ନୁହେଁ।

*(କ୍ରମଶଃ)*

## କୈଶୋର କଳିକା



### ବାପା

**ଡ. ମନୋରଞ୍ଜନ ବିଷୋୟୀ**



ବାପା... ନିଜ ସୁଖକୁ ମାଟି କରି
ଆମକୁ ବଡ଼ କରିଛ
ନିଜ ରକ୍ତକୁ ପାଣି କରି
ଦିନରାତି ଆମ ପାଇଁ ଖଟିଛ
ଆମେ କିଛି ମାଗିବା ଆଗରୁ
ସବୁକିଛି ଯୋଗାଇ ଦେଇଛ।
ଆମକୁ କୋଳେ ଧରି
କେତେ ଗପ କହିଛ
ଆଉ କାନ୍ଧେ ଧରି
ଜହ୍ନମାମୁଁ ଦେଖାଇଛ।
ବାପା... ତୁମ କାନ୍ଧଠୁ
ନିରାପଦ ଜାଗା ବାଲ୍ୟକାଳେ
ଆମ ପାଇଁ ଆଉକିଛି
ଏ ଜଗତେ ନଥିଲା ତ
ଆମେ ଦୁଷ୍ଟ ହେଲେ
ଆଖି ଦେଖାଇ
ଆମକୁ ଶାସନ କରିଛ।
ଆମ ଆପଦ ବିପଦରେ
ତୁମେ ସାହା ହୋଇଛ
ଆସୁ ଯେତେ ଦୁଃଖ
ତୁମେ ଭରସା ଦେଇଛ।
ଆମକୁ ସୁଖରେ ରଖିବାକୁ
ଋଣ ଭାର ସହିଛ
ଆମ ଅଜାଣତେ
କେତେ ଲୁହ ଝରାଇଛ
ଆମେ କାଳେ
ଜାଣିଯିବୁ ଭାବି
ମଧ୍ୟବିତ୍ତ ଲୋକର
ନିଅଣ୍ଟିଆ ହସ ହସିଛ।
ଆମକୁ ଗଢ଼ିବାକୁ ଯାଇ
ନିଜେ କ୍ଲାନ୍ତ କାରୀଗର ସାଜିଛ
ବାପା ଏପରି କରି
ତୁମେ କ'ଣ ପାଇଛ?
କେବଳ ଆମ ଶୈଶବର ଅର୍ଦ୍ଦଳି
କୈଶୋରର ଦାବି
ଆଉ ଯୌବନର
ଅଭିମାନ ସହିଛ।
ସବୁବେଳେ ଆମ କଥା ଚିନ୍ତା କରି
ତୁମେ ବ୍ୟାଧିଗ୍ରସ୍ତ ହୋଇଛ
ରକ୍ତଚାପ ମଧୁମେହ
ସାଥେ ଧରି କାଳ କାଟୁଛ
ଏବେ ତ ଚାକିରିରୁ
ଅବ୍ୟାହତି ନେଇଛ।
ସବୁଦିନ ଏବେ ତୁମେ
ଛୁଟିଦିନ ରୂପେ ପାଇଛ
ତୁମ ସ୍ୱାସ୍ଥ୍ୟ ଚିନ୍ତା ଛାଡ଼ି
ଏବେ ବି ଏ ପରିଣତ ବୟସରେ
ଆମ ପାଇଁ କାହିଁକି
ଏତେ ଚିନ୍ତା କରୁଛ?

*ଦାମୋଦରପୁର, ଗଞ୍ଜାମ*
*ଭ୍ରାମ୍ୟଭାଷ : ୮୮୯୫୧୪୧୭୨୭*

### ଆସିଛି ଶ୍ରାବଣୀ

**ରାମଚନ୍ଦ୍ର ବେହେରା**



ପବିତ୍ର ଶ୍ରାବଣୀ ଆସିଛି ମରତେ
ବରଷୁଛି ଦିବାନିଶି
ଶୀତଳ ସଲିଳେ ଭିଜୁଛି ଧରଣୀ
ମୁରୁକି ମୁରୁକି ହସି
ରୁଣୁ ଝୁଣୁ ଗୀତ ଗାଇ
ନୀଳ ଗଗନରୁ ଝରି ପଡୁଅଛି
ନୀର ଟୋପା ଟୋପା ହୋଇ।
ବନ ଉପବନେ କେକୀ ନାଚୁଅଛି
ସୁନ୍ଦର ପୁଚ୍ଛକୁ ଟେକି
କଳାମେଘ କୋଳେ ଚପଳା ଚମକେ
ଆଖି ରହିଯାଏ ଲାଖି
ଶୀତଳ ବାରି ପରଶେ
ନିଶି ଆଗମନେ ବେଂଗୁଲୀ ଗାଉଛି
ପ୍ରୀତି ପୀୟୁଷର ଆଶେ।
ନବ ପଲ୍ଲବରେ ପାଦପ ହସୁଛି
ଭୁଲି ଗ୍ରୀଷମର ଦୁଃଖ
ସରୋବର ତଟେ କୁମୁଦ ଖେଳୁଛି
ଖୋଲି ତା'ସୁନ୍ଦର ରୂପ
ଭିଜା ଦୁର୍ବାଦଳ ପରେ
ନାଲି ଟୁକୁ ଟୁକୁ ସାଧବ ବୋହୂଟି
ଚାଲୁଛି ଥିରି ପାଦରେ।
ପବିତ୍ର ଜଳକୁ କାନ୍ଧରେ କାନ୍ଧେଇ
ଯାଉଛନ୍ତି ଭକ୍ତଜନେ
ଭୋଳାନାଥ ଶିରେ ଜଳଦାନ କରି
ଆଶିଷ ମାଗିବେ ମନେ
ତୋଷ ହେବେ ଆଶୁତୋଷ
ପ୍ରଭୁଙ୍କ କୃପାରୁ ଦୂର ହୋଇଯିବ
ଶରୀରରୁ ସାରା କ୍ଲେଶ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

### ନିରବତା

**ଐଶ୍ୱର୍ଯ୍ୟା ପ୍ରଧାନ**



ତୁମେ ଆଉ ଆକାଶ
ଏକା ପରି
ଆକାଶକୁ ଯେମିତି ମୋ ହାତ ପାଏନା
ଠିକ୍ ସେମିତି
ତୁମେ ଆଉ ତୁମ ନାଆଁ
ତୁମକୁ ପାଇ ପାରିନି କେବେ
ମୋ ହାତ ପାପୁଲିରେ
ଆଉ ତୁମ ନାଆଁ ଲେଖା ହୋଇନି
ମୋ ପାପୁଲିର ରେଖାରେ।
କେବେ କେବେ ଭାବେ
ଏ ଦୂରତା ଏତେ ଅସହ୍ୟ ଲାଗୁଛି କାହିଁକି
ଖାଲି କ'ଣ ମୁଁ ପ୍ରେମ କରିଛି
ପ୍ରେମ ତମେ ବି ତ କରିଛ
ତୁମେ କାହିଁକି ଆତୁରମନା ନୁହଁ ମୋ ପରି।
ଭିଜା ଶ୍ରାବଣରେ ବହୁତ ଖୋଜେ ତୁମକୁ
ଦେହ ମୋର ଭିଜିଯାଏ
ହେଲେ ମନ ଓଦା ହୁଏନା
ମୟୂରୀ ଯେମିତି ମେଘକୁ ଅନାଇ ଥାଏ
ଠିକ୍ ସେମିତି ମୁଁ ତୁମ
ଆସିବା ପଥକୁ ନିରେଖୀ ଚାହୁଁଥାଏ
କାଳେ ଆସିବ ବୋଲି
କିଛି କ୍ଷଣ ହଜେଇ ଦେବ ପ୍ରେମର ସ୍ପର୍ଶରେ
ହେଲେ ଚାରିଆଡ଼େ ନୀରବତାର ଝଡ଼
ତୁମ ଅପେକ୍ଷାରେ ସାଜିଛି ମୁଁ ନୀଳ କଇଁ
କିନ୍ତୁ ତୁମେ ପାଲଟି ଯିବନି ଜହ୍ନ
କାରଣ
ଯୁଗ ଯୁଗର ଅପେକ୍ଷା ଯେ ଅସହନୀୟ।

*ପୋଷ୍ଟାଲ୍ କଲୋନୀ, ଶ୍ରୀନଗର,*
*ଭବାନୀପାଟଣା, କଳାହାଣ୍ଡି*

### କବିତା

**ଦିନେଶ ମେହେର**



ମୁଁ ଲେଖୁଥିଲେ,
ତମେ ଫୁସୁଲେଇ ଫାସଲେଇ
ବାରମ୍ବାର ମାଗିନିଅ ମୋ ହାତ ଲେଖା କବିତା;
ମୁଁ କିନ୍ତୁ ମନା କରିଦିଏ ତମକୁ
ଦେବା ପାଇଁ କବିତା ଟିଏ!
ଜାଣିଛ,
ଏବେ ଆଉ ଶବ୍ଦ ସବୁ
ଧରା ଦେଉ ନାହାନ୍ତି ବୋଲି
ଭାରି ଚିନ୍ତା ଏଇ ମୁଣ୍ଡରେ,
ତେବେ
କବିତା କ'ଣ କେବଳ
ପ୍ରେମିକାର ଛାତି ତଳ ନିଆଁ
ଅବା ତା ଓଠରୁ ଫୁଟି
ଆସୁଥିବା ମିଠା କଥା ସବୁ!
ନା କବିତା କେବଳ ପ୍ରେମିକାର
ଉଷୁମ୍ ନିଶ୍ୱାସରେ
ହଜି ଯିବାର ମାହେନ୍ଦ୍ର ଲଗନ?
ହେଇ ନପାରେ,
କବିତା ର ସଂଜ୍ଞା ଖୋଜୁ ଖୋଜୁ
ମନେପଡେ କବିତା ତ ସୃଷ୍ଟିର ମୂଳ,
ସେ ହିଁ ତ ଆଗେଇ ନିଏ
ସଭ୍ୟତାର ନନ୍ଦିଘୋଷକୁ,
ପୁଣି ମାନବ ଜାତିର ଅସ୍ତିତ୍ୱ ଏବଂ ଅସ୍ମିତାକୁ,
କବିତା ହିଁ ତ ଚେତେଇ ଦିଏ
ଏବେ ବି ସମାଜରେ ସାହିତ୍ୟ ବୋଲି
କିଛି ଅଛି ବୋଲି!

**ପଳାସ, କଳାହାଣ୍ଡି**
**ଭ୍ରାମ୍ୟଭାଷ : ୮୦୧୮୮୨୮୪୫୬**

## ଚାଲ୍... ଗାଁକୁ ଫେରିଯିବା

**ମନୋଜ ମହାନ୍ତି**



ରଙ୍ଗଣି ଫୁଲ ଶୀତ ସଞ୍ଜକୁ ମହୁଆ ବରୁଚି। ସେପଟେ ଗଙ୍ଗଶିଉଳି ଫୁଲ ଫୁଟିଲାଣି। ରାତି ପାହିଗଲେ ଯିଏ ଯା ରାସ୍ତାରେ ନୁହେଁ?

ମୁଁ ମୁହଁ ଉଠାଇ ଚାହିଁଲି। ସେ ତଥାପି ନିର୍ଲିପ୍ତ ଥିଲା। ଓଠରେ ମେଞ୍ଚାଏ ହେବ ଲିପିଷ୍ଟିକ୍ କେବେଠୁଁ ରଙ୍ଗହୀନ ହେବା ଆରମ୍ଭ କଲାଣି। ବଜାରଦର ଆକାଶ ଛୁଆଁ ଜାଣୁତ? ଗୋଟେ ମଲ୍ଲୀ ଗଜରାର ଭାଉ ଯା' କଉଁ ସବୁଦିନେ କିଣି ହେବ!

ତୁ ନିକମ୍ମା ବଡ଼ିକି ନୁହଁ କି ବାଡ଼ିକି ନୁହଁ! କହିଥିଲି ତ ଜୀବନରେ କିଛି କର! ବି.ଏ. ଡେଇଁ ସହର ଗଲୁ, କ'ଣ ନା ଚାକିରୀ କରି ତୋତେ ଆସି ନେଇଯିବି। ଫେରିଲୁ? ଧୂନା କହିଲା ସେଇ ବର୍ଷ ଅଳକା ବଢ଼ୀରେ ତୁ କୁଆଡ଼େ ଭାସିଗଲୁ!

ଜାଣିଚୁ, ସଜନା ଗଛରେ ଫୁଲ ଧରେ, ପୁଣି ଝଡ଼େ, ପୁଣି ଧରେ। ସକାଳର ଆୟୁଷ ସରିସରି ଯାଏ ତ ରାତି ବଢ଼େ, ଗାଢ଼ ହୁଏ ଅନ୍ଧାର। ତୋ କଥା ଭାବିଲେ ଆକାଶ ସାରା କିଚିରି ମିଚିରି ତରାଫୁଲ! ଆଞ୍ଜୁଳା ବଢ଼ାଏ, ସରଗ ପାଖ ପାଖ ଲାଗେ! ତୋତେ ଲାଗେନି? ଅନ୍ଧାରକୁ କୁଣ୍ଢେଇ ଜୀବନ ମାପିଚି। କେତେ ମୂଳ କେତେ ସୁଧ!

ଗୋଟେ ମଲ୍ଲୀ ଗଜରାରେ କେଉଁ ଜୀବନ ଜୀଇଁ ହୁଏ, ନା ରାତି ପାହେ!

ମୁଁ ବିଡ଼ି ଟାଣିଲି। ବାହାରେ ଶ୍ରାବଣ ଆକାଶରୁ ବର୍ଷା ଥିପିବା ଆରମ୍ଭ କଲାଣି। ବାରଣ୍ଡାରେ ସେ ଚ'ଫୁଟଉଚି। ଗ୍ୟାସ୍‌ର ନିଆଁଟାକୁ ନିଜ ଅକ୍ତିଆରକୁ ନେବାକୁ ବାରମ୍ବାର ବଢ଼ଉଚି ତ ପୁଣି କମଉଚି! ଉତତ ଉତତ

ହେଃ... ହେ! ସନାତନ ବଜାର ଯାଉଚୁ ନା କଲେଜ ଯାଉଚୁ ଯେ? ମୋ ପାଇଁ ଗୋଟେ ଗୋଲାପି ରଙ୍ଗର ଲିପିଷ୍ଟିକ୍ ଆଉ ନେଲ୍ ପଲିସ୍ ନେଇ ଆସିବୁ ସାଙ୍ଗରେ। କ'ଣ ପଇସା ନବୁ ମୋ ଠୁଁ?

ତରଙ୍ଗଟେ ଖେଳିଗଲା ସନାତନର ଅଠର ବର୍ଷର ଗାଁ ପୋଖରିଆ ହୃଦୟରେ। ଟେକା ପକାଇଚି ମଧୁମିତା! ସନାତନର ମନ ହଉଥିଲା ତା ବେଣୀକୁ ଟାଣି ଦିଅନ୍ତା। ଛାତି ପାଖକୁ ଆଉଜାଇ ଆଣନ୍ତା ତା ଉନ୍ମତ୍ତ ଛାତି। ପାରିଲା ନାହିଁ। ସନାତନ ସବୁବେଳେ ସେମିତି। ନା' ଅଙ୍କରେ ଦଉଡ଼ି ପାରେ ନା ଖେଳରେ ନା ପ୍ରତିଯୋଗିତାରେ। ସବୁଠୁଁ ସବୁ ଗହଳିରୁ ସେ ମୁହଁ ଫେରାଇ ନିଛାଟିଆ ପୋଖରୀ ତୁଠରେ ବସିଥିବ ନାଇତ ଅଳକାର ଗଣ୍ଡ ପାଖରେ ହୁଡ଼ାରେ ବସି ଗଭୀରତା ମାପୁଥିବ! ଗଣ୍ଡର ଗଭୀରତା କେତେ ଯେ!

ଏଇ ସନ ଧାନ ଅମଳ ନହେଲେ ମଥାନରେ ଛଣ ଅରାଏ ଯୋଗାଡ଼ିବା ମୁସ୍କିଲ୍ - ମା' କହିଲା, ଆଉ ସନାତନ ଶୁଣିଲା। ବାପା ଚାଲିଗଲା ଠୁଁ ଏଇ ନିଉଛୁଣା ଛଣ ଗୁଡ଼ାକ ବେଗି ବେଗି ସଡ଼ି ଯାଉଛନ୍ତି। ମାଟି କାନ୍ଥର ଦମ୍ ଏମ୍‌ତି କେତେ କି? ସୁକା ଦାଦି କହୁଥିଲା - ସନାତନ, ଏଇ ବର୍ଷ ଟିଣ ପକା, ହଟା ସେ ଛଣ, ତୁ ପ୍ରତିବର୍ଷ କେଉଁପାରିବୁ ଯେ?

ଚାଷକୁ ବୁଝିପାରେ ନାହିଁ ଆଉ କଲେଜରେ ପାଠ ବି ବୁଝିପାରେ ନାହିଁ। ପଛ ବେଞ୍ଚରେ ସେ ସାଂକୁଡ଼ି ବସେ। ତା'ପରି ମାଧବ, ସୁଧୀର ଆଉ ଅଜୟ।

ମଧୁମିତା ରଡ଼ି ଛାଡ଼ିଚି - ହେଃ... ସନାତନ ଆ'ବେ ତୋ ଗାଇଟା ଆସି ଆମ ବାରିରେ, ଦୌଡ଼ ଶଳା ଦୌଡ଼। ବୋଉ ହାବୁଡ଼େ ପଡ଼ିବୁତ ତୋ ଚଉଦ ପୁରୁଷ ଭଳି ଦେବ। ଦେଖ୍ ବୁଢ଼ୀ ପାଟିରେ ଭାଷା ବୋଲ ମାନେ ନାହିଁ। ଧାଁ... ବେଗି ଧାଁ! ପଢ଼ା ବହି ଛାଡ଼ି ଦୌଡ଼େ ସନାତନ। ଓଲେଇ ଗାଈ ବୋଲ ମାନେ ନାହିଁ। ଆଁଟେ କରି ଚାହିଁଥାଏ ମଧୁମିତା।

ଚ'ବଢ଼େଇଲା ମଧୁମିତା। କ'ଣ ଭାବୁଚୁ? ନାଇ ତ କିଛି ନାଇଁ। ତୁ କ'ଣ କାନ୍ଦୁଚୁ ସନାତନ? ସତରେ ତୁ କ'ଣ କାନ୍ଦିପାରୁ? ତୋ ବୋଉ ମଲା ବେଳକୁ ତ ଟୋପେ ବି ଲୁହ ତୋ ଆଖିରେ ଦେଖି ନଥିଲି। ତୋର କ'ଣ ସତରେ ହୃଦୟଟେ ଥିଲା ସନାତନ?

ମଧୁମିତା ଆଖି ମାରିଲା। ଦେଖ୍ ବର୍ଷା ବଢ଼ିଲାଣି। ତୁ ଆଜି ରହିଯା, ସକାଳୁ ଉଠି ଚାଲିଯିବୁ। ମଧୁ ମହାନ୍ତି ଆଜି ଆସିବାର ନାହିଁ। ଥଃ... ହେଇଗଲା ସନାତନ! କେଉଁ ମଧୁ ମହାନ୍ତି?

ଜିଭ କାମୁଡ଼ିଲା ମଧୁମିତା!

ମଧୁ ମହାନ୍ତି, ଦାମ ସାହୁ, ଶଙ୍କର ଆଚାର୍ଯ୍ୟ, ନାରୁ ମହାଳିକ! କୁହ କାହା ନାଁ ଧରିବି ଯା'କୁ ତୁ ଚିହ୍ନିଚୁ?

ମଧୁ ମହାନ୍ତି ବନେଇ ଦେଇଚି ବୋଲି ମୁଣ୍ଡ ଉପରକୁ ଛାତଟାଏ ଅଛି। ରଙ୍ଗଣୀ ଫୁଟୁଚି, ସଜନା ଗଛରେ ଫୁଲ ଧରୁଚି, ମାଳତୀ ଲଟେଇଚି। ନାଇତ ମୁଁ କିଏ ଆଉ ଏ ସହର କିଏ?

ମୁଁ ଏବେ ତ ହେଡ୍ ଦିଦି, ବିଦ୍ୟାମନ୍ଦିରରେ। ଦରମା ବି ମନ୍ଦ ନୁହଁ ଆଠ ହଜାର ଛ'ଶହ। ମଧୁ ମହାନ୍ତି ପାଇଁ ସାରାଟା ବଣଭୁଆ ପରି ରାତି ବି ମୋତେ ଡରାଇ ପାରେନି। ମୋତେ ରକ୍ଷୀତା ବୋଲି କେବେ କହିନାହିଁ। ଶଙ୍କର ଆଚାର୍ଯ୍ୟ ସାଙ୍ଗରେ କଥା ଯୋଖିଲା ବେଳେ ସନ୍ଦେହ କରିନି। ଦାମ ସାହୁ ପାଟ ଶାଢ଼ୀ ଯାଚିଲା ବେଳେ ମୋତେ ନାଲିଆଖି ଦେଖାଇନି। କୁହ ସେଇଟା କ'ଣ ପ୍ରେମ?

ମୁଁ ଚାହୁଁଥିଲି ସେ ଆକଟ କରୁ! ମୋତେ ତା ନାଲି ରଙ୍ଗ ବୁଲେଟ୍‌ରେ ବସାଇ ସହର ବୁଲୁ। କା'ସାଙ୍ଗେ କଥା ହେଲେ ମୋତେ ବଡ଼ବତା ହେଉ। ମୁଁ ଚାହେଁ... ଚାହିଥାଏ। ସେ ମାତ୍ର ନିର୍ଲିପ୍ତ! ମୁଁ ଜାଣେ ସେ ପୁରୁଷ, ମାତ୍ର ପ୍ରେମିକ ନୁହେଁ... ନା କେବେ ନୁହେଁ, ବୋଧେ ହୋଇ ପାରିବାର ଦମ୍ଭ ନାହିଁ ତା'ଭିତରେ, ମାତ୍ର ସେ ପୁରୁଷ! ମୋତେ ମାତ୍ର ସ୍ୱପ୍ନମଖା ମନଟେ ଲୋଡ଼ା ପଡ଼େ। ଠିକ୍ ତୋ ପରି...। *(କ୍ରମଶଃ)*



## ପଙ୍ଗୁ କରିଦେଲା ବିଦ୍ୟୁତ ଆଘାତ

# ସ୍ୱାବଲମ୍ବୀ ହେବା ନେଇ ଚିନ୍ତାରେ ଉଦରନ

**ନବରଙ୍ଗପୁର :** ଆଜିକୁ ପ୍ରାୟ ୩ବର୍ଷ ତଳେ ନିଜ ଗାଁର ଟ୍ରାନ୍ସଫର୍ମରରେ ଫିୟୁଜ ବାନ୍ଧିବା ବେଳେ ଅସାବଧାନତା ଯୋଗୁଁ ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ଜଣକ ପଙ୍ଗୁ ପାଲଟିଗଲେ। ବାପା ଓ ମାଆଙ୍କ ଏକ ମାତ୍ର ପୁଅ ଥିବା ବେଳେ ବର୍ତ୍ତମାନ ପୁଅ ବାପ ମାଆଙ୍କ ପାଇଁ ବୋଝ ହୋଇଯାଇଛି। ନିଜେ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା କରୁଥିବା ବେଳେ କୌଣସି ସୁଫଳ ମିଳିପାରୁ ନାହିଁ। ଏହିଭଳି ଅଭାବନୀୟ ଘଟଣା ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧାମନାଗୁଡା ପଞ୍ଚାୟତ ଅନ୍ତର୍ଗତ ଟୁଟିଗୁଡା ଗ୍ରାମର ଜଣେ ଯୁବକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୂଚନା ପ୍ରକାରେ ଟୁଟିଗୁଡା ଗ୍ରାମର ନରସିଂହ ଭତ୍ରାଙ୍କ ଏକ ମାତ୍ର ପୁଅ ଉଦରନ ଭତ୍ରା (୨୫) ଗତ ୩ ବର୍ଷ ତଳେ ଟୁଟିଗୁଡା ଗ୍ରାମର ଟ୍ରାନ୍ସଫର୍ମର ଫିୟୁଜ ହୋଇଥିବା ଯୋଗୁଁ ଟ୍ରାନ୍ସଫର୍ମରରେ ଫିୟୁଜ ବାନ୍ଧିବା ପାଇଁ ଉପରେ ଚଢିଥିଲେ। ତେବେ ଅସାବଧାନତା ଯୋଗୁଁ ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ଉପରୁ ତଳେ କଚାଡିହୋଇ ପଡିଯାଇଥିଲେ। ବିଦ୍ୟୁତ ସଂସ୍ପର୍ଶରେ ଆସିବା ଦ୍ୱାରା



ଉଦରନଙ୍କ ଡାହାଣ ହାତ ସହ ଗୋଡ଼, ପାଦ, ମୁହଁ ଏବଂ ପିଠିରେ ଆଘାତ ହୋଇଥିଲା। ତେବେ ଡାହାଣ ହାତରେ ଗଭୀର ଆଘାତ ହୋଇଥିବା ଯୋଗୁଁ ପରିବାର ଲୋକେ ପ୍ରଥମେ ଗୁରୁତର ଅବସ୍ଥାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉନ୍ନତି ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ କିଛି ଦିନ ଚିକିତ୍ସା ପରେ କୋରାପୁଟ ମେଡ଼ିକାଲ କଲେଜକୁ ପଠାଇ ଥିଲେ। କୋରାପୁଟ ମେଡ଼ିକାଲରେ କିଛି ଦିନ ଚିକିତ୍ସା ପରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନହେବା ଯୋଗୁଁ ବ୍ରହ୍ମପୁର ଯିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ପରିବାର ଲୋକ ଏକ ମାତ୍ର ପୁଅର ଚିକିତ୍ସା କରିବା ପାଇଁ ବ୍ରହ୍ମପୁର ମେଡ଼ିକାଲ ଯାଇଥିଲେ। ବ୍ରହ୍ମପୁର ମେଡ଼ିକାଲ ଯିବା ପରେ ତୁରନ୍ତ କଟକ ବଡ଼ ଡ଼ାକ୍ତରଖାନା ଯିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ପରିବାର ଲୋକେ କଟକ ବଡ଼ ଡ଼ାକ୍ତରଖାନାରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରିଥିଲେ। କଟକ ବଡ଼ ଡାକ୍ତର ଖାନାରେ ଶେଷରେ ଅସ୍ତ୍ରୋପଚାର କରି ଉଦରନଙ୍କ ଡାହାଣ ହାତ କାଟିବା ପାଇଁ ପଡିଥିଲା। ପ୍ରାୟ ଦେଢ଼ ମାସ ଧରି ସେଠାରେ ଚିକିତ୍ସା ହେବା ପରେ ଘରକୁ ଫେରିଥିଲେ। ପରିବାର ଲୋକଙ୍କ କହିବା ପ୍ରକାରେ କଟକ ବଡ଼ ମେଡ଼ିକାଲରୁ ଆସିବା ପରେ ଏକ ମାସ ପରେ ପୁଣି ଥରେ ଯିବା ପାଇଁ କହିଥିଲେ। ତେବେ ଅର୍ଥ ଅଭାବ ଯୋଗୁଁ ଆଉ କଟକ ଯାଇ ନଥିବା ପରିବାର ଲୋକ କହିଛନ୍ତି। ପୁଅର ଚିକିତ୍ସା ପାଇଁ ପରିବାର ଲୋକ ନିଜ ସମ୍ପର୍କୀୟ ମାନଙ୍କ ଠାରୁ ଧାର ଉଧାର କରିଥିଲେ। ପରେ ଅର୍ଥ ଅଭାବ ଯୋଗୁଁ ନିଜ ଦୁଇ ଏକର ଥିବା ଜମିରୁ ଏକ ଏକର ଜମି ବିକ୍ରି କରିଦେଲେ। ଚିକିତ୍ସା ପାଇଁ ପୁଣି ଥରେ ଟଙ୍କାର ଆବଶ୍ୟକ ପଡିବାରୁ ନିଜ ପାଖରେ ଥିବା ଜମିକୁ ମଧ୍ୟ ବନ୍ଧା ପକାଇ ଦେଲେ। ବର୍ତ୍ତମାନ ତିନି ବର୍ଷ ପରେ ମଧ୍ୟ ଟଙ୍କା ଯୋଗାଡ କରି ନପାରି ଜମି ମୁକୁଳାଇବାରେ ସକ୍ଷମ ହୋଇପାରି ନାହାନ୍ତି ପରିବାର। ଏଭଳି ଅବସ୍ଥାରେ ପୁଅର ଚିକିତ୍ସା ମଧ୍ୟ କରିପାରୁ ନାହାନ୍ତି। ବର୍ତ୍ତମାନ ଉଦରନର ପିଠିର ଘା ଶୁଖି ନଥିବା ବେଳେ ଯନ୍ତ୍ରଣା ହେଉଥିବା କହିଛନ୍ତି। ଚିକିତ୍ସା ପାଇଁ କୌଣସି ଉପାୟ ନପାଇ ଶେଷରେ ତିନି ବର୍ଷ ହେବ ଦେଶୀ ଔଷଧ ଉପରେ ନିର୍ଭର କରୁଥିବା କହିଛନ୍ତି। ନିଜର ଜମି ହାତରୁ ଯିବା ପରେ ଅନ୍ୟର ଜମିରେ କୁଲି କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏଭଳି ଦୟନୀୟ ଅବସ୍ଥାରେ ରହୁଥିବା ପରିବାର ବର୍ଗକୁ ପ୍ରଶାସନ ପକ୍ଷରୁ ଉଦରନ ମାଗଣା ଚିକିତ୍ସା କରିବା ସହ ଉଦରନ ସ୍ୱାବଲମ୍ବୀ ହେବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପରିବାର ପକ୍ଷରୁ ଗୁହାରି କରିଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ୬ମାସ ହେବ ଉଦରନଙ୍କୁ ଭତ୍ତା ପ୍ରଦାନ କରାଯିବା ସହ ପରିବାର ଲୋକଙ୍କୁ ଚାଉଳ ମଧ୍ୟ ପ୍ରଦାନ କରାଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିଳ୍ପାୟନ ...

ତେଣୁ ଏଠି ପ୍ରଶ୍ନ ଉଠୁଛି ବିଜେଡି ସରକାର ସମୟରେ ତିନି ତିନୋଟି କାହା ପାଇଁ ହୋଇଥିଲା ମେକ ଇନ ଓଡିଶା କନକ୍ଲେଭ। କାହିଁକି ଏ ପର୍ଯ୍ୟନ୍ତ ସମସ୍ତ ୫୧୨ ବୃହତ୍ତ ଶିଳ୍ପ ପ୍ରକଳ୍ପରୁ ମାତ୍ର ୩୦ଟି ଶିଳ୍ପରେ ପୁଞ୍ଜି ନିବେଶ ହୋଇଛି। ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଦେଶ ବୁଲିଥିଲେ ନବୀନ ଓ ପାଣ୍ଡିଆନ। ବେଶ ପ୍ରଚାର ହେଲା କିନ୍ତୁ ଫଳ ଶୂନ। ସରକାର ବିଦେଶୀ ନିବେଶକଙ୍କୁ ଶିଳ୍ପାୟନ ଲାଗି ଆମନ୍ତ୍ରଣ କରିବାକୁ ଦୁବାଇ, ସିଙ୍ଗାପୁର, ଚୀନ୍, ଜାପାନ, ଇଟାଲୀ, ଜର୍ମାନ ଓ ସାଉଥକୋରିଆ ପରି ବିଭିନ୍ନ ଦେଶରେ ରାଜ୍ୟ ସରକାର ବଡ ବଡ ବୈଠକ, ରୋଡ୍ ସୋ କରିବା ସହ ବଡ ବଡ ବିଜ୍ଞାପନ ବି ଦେଇଥିଲେ। ଏତେ ସବୁ ପରେ ବି ବିଦେଶ ପୁଞ୍ଜିନିବେଶରେ ଏଭଳି ସ୍ଥିତି ହିଁ ବୟାନ କରୁଛି ଏହା କେବଳ ପ୍ରଚାରରେ ସୀମିତ ଥିଲା। ପାଣି ଭଳିଆ ପଇସା ସିନା ଖର୍ଚ୍ଚ ହେଲା କିନ୍ତୁ ପୁଞ୍ଜିନିବେଶ ଆସିଲା ନାହିଁ। କିନ୍ତୁ ଏବେ ମୋହନ ସରକାରଙ୍କ ଉଦ୍ୟମ ଏବଂ ଉଦ୍ଦେଶ୍ୟକୁ ନେଇ ବେଶ ଆଶାବାଦୀ ଅଛନ୍ତି ଓଡିଶାର ଶିଳ୍ପ ଉଦ୍ୟୋଗ କିଛି ମାସ ତଳେ ସଂସଦରେ କେନ୍ଦ୍ର ମନ୍ତ୍ରୀଙ୍କ ଉତ୍ତର ଖୋଲି ଦେଇଥିଲା ଓଡ଼ିଶାରେ ବିଦେଶୀ ପୁଞ୍ଜି ନେଇ ପୂର୍ବ ବିଜେଡି ସରକାରର ମିଛ ପ୍ରଚାରର ଗୁମର। ଅକ୍ଟୋବର ୨୦୧୯ରୁ ସେପ୍ଟେମ୍ବର ୨୦୨୩ ପର୍ଯ୍ୟନ୍ତ ୪ ବର୍ଷରେ ଓଡ଼ିଶାରେ ହୋଇଥିଲା ମାତ୍ର ୧୨୭୭ କୋଟି ଟଙ୍କାର ବିଦେଶୀ ପୁଞ୍ଜିନିବେଶ। ସାରା ଦେଶରେ ୨୦ ନମ୍ବର ସ୍ଥାନରେ ଥିଲା ଓଡ଼ିଶା।

### ବଢ଼ିବ ...

ସହରରେ ରହିବା ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ସ୍ୱପ୍ନ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଜାଗାବାଡ଼ିର ପୁନଃମୂଲ୍ୟାୟନ ନିର୍ଦ୍ଧାରଣ କରିବାକୁ ରାଜସ୍ୱ ବିଭାଗ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛି। ଏଥିରେ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଶଶଧର ବେହେରା ଅଧ୍ୟକ୍ଷ ଥିବା ବେଳେ ଅତିରିକ୍ତ ସଚିବ ଦିଗନ୍ତ ରାଉତରାୟ ସଦସ୍ୟ-ସଚିବ ଭାବେ କାମ କରିବେ। କମିଟିରେ ସଦସ୍ୟ ଭାବେ ଆଇଜିଆର ସୁବ୍ରତ ଶତପଥି, କଟକ ଡିଏସଆର୍ ଗୋପବନ୍ଧୁ ପରିଡ଼ା, ଦକ୍ଷିଣାଞ୍ଚଳ ଡେପୁଟି ଆଇଜିଆର୍ ଶ୍ରୀକାନ୍ତ କୁମାର ବେଉରା ଏବଂ ସମ୍ବଲପୁର ଡେପୁଟି ଆଇଜିଆର ଦେବରଞ୍ଜନ ମହାନ୍ତି ଅଛନ୍ତି। ଜମିର ଦର ପୁନଃ-ନିର୍ଦ୍ଧାରଣ ପୂର୍ବରୁ ସରକାର ସ୍ୱତନ୍ତ୍ର ନୀତି ଆଣିବା ଦରକାର ବୋଲି ବିଶେଷଜ୍ଞ କହିଛନ୍ତି। ୨୦୧୦ରେ ଶେଷ ଥର ପାଇଁ ସରକାର ଜାଗାବାଡ଼ି ବା ସ୍ଥାବର ସମ୍ପତ୍ତି ବେଞ୍ଚମାର୍କ ଭାଲ୍ୟୁଏସନ କରିଥିଲେ। ସେହି ଅନୁସାରେ ରାଜ୍ୟ ସାରା ଜମି କିଣାବିକା ହେଉଛି । ପୁଣି ଥରେ ପୁନଃ ମୂଲ୍ୟାୟନ ହେଲେ ଜମି ଦର ବଢିବା ନିଶ୍ଚିତ। ଏହାଦ୍ୱାରା ସରକାରଙ୍କୁ ଅଧିକ ରାଜସ୍ୱ ମିଳିବ, ହେଲେ ସାଧାରଣ ଲୋକ ହଇରାଣ ହେବେ। ଭୁବନେଶ୍ୱରର ପ୍ରମୁଖ ଜାଗାରେ ସରକାରୀ ମୂଲ୍ୟ ଏକର ପିଛା ୧୫ କୋଟି ଥିବା ବେଳେ ଅସଲରେ କିଣାବିକା ମୂଲ୍ୟ ପ୍ରାୟ ୫୦ କୋଟି ହେବ। ରାଜଧାନୀ ସମେତ ରାଜ୍ୟର ସବୁ ସହରରେ ସ୍ଥିତି ଏପରି ରହିଛି। ଏଭଳି ସ୍ଥିତିରେ ସରକାର ପୁଣି ଦର ବଢାଇବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଦରବୃଦ୍ଧି ସମୟରେ ଏହା ବୋଝ ଉପରେ ନଳିତା ବିଡ଼ା ଭଳି ହେବ।

### ଧର୍ମେନ୍ଦ୍ରଙ୍କୁ ...

ଏମିତିକି ପରୀକ୍ଷାରେ ସ୍କାମ ହୋଇଥିବା କଥା ବିରୋଧୀ ଅଭିଯୋଗ କରିଥିଲେ। ପୁରା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଲା, ପରୀକ୍ଷାକୁ ନେଇ ସୁପ୍ରିମକୋର୍ଟରେ ବି ଶୁଣାଣି ହେଲା। ଘଟଣାର ଶୁଣାଣି କରି, ସୁପ୍ରିମକୋର୍ଟ ରାୟ ବି ଶୁଣାଇଲେ। କୋର୍ଟଙ୍କ ରାୟ ପରେ ପ୍ରତିକ୍ରିୟା ରଖିଥିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କହିଲେ, କୋର୍ଟଙ୍କ ରାୟ ସତ୍ୟର ବିଜୟ ହୋଇଛି। ଏହି ନିଷ୍ପତ୍ତି ସମସ୍ତ କଳ୍ପନାଜଳ୍ପନାକୁ ଦୂର କରିବା ସହ ଲକ୍ଷଲକ୍ଷ କଠିନ ପରିଶ୍ରମୀ ଓ ସଚ୍ଚୋଟ ଛାତ୍ରଛାତ୍ରୀଙ୍କୁ ଆଶ୍ୱସ୍ତି ଦେବ। ମୋଦି ସରକାର ସମୟରେ ବିଦ୍ୟାର୍ଥୀଙ୍କ ଭବିଷ୍ୟତକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। କେମିତି ସ୍ୱଚ୍ଛତାରେ ପ୍ରତିଟି ପରୀକ୍ଷା ହେବ ସେନେଇ ସବୁବେଳେ କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି। ଠିକ୍ ସେହିପରି ନିଟ୍ ପରୀକ୍ଷା ବି ହୋଇଛି। ଏମିତିକି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ବିଦ୍ୟାର୍ଥୀଙ୍କ ପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାକୁ ତ୍ରୁଟିଶୂନ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷାକୁ ସ୍ୱଚ୍ଛ, ବିନା କୌଣସି ଟ୍ୟାମ୍ପରିଂ ତଥା ତ୍ରୁଟିଶୂନ୍ୟ କରିବା ପାଇଁ ଶିକ୍ଷା ବିଭାଗ ବଦ୍ଧ ପରିକର। ନିଟ୍ ପରୀକ୍ଷାକୁ ପରିଚାଳନା କରୁଥିବା ସଂସ୍ଥା ନାସନାଲ ଟେଷ୍ଟିଂ ଏଜେନ୍ସିକୁ (ଏନଟିଏ) ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ ରାଧାକ୍ରିଷ୍ଣନଙ୍କ ନେତୃତ୍ୱରେ ଗଠିତ କମିଟି ସମସ୍ତ ଦିଗରୁ ଘଟଣାକୁ ଅନୁଧ୍ୟାନ କରିବା ସହ ନିଜର କାମ ଜାରି ରଖିଛନ୍ତି। ସିବିଆଇ ମଧ୍ୟ ନିଜର କାମ ଜାରି ରଖିଛି। ଯଦି ଘଟଣାରେ କାହାର ଦୋଷ କିମ୍ବା ତ୍ରୁଟି ପରିଲକ୍ଷିତ ହୋଇଛି ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଗତ କିଛିଦିନ ହେଲାଣି ଦେଶରେ ନିଟ୍ ପରୀକ୍ଷାକୁ ନେଇ ତୁମ୍ବିତୋଫାନ ହୋଇଥିଲା। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ଏ ପ୍ରସଙ୍ଗ ଉଠାଇଥିଲେ। ହେଲେ ଏନେଇ ସମ୍ପିତ ଯେଉଁପରି ଭାବରେ ଗୃହରେ ପ୍ରତିକ୍ରିୟା ରଖିଲେ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

### ଆମକୁ ...

ଜମି ନେଇ ତା'ର ସମ୍ପୂର୍ଣ୍ଣ ଅର୍ଥ ଜନ ସାଧାରଣଙ୍କ ଠାରୁ ସମ୍ପୂର୍ଣ୍ଣ ଆଦାୟ କରିସାରିଥିବା ଓ ସରକାରଙ୍କୁ ଜମିର ମୂଲ୍ୟ ଦେବାରେ ୩୫-୪୦ ବର୍ଷର ଅହେତୁକ ବିଳମ୍ବ କରିଥିବା ସତ୍ତ୍ୱେ, ସରକାର ସେମାନଙ୍କ ପ୍ରତି ଦୟା ପରବଶ ହୋଇ ସବୁ ପୈଠକୁ ଛାଡ କରିଦେଇ ପାରିଲେ, କିନ୍ତୁ ଲିଜ୍‌ର କୌଣସି ଧାରାକୁ ଉଲ୍ଲଙ୍ଘନ କରି ନଥିବା ନିର୍ଦ୍ଦୋଷ ଜନ ସାଧାରଣଙ୍କୁ ଜିଜିୟା କର ପରି ଲକ୍ଷ ଲକ୍ଷ ଟଙ୍କା ସ୍ୱତ୍ୱ ପରିବର୍ତ୍ତନ ପାଇଁ ପୈଠ କରିବାକୁ ବାଧ କରିଛନ୍ତି। କିନ୍ତୁ ସାଧାରଣ ପ୍ରଶାସନ ବିଭାଗ, ୧୯୮୪ ମସିହା ଠାରୁ ଜନ ସାଧାରଣଙ୍କୁ ବାସଗୃହ ପାଇଁ ଲିଜ ଆକାରରେ ନିଜେ, ଯେଉଁ ସବୁ ଜମି ଦେଇ ଆସୁଛନ୍ତି ସେଗୁଡିକର ସ୍ୱତ୍ୱ ପରିବର୍ତ୍ତନର ବ୍ୟବସ୍ଥା ସେବେଠୁ କରି ଆସିଛନ୍ତି ଯାହା ଫଳରେ ଜନ ସାଧାରଣ ଜମି ମୂଲ୍ୟ ପୈଠ କରିବା ସହ ସ୍ୱତ୍ୱ ପରିବର୍ତ୍ତନ ଇଚ୍ଛୁକ ବ୍ୟକ୍ତି ମାନେ ନିର୍ଦ୍ଧାରିତ ପରିବର୍ତ୍ତନ ଫି ଦେବାକୁ ସୁବିଧା ହେଉଛି। ତେବେ ଆଶ୍ଚର୍ଯ୍ୟର ବିଷୟ ହେଲା ଯେ ବିଡିଏ ସ୍ୱତ୍ୱ ପରିବର୍ତ୍ତନ ଫି' ସହ ୬୦,୦୦୦ଟଙ୍କା ଓ ହାଉସିଂ ବୋର୍ଡ ୧,୦୦,୦୦୦ ଟଙ୍କା ପ୍ରୋସେସିଂ ଫି' ଆକାରରେ ଜନ ସାଧାରଣ ପୈଠ କରିବାକୁ ବାଧ କରିଛନ୍ତି। ପରିବର୍ତ୍ତନ ଫି' ସହିତ ପ୍ରୋସେସିଂ ଫି' ଆଦାୟ ବେଡି ଉପରେ କୋରଡ଼ା ସଦୃଶ ଓ ଅନାବଶ୍ୟକ। ସେହିପରି ମୁଖ୍ୟ ତର୍ଜମାର ବିଷୟ ହେଲା ଯେ, ସରକାର ଓଡ଼ିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ସେଟଲମେଣ୍ଟ ଆକ୍ଟ-୧୯୬୨ରେ ପ୍ରଣୟନ କଲେ, ଯାହା ସାରା ଓଡିଶାକୁ ଲାଗୁ। ତତ୍‌ସହିତ ଗଭର୍ଣ୍ଣମେଣ୍ଟ ଗ୍ରାଣ୍ଟ ଆକ୍ଟ ୧୮୯୫ ମଧ୍ୟ ସମାନ୍ତରାଳ ଭାବେ ଲାଗୁ କରାଯାଇ ଆସୁଅଛି। ଓଜିଏଲ୍‌ଏସ୍ ଆକ୍ଟ ୧୯୬୨ ପାରିତ ହେଲା ପରେ ସରକାର କେଉଁ ଆଇନ ବଳରେ ଭୁବନେଶ୍ୱରରେ ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କୁ ବଡ ବଡ ଜମି, ଅଳ୍ପ ମୂଲ୍ୟରେ ଆବଣ୍ଟନ କରି ଆସୁଛନ୍ତି? ଏ ସମସ୍ତ ବିଷୟ ଉପରେ ନୂତନ ସରକାର ପୁନଃ ଅନୁଧ୍ୟାନ କରି, ନିର୍ଦ୍ଦୋଶ ହଜାର ହଜାର ଜନସାଧାରଣଙ୍କୁ ଆର୍ଥିକ ବୋଝରୁ ମୁକ୍ତି ଦେବା ସହିତ ପ୍ରକୃତ ନ୍ୟାୟ ପ୍ରଦାନ କରିବାକୁ ବିଭିନ୍ନ ନାଗରିକ ସମାଜ ତରଫରୁ ଦୃଢ ଦାବି କରାଯାଉଛି।

### ନବୀନଙ୍କୁ ...

ବିଜେପି ସରକାର ସହ ମୂଳଚାଲ କରିବାକୁ ଯୋଜନା କରିଥିଲା। ରାଜ୍ୟସଭାରେ ଦଳ ବେଶ୍ ସକ୍ରିୟ ବି ଥିଲା। କିନ୍ତୁ ଏବେ ମମତାଙ୍କ ଇସ୍ତଫା ପରେ ସବୁ ଗଣିତ ଓଲଟପାଲଟ ହୋଇଯାଇଛି। ମମତାଙ୍କ ବାଦ୍ ନିରଞ୍ଜନ ବିଶି, ମୁନା ଖାନ୍ ଓ ସୁଜିତ କୁମାରଙ୍କ କାର୍ଯ୍ୟକାଳ ୨୦୨୬ରେ ଶେଷ ହେବ। ଏବେ ମମତାଙ୍କ ବଦଳରେ ଯିଏ ନିର୍ବାଚିତ ହେବେ, ତାଙ୍କ କାର୍ଯ୍ୟକାଳ ୨୦୨୬ ଏପ୍ରିଲ୍ ଯାଏ ରହିବ। ସୂଚନା ଅନୁସାରେ, ୨୦୨୦ରେ କୁଡୁମୀ ସମ୍ପ୍ରଦାୟର ଉଚ୍ଚଶିକ୍ଷିତା ମମତା ମହାନ୍ତଙ୍କୁ ବିଜେଡି ରାଜ୍ୟସଭାକୁ ପଠାଇଥିଲା। ମୟୂରଭଞ୍ଜରେ ୫ ଲକ୍ଷରୁ ଉର୍ଦ୍ଧ୍ୱ କୁଡୁମୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବାରୁ ଏହି ଭୋଟ୍‌ବ୍ୟାଙ୍କ ଉପରେ ନଜର ରଖି ଦଳ ତାଙ୍କୁ ସାଂସଦ କରିଥିବା ସେତେବେଳେ ବେଶ୍ ଚର୍ଚ୍ଚା ହୋଇଥିଲା। ତେବେ ସାଂସଦ ହେବାର ପ୍ରାୟ ୨ ବର୍ଷ ପରେ ଜିଲ୍ଲା ବିଜେଡିର ଏକ ଟାଣୁଆ ଗୋଷ୍ଠୀ ତାଙ୍କୁ କୋଣଠେସା କରୁଥିବା ନେଇ ଅଭିଯୋଗ ହୋଇଥିଲା। ଫଳରେ ମମତାଙ୍କୁ ଦଳୀୟ ସଭା ସମିତିରେ ଦେଖିବାକୁ ମିଳୁନଥିଲା। ହେଲେ ଦଳର ଶୀର୍ଷ ନେତୃତ୍ୱ କୌଣସି ମତେ ତାଙ୍କୁ ବୁଝାଇବା ସହ ଗତ ନିର୍ବାଚନରେ ତାଙ୍କୁ ତାରକା ପ୍ରଚାରକ କରିଥିଲେ। ସେ ମଧ୍ୟ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳ ପାଇଁ ପ୍ରଚାର କରିଥିଲେ। ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ଓ ମୟୂରଭଞ୍ଜରୁ ଦଳ ଏକପ୍ରକାର ନିଶ୍ଚିହ୍ନ ହୋଇଯିବା ପରେ ମମତାଙ୍କ ସମେତ ଦଳର ଅଧିକାଂଶ ବରିଷ୍ଠ ନେତା ନିଜ ରାଜନୈତିକ ଭବିଷ୍ୟତକୁ ନେଇ ଚିନ୍ତାରେ ଥିଲେ। ଆଉ ଏବେ ଦଳ ଛାଡିଛନ୍ତି।

### ଏଣିକି ...

ଶ୍ରୀ ଲୋହାନୀ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ଏହାକୁ ଅତ୍ୟନ୍ତ ଜରୁରୀ ବୋଲି ବିବେଚନା କରିବାକୁ ମଧ୍ୟ କହିଛନ୍ତି। ସେହିପରି ଓଡ଼ିଶା ପୁଲିସ ମୁଖ୍ୟାଳୟର ଅତିରିକ୍ତ ଡିଜି ଆର.କେ.ଶର୍ମା ସମସ୍ତ ପୁଲିସ ଜିଲ୍ଲା ଏସପି ଓ ପୁଲିସ ପ୍ରତିଷ୍ଠାନ ମୁଖ୍ୟଙ୍କୁ ଚିଠି ଲେଖି ଏଣିକି ସମସ୍ତ ସରକାରୀ ନଥି କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନ କରି ତତସଂକ୍ରାନ୍ତ ଏକ ଅନୁପାଳନ ରିପୋର୍ଟ ଗୃହ ବିଭାଗକୁ ପଠାଇବାକୁ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଅନୁପାଳନ ରିପୋର୍ଟ ମାଗିବା ପରେ ବିଭାଗଗ୍ୱାରି ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି।

### କେବେ କଳା ...

ବେଆଇନ ଭାବେ ରାତିରେ ବର୍ଷା ବେଳେ ବିଭାଗୀୟ ଅଧିକାରୀଙ୍କ ବିନା ଉପସ୍ଥିତିରେ କାର୍ଯ୍ୟ କରୁଛନ୍ତି। ସମସ୍ତେ ଜାଣିଶୁଣି ମଧ୍ୟ ଏଠି ବି କଣା କାଲା ସାଜିଛନ୍ତି। ଗତ କିଛିଦିନ ତଳେ ବେଙ୍ଗ ମୁତିଲା ଭଳି ବର୍ଷାରେ ନୂଆ କରି ହୋଇଥିବା ବ୍ରିଜ୍ ଭୁଶୁଡ଼ି ଯାଇଥିଲା। ନିମାପଡ଼ା ସାରା ଠିକାଦାର ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲା। ଖବର ଶୁଣୁ ଶୁଣୁ ନିମାପଡ଼ା ନିର୍ବାଚନ ମଣ୍ଡଳୀର ମହିଳା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ରାତି ରାତି ଆସି ଘଟଣା ସ୍ଥଳରେ ପହଞ୍ଚି ସମୀକ୍ଷା କଲେ। କଡ଼ା ନିର୍ଦ୍ଦେଶ ଦେଲେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ସ୍ୱାର୍ଥ ପାଇଁ କୌଣସି ସାଲିସ ମାଲିସ କରାଯିବ ନାହିଁ କି ଉକ୍ତ ରାସ୍ତାରେ ପିସି ବିଭାଗୀୟ ଅଧିକାରୀ ନନେଇ ଉଚ୍ଚ ମାନର କାର୍ଯ୍ୟ କରିବା ପାଇଁ। କିନ୍ତୁ ବିଭାଗୀୟ ଦିନରେ ତାରା ଦେଖି ନିମ୍ନମାନର କାର୍ଯ୍ୟକୁ ବିରୋଧ କଲେ ନାହିଁକି ଉନ୍ନତମାନର କାର୍ଯ୍ୟ ପାଇଁ ପରାମର୍ଶ ଦେଲେ ନାହିଁ। ବରଂ ଚାରି ମାସରେ ଚାରି କିଲୋମିଟର ହେଇଛି ଯେ କେଉଁଠି ଖାଲି ତ କେଉଁଠି ପାହାଡ଼ ଭଳି ଉଚ୍ଚା ନିଚା ରାସ୍ତା। ଯାହା ଫଳରେ ଦୈନିକ ଦୁର୍ଘଟଣା ପରେ ଦୁର୍ଘଟଣା ଘଟୁଛି। କେହି ଶୁଣୁନାହାନ୍ତି କି ଆଶ୍ୱସ୍ତ ଦେଉନାହାନ୍ତି। ସ୍ଥାନୀୟ ଲୋକେ ଏବେ ଧର୍ମକୁ ଡାକିଲେଣି ଧର୍ମ ଥିଲେ ଆମର ଯେମିତି ହେଉଛି ତାଙ୍କର (ବିଭାଗୀୟ ଅଧିକାରୀଙ୍କ) ସେୟା ହେଉ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଠି ପ୍ରଶ୍ନ ଉଠୁଛି ଚଞ୍ଚକତା କରି ଟେଣ୍ଡର ହାତେଇଥିବା ଠିକାଦାର ଜଣଙ୍କୁ କାହିଁକି କଳା ତାଲିକାଭୁକ୍ତ କରାଯାଉନାହିଁ? ରାଜ୍ୟରେ ସରକାର ବଦଳିଲା, ହେଲେ ଦୁର୍ନୀତି ଖୋର ଅଧିକାରୀଙ୍କ ଭାଉ କମିଲା ନାହିଁ।

### କୋଟା ଭିତରେ ...

ଉପବର୍ଗୀକରଣ କରିବା ଆବଶ୍ୟକ। ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼, ବିଚାରପତି ଗଭଇ, ବିଚାରପତି ବିକ୍ରମ ନାଥ, ବିଚାରପତି ବେଲା ଏମ. ତ୍ରିବେଦୀ, ବିଚାରପତି ପଙ୍କଜ ମିତ୍ତଲ, ବିଚାରପତି ମନୋଜ ମିଶ୍ରା ଏବଂ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲା ଉପରେ ୩ ଦିନ ଧରି ଶୁଣାଣି କରିବା ପରେ ଗତ ଫେବୃୟାରୀ ୮ ତାରିଖରେ ରାୟକୁ ସଂରକ୍ଷିତ ରଖିଥିଲେ। ୨୦୨୦ରେ ପଞ୍ଜାବ ରାଜ୍ୟ ବନାମ ଦବିନ୍ଦର ସିଂହ ମାମଲାକୁ ୫ ଜଣିଆ ଖଣ୍ଡପୀଠ ସର୍ବୋଚ୍ଚ ୭ ଜଣିଆ ଖଣ୍ଡପୀଠଙ୍କୁ ହସ୍ତାନ୍ତର କରିଥିଲେ। ୫ ଜଣିଆ ଖଣ୍ଡପୀଠ ଶୁଣାଣି ସମୟରେ ଜାଣିବାକୁ ପାଇଥିଲେ ଯେ, ଇ.ଭି. ଚିନୈୟା ବନାମ ଆନ୍ଧ୍ରପ୍ରଦେଶ ରାଜ୍ୟ(୨୦୦୫) ୧ ଏସସିସି ୩୯୪ ମାମଲାରେ ସମନ୍ୱୟ ପୀଠର ନିଷ୍ପତ୍ତି ଉପରେ ପୁନର୍ବିଚାର କରିବା ଆବଶ୍ୟକ ରହିଛି। ଏସସି/ଏସଟି ମଧ୍ୟରେ ଉପବର୍ଗୀକରଣ କରିବାର କ୍ଷମତା ରାଜ୍ୟ ସରକାରଙ୍କର ନାହିଁ ବୋଲି ସମନ୍ୱୟ ପୀଠ ନିଷ୍ପତ୍ତି ଶୁଣାଇଥିଲା। ତେଣୁ ୭ ଜଣିଆ ଖଣ୍ଡପୀଠ ଏହାର ସମୀକ୍ଷା କରି ପୁରୁଣା ନିଷ୍ପତ୍ତିକୁ ଖାରଜ କରିବା ସହିତ ନୂଆ ନିଷ୍ପତ୍ତି ଶୁଣାଇଛନ୍ତି।

## ଅନ୍ତର୍ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଅଂଶଗ୍ରହଣ କଲେ ଓଡ଼ିଆ ଶିଶୁ ଚିତ୍ରଶିଳ୍ପୀ ଆୟୁସମାନ

**ଭୁବନେଶ୍ୱର :** କଳାମିତ୍ର ଫାଉଣ୍ଡେସନ ଅଫ୍ ଆର୍ଟ ସୋସାଇଟି ଏବଂ ସଂସ୍କାର ଭାରତୀ ବରେଲୀ, ଉତ୍ତର ପ୍ରଦେଶର ସହଭାଗିତାରେ ବରେଲୀ ସ୍ଥିତ ଯାମିନୀ ଆର୍ଟ ଗ୍ୟାଲେରୀ ପରିସରରେ ଅର୍ନ୍ତଜାତୀୟ ଚିତ୍ରକଳା ପ୍ରଦର୍ଶନୀ ରାଜ୍ୟ ଲଳିତ କଳା ଏକାଡେମୀର ପୂର୍ବତନ ଉପାଧ୍ୟକ୍ଷ ତଥା ମୁଖ୍ୟ ଅତିଥି ଗିରିଶ ଚନ୍ଦ୍ର ମିଶ୍ରଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥିଭାବେ ବରିଷ୍ଠ ଚିତ୍ରଶିଳ୍ପୀ ରବୀନ୍ଦ୍ର କୁଶବାହା ଯୋଗ ଦେଇ ଭାରତ ସମେତ ଜର୍ମାନୀ, ମରିସସ, ବୁଲଗାରିଆ, ଲୁଧିଆନା ର ବରିଷ୍ଠ ଓ କନିଷ୍ଠ ବର୍ଗର ଧୂରୀଣ ଚିତ୍ରଶିଳ୍ପୀଙ୍କ ସ୍ୱସୃଜନାତ୍ମକ ଚିତ୍ରକଳା ଗୁଡିକର କଳାତ୍ମକ ସଂଯୋଜନାକୁ ଭୂୟସୀ ପ୍ରଶଂସା କରିଥିଲେ। ଜୁଲାଇ ୨୭ ତାରିଖରୁ ୨୯ ତାରିଖ ତିନି ଦିନିଆ ଅର୍ନ୍ତଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଓଡିଶାରୁ ଏକମାତ୍ର ଶିଶୁ ଚିତ୍ରଶିଳ୍ପୀ ଆୟୁସମାନ ବେହେରା କଳା ଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ତତ୍ୱାବଧାନରେ ସୃଜନାତ୍ମକ ମଣ୍ଡଳ କଳା ଶୈଳୀରେ ଅଙ୍କିତ ଜଗତରନାଥ ଜଗନ୍ନାଥଙ୍କ ଚିତ୍ରକୁ ଅତିଥିବୃନ୍ଦ, କଳାପ୍ରେମୀ ତଥା କଳା ସମୀକ୍ଷକ ମାନେ ଭୂୟସୀ ପ୍ରଶଂସା କରିଥିଲେ ଏବଂ ଶିଶୁ ଚିତ୍ରକଳା ବିଭାଗରେ ୨ୟ ସ୍ଥାନ ହାସଲ କରିବା ସହ ପ୍ରଶଂସା ପତ୍ର ଓ ମେଡାଲ ପାଇବାର ଗୌରବ ଅର୍ଜନ କରିଛନ୍ତି। ପ୍ରକାଶ ଥାଉକି ମାତା ମମତା ସାହ ଓ ପିତା ସୁଶାନ୍ତ ବେହେରାଙ୍କ ପୁତ୍ର ଶିଶୁ ଚିତ୍ରଶିଳ୍ପୀ ଆୟୁସମାନ ବାଲିପାଟଣା ବ୍ଲକ ଅର୍ନ୍ତଗତ ଇନ୍ଦ୍ରପାଳସ୍ଥିତ ଜାଭିୟର ହାଇସ୍କୁଲରେ ୪ର୍ଥ



ଶ୍ରେଣୀରେ ଅଧ୍ୟୟନରତ ଏବଂ ଚିତ୍ରକଳା ଓ ହସ୍ତକଳାରେ ଅଭିରୁଚି ସହ ବିଭିନ୍ନ ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମସ୍ତଙ୍କ ପ୍ରିୟଭାଜନ ସହ ପୁରସ୍କୃତ ହୋଇଛନ୍ତି। ଅଧୁନା ଆୟୁସମାନ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କାର'ରେ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତ୍ରକଳା ଶିଖିବା ସହ ଆଗାମୀ ଭବିଷ୍ୟତରେ ଜଣେ ଜଣାଶୁଣା ଚିତ୍ରଶିଳ୍ପୀ ହେବାର ଆଶା ରଖିଛନ୍ତି। ସଫଳତାର ଶ୍ରେୟ ମାତା ପିତା, କଳା ଶିକ୍ଷକ, ନିଜ ବିଦ୍ୟାଳୟ ଓ ସଂସ୍କାର ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମାର୍ଗ ଦର୍ଶନ ଏବଂ ଆଶୀର୍ବାଦର ଫଳପ୍ରସୂ ବୋଲି ଆୟୁସମାନ ମତବ୍ୟକ୍ତ କରିଛନ୍ତି।

## ନବରଙ୍ଗପୁର ଜିଲ୍ଲା ଓକିଲ ସଙ୍ଘ ଦ୍ୱାରା ବସ ଚଳାଚଳ ପାଇଁ ଦାବିପତ୍ର

**ନବରଙ୍ଗପୁର :** ନବରଙ୍ଗପୁର ସଦର ମହକୁମା ସୀମାନ୍ତବର୍ତ୍ତି ନନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ନବରଙ୍ଗପୁର ଜିଲ୍ଲା ଓକିଲ ସଂଘ ଦାବି କରିଛି। ଏହି ସଂକ୍ରାନ୍ତରେ ଆଜି ନବରଙ୍ଗପୁର ଜିଲ୍ଲା ଓକିଲ ସଙ୍ଘ ସଭାପତି ନରସିଂହ ତ୍ରିପାଠୀଙ୍କ ନେତୃତ୍ୱରେ ନବରଙ୍ଗପୁର ଜିଲ୍ଲାପାଳ କମଳ ଲୋଚନ ମିଶ୍ରଙ୍କ ମାଧ୍ୟମରେ ରାଜ୍ୟ ପରିବହନ କମିସନର, ଆଞ୍ଚଳିକ ପରିବହନ ଅଧିକାରୀ ଓ ଜନପ୍ରତିନିଧିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ନବରଙ୍ଗପୁର ସହର ଠାରୁ ଅନତି ଦୂରରେ ଥିବା କଲେଜ, ଜିଏନଏମ କଲେଜ, ଜିଲ୍ଲା କୃଷି କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ମେଡିକାଲ, ନବରଙ୍ଗପୁର ଜିଲ୍ଲା କୋର୍ଟ, ସରସ୍ୱତୀ ବିଦ୍ୟା ମନ୍ଦିର, ଜିଲ୍ଲା ଉଦ୍ୟାନ ବିଭାଗ ମୁଖ୍ୟାଳୟ,



ଡିଆଇଇଟି ପାଇଁ ଲୋକେ ଦୂର ଦୂରାନ୍ତରୁ ଆସି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଣୁ ଏହି ସମସ୍ୟାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ଓକିଲ ସଙ୍ଘ ଦ୍ୱାରା ସଂପୃକ୍ତ ଅଞ୍ଚଳରେ ବସ୍ ସେବା ଯୋଗାଇ ଦେବା ପାଇଁ ଦାବି ଉପସ୍ଥାପନ କରାଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଆଗାମୀ ଦିନରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପରଲୋକରେ ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର



**ଭୁବନେଶ୍ୱର :** ବରିଷ୍ଠ ସାମ୍ବାଦିକ ତଥା ଓଡିଶା ଗୌରବ ଖବର କାଗଜର ପ୍ରତିଷ୍ଠାତା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପରଲୋକ ଘଟିଛି। ଗତ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ଶ୍ରୀ ସାହୁଙ୍କ ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ସେ ଭୁବନେଶ୍ୱରର ବଡଗଡ ବ୍ରିଟ୍ କଲୋନୀରେ ରହୁଥିଲେ। ଶ୍ରୀ ସାହୁଙ୍କ ମୃତ୍ୟୁରେ ତାଙ୍କ ଜନ୍ମ ସ୍ଥାନ ଚନ୍ଦନପୁର ନାହକପାଟଣା ତଳସାହି ସମେତ ରାଜଧାନୀର ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି।

## ବନ୍ତ ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ

# ୮ କନିଷ୍ଠ ଯନ୍ତ୍ରୀ ସମ୍ଭାଳୁଛନ୍ତି ୨୫ ପଞ୍ଚାୟତ

**ଭଦ୍ରକ :** ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ପଂଚାୟତରେ ଜଣେ ପିଇଓ ବା କାର୍ଯ୍ୟନିର୍ବାହୀ ଅଧିକାରୀ, ଜଣେ ଜିଆରଏସ ବା ଗ୍ରାମ୍ୟ ରୋଜଗାର ସେବକ ଏବଂ ଜଣେ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି କିନ୍ତୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାହା ଫଳରେ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ବ୍ଲକରେ ୨୫ଟି ଗ୍ରାମପଂଚାୟତ ପାଇଁ ବର୍ତ୍ତମାନ ୮ଜଣ କିନଷ୍ଠ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ୮ଜଣ କନିଷ୍ଠଯନ୍ତ୍ରୀଙ୍କ ମଧ୍ୟରୁ ୫ଜଣ ମହିଳା । ସୂଚନା ଅନୁଯାୟୀ; କନିଷ୍ଠଯନ୍ତ୍ରୀ ସୁପ୍ରଭା ପ୍ରଧାନଙ୍କୁ ବସନ୍ତିଆ,ଗଣିଜାଙ୍ଗ,ସେଣ୍ଡତିରା ଓ ଓଡ଼ଙ୍ଗ,ଅମର ଜ୍ୟୋତି ଦିପକ କୁମାର ଜେନାଙ୍କୁ ଗୋବିନ୍ଦପୁର, ବନ୍ତ, ରାମପୁର,ଅନିରୁଦ୍ଧ ବିଶ୍ୱାଳଙ୍କୁ ତୋଡ଼ଗାଁ, କେନ୍ଦୁଆପଦା, ଛୟାଳସିଂହ ଓ ଟିଲୋ, ପ୍ରଜ୍ଞା ପରମିତା ମହାନ୍ତିଙ୍କୁ ଆଡ଼ିଆ, ପୁରୁଷଣ୍ଡ, ଅଣିଜୋ, ଗୋପିନାଥପୁର, ପ୍ରଦିପ ପରିଡ଼ାଙ୍କୁ ବଡ଼ବର୍ଚ୍ଚିକୟାଁ, ରାମଚନ୍ଦ୍ରପୁର, ଅସିମା ନାୟକଙ୍କୁ ଚାରିଗାଁ, ବଡ଼ମହିଁଷଗୋଠ, ମହାନ୍ତିପଡ଼ା, ପ୍ରିୟଙ୍କା ପ୍ରିୟଦର୍ଶନୀ ସେଠୀଙ୍କୁ ବିଟିପୁର, କାଦବରାଙ୍ଗ,ନିଳକ ଓ ପ୍ରଜ୍ଞା ପରମିତା ସେଠୀଙ୍କୁ ପଧାନପଡ଼ା,ରାମକୃଷ୍ଣପୁର ପଂଚାୟତର ଦାଇତ୍ୱ ପ୍ରଦାନ କରାଯାଇଥିବା ବେଳେ ବ୍ଲକର ଏକମାତ୍ର ବୈଷୟିକ ପରାମର୍ଶ ଦାତା ଜଗନ୍ନାଥ ବିଶ୍ୱାଳଙ୍କ ଧାମନଗର ବ୍ଲକକୁ ବଦଳି ହୋଇଯାଇଥିବା ବେଳେ ଭଣ୍ଡାରିପୋଖରୀ ବ୍ଲକ ଦାଇତ୍ୱରେ ଥିବା ବୈଷୟିକ ପରାମର୍ଶ ଦାତାକୁ ବନ୍ତ ବ୍ଲକର ଅତିରିକ୍ତ ଦାଇତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ତେଣୁ ୮ଜଣ କନିଷ୍ଠ ଯନ୍ତ୍ରୀ ୨୫ଟି ପଂଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କିପରି କରିବେ ତାହା ସହଜରେ ଅନୁମେୟ । ଅପରପକ୍ଷରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧିନରେ ଯେତୋଟି ବିଦ୍ୟାଳୟ ଅଛି ଉକ୍ତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଦାଇତ୍ୱ,ନୂତନ ବିଦ୍ୟାଳୟ ନିର୍ମାଣ,ବିଦ୍ୟାଳୟ ମରାମତି ଏହିପରି



ବିଦ୍ୟାଳୟର ଅନେକ କାର୍ଯ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅଧିନରେ ହେବାକୁ ଥିବା ବେଳେ ଉକ୍ତ କାର୍ଯ୍ୟର ତଦାରଖ ଦାଇତ୍ୱ ବୈଷୟିକ ପରାମର୍ଶ ଦାତାଙ୍କର ଅଟେ । ଏହିପରିସ୍ଥଳେ ଭଣ୍ଡାରିପୋଖରୀ ବ୍ଲକ ଦାଇତ୍ୱରେ ଥିବା ବୈଷୟିକ ପରାମର୍ଶ ଦାତାଙ୍କୁ ବନ୍ତ ବ୍ଲକର ଅତିରିକ୍ତ ଦାଇତ୍ୱ ପ୍ରଦାନ କରାଯିବା କେତେଦୂର ଯୁକ୍ତିଯୁକ୍ତ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିବା ସହ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ବ୍ଲକରେ ୧୩ ଜଣ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏକାଧିକ ଗ୍ରାମପଂଚାୟତର ଦାୟିତ୍ୱରେ ରହୁଥିବାରୁ ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ହୋଇପାରୁ ନଥିବା ବେଳେ ହିତାଧିକାରୀମାନେ ଠିକ୍ ସେବା ପାଇପାରୁ ନାହାନ୍ତି । ଜନମଙ୍ଗଳ ସଂପ୍ରସାରଣ ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏହାର ହାଇତ୍ୱ ତୁଲାଉଥିବା ଜଣାପଡ଼ିଛି । ତେଣୁ ସରକାରଙ୍କ ତରଫରୁ ବ୍ଲକରେ ଆବଶ୍ୟକ ମୁତାବକ କର୍ମଚାରୀ ମୂତୟନ କରାଯାଇ ପାରୁ ନଥିବାରୁ ଏହାର ଉନ୍ନୟନ ମୂଳକ କାର୍ଯ୍ୟର ସଫଳ ରୂପାୟନ ହୋଇପାରୁନାହିଁ । ଏହି ସବୁ ସମସ୍ୟାର ସମାଧାନ କରିବା ସହ ଉନ୍ନୟନ ମୂଳକ କାର୍ଯ୍ୟର ସୁଚାରୁ ରୂପେ ପରିଚାଳନା କିପରି ହୋଇପାରିବ ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବନ୍ତ ଅଂଚଳବାସୀ ଦାବି କରିଛନ୍ତି।



ପ୍ରେମାନନ୍ଦ ପାଣିଗ୍ରାହୀ

# ମେଘରେ.... ମେଘ



ବର୍ଷା କାହାକୁ ବା ଭଲ ନଲାଗେ! ବର୍ଷା ଆସିଲେ ତ ହସି ଉଠେ ପୃଥିବୀ । ଜନଜୀବନରେ ସଞ୍ଚରୀ ଯାଏ ମାଦକତା । ସବୁଜ ଶ୍ୟାମଳ ପରିବେଶ ସହିତ ବର୍ଷାର ରିମ୍‌ଝିମ୍ ରାଗିଣୀରେ ଭିଜିଯାଏ ମନ । ଦୁଃଖର ସୀମା ପାର ହେଲେ ସୁଖ ରାଜ୍ୟରେ ପ୍ରବେଶ କରିବା ଭଳି ବର୍ଷାର ସ୍ପର୍ଶରେ ଉନ୍ମାଦିତ ହୋଇ ଉଠେ ମନ,ପ୍ରାଣ ଓ ହୃଦୟ। ଏଇ ବର୍ଷା ଋତୁ କେବଳ ସୁନ୍ଦର ନୁହେଁ, ଅନେକ ସୁନ୍ଦର ଗୁଣର ସମାହାର । କୃଷକ ଖୁସି ହୁଏ,ପ୍ରେମିକ ବି ପୁଲକିତ ହୁଏ । ଦେହରୁ ମନ ଆଉ ମନରୁ ହୃଦୟ ସବୁକୁ ଓଦା କରିଦିଏ ବର୍ଷାର ଛୁଆଁ । ବର୍ଷା ଋତୁରେ ପଡୁଥିବା ଶ୍ରାବଣ ମାସ ପୁଣି ଦେବ ଦେବ ମହାଦେବଙ୍କ ପ୍ରିୟ ମାସ । ଜଳଧାରା ଶିବଙ୍କ ପ୍ରିୟ ହୋଇଥିବାରୁ ଏହି ମାସରେ କାଉଡିଆମାନେ ଶିବଙ୍କ ମସ୍ତକରେ ଜଳାଭିଷେକ କରିଥାନ୍ତି। ଶ୍ରାବଣର ଛୁଆଁରେ ପୃଥିବୀ ହୁଏ ପୁଷ୍ପ ଓ ଶସ୍ୟ ପୂର୍ଣ୍ଣା। ଜନଜୀବନରେ ସଞ୍ଚରୀ ଯାଏ ମାଦକତା। ବାରିପାତରେ ଗାଁଦାଣ୍ଡ,ବିଲବାଡି,ପୋଖରୀ ଜଳ ପ୍ଲାବିତ ହୁଏ । ବର୍ଷା ପଲ୍ଲୀ ଜୀବନରେ ଉଲ୍ଲାସ ଭରିଦିଏ। ସହରୀ ଜୀବନରେ ସତେଜତା ପ୍ରଦାନ କରେ। ବର୍ଷା ଆକାଶରେ ଇନ୍ଦ୍ରଧନୁର ସପ୍ତରଙ୍ଗର ବର୍ଣ୍ଣାଳୀ ବିମୋହିତ କରେ ଜନଜୀବନକୁ । ବର୍ଷା ଋତୁ ସୃଜନୀର ଋତୁ, ସ୍ୱପ୍ନ ଓ ସମ୍ଭାବନାର ଋତୁ। ବସନ୍ତ ଋତୁକୁ ଋତୁରାଜ କୁହାଯାଉଥିବା ବେଳେ ବର୍ଷା ଋତୁକୁ ଋତୁରାଣୀ କୁହାଯାଏ । ତେଣୁ ଶ୍ରାବଣର ସୁଷମାକୁ ଦେଖି କବି ଗାଇଛନ୍ତି-ବର୍ଷାରେ ଆଷାଢ, ଶ୍ରାବଣ; ମେଷ ବରଷେ ଘନଘନ।

ପହିଲି ବର୍ଷାରେ ଛନଛନ ସବୁଜ ଘାସ ଉପରେ ସାଧବ ବୋହୂ ମୃଦୁ ମନ୍ଥର ଗତିରେ ଦଳବଦ୍ଧ ହୋଇ ଯେପରି ଚଳପ୍ରଚଳ କରନ୍ତି, ମନେ ହୁଏ ପୃଥିବୀ ନାଲି ପାଟ ଶାଢୀ ପିନ୍ଧିଛି। ବର୍ଷା ଭିଜା ମାଟିରେ ଚାଲୁଥିବା ସାଧବ ବୋହୂ ଦେଖିବାକୁ ଖୁବ୍ ଛୋଟ ହେଲେ ବି ଆଖିକୁ ବେଶ୍



ସୁନ୍ଦର ଲାଗନ୍ତି। ବୋହୂଟିଏ ନାଲି ପାଟ ପିନ୍ଧି ସିନ୍ଦୁର ନାଇଲା ପରି ଏହାର ରଙ୍ଗ ହୋଇଥିବାରୁ ଏହାକୁ ସାଧବବୋହୂ କୁହାଯାଏ । ଛୋଟ ପିଲା ଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସାଧବ ବୋହୂକୁ ଦେଖି କିଏ ବା ଆମୋଦିତ ନହୁଏ ? ବର୍ଷାଦିନକୁ ଛାଡିଦେଲେ ଅନ୍ୟ ଋତୁରେ ସାଧବ ବୋହୂକୁ ଦେଖିବାକୁ ମିଳେ ନାହିଁ। ବିଶ୍ୱାସ କରାଯାଏ ଯେ ସାଧବବୋହୂ ଯେଉଁ ଶସ୍ୟ କ୍ଷେତ୍ର ବା ତା ନିକଟରେ ବିଚରଣ କରନ୍ତି ସେହି ଶସ୍ୟ କ୍ଷେତ୍ରରେ ଭଲ ଫସଲ ଅମଳ ହୁଏ । ମେଘ ଓ ମୟୂରର ପ୍ରେମ ଶାଶ୍ୱତ । ବର୍ଷାର ଆଗମନକୁ ଚାତକ ଭଳି ମୟୂର ଚାହିଁ ରହିଥାଏ। ନୀଳ ଆକାଶରେ ଗୁମୁରି ଉଠୁଥିବା କଳା ବାଦଲକୁ ଦେଖି ସେ ପୁଚ୍ଛ ମେଲାଇ ଖୁସିରେ ନାଚି ଉଠେ। ସାଥୀକୁ ଆକୃଷ୍ଟ କରିବା ପାଇଁ ସେ ଛମ୍‌ଛମ୍ ନୃତ୍ୟ କରେ। ବେଙ୍ଗ ଓ ବର୍ଷାର ନିବିଡ ସମ୍ପର୍କ ରହିଛି। ଅସରାଏ ଭଲ ବର୍ଷା ହୋଇଗଲେ ଯେଉଁଠିବି ବେଙ୍ଗ ଲୁଚିଥିଲେ ବି ବାହାରି ଆସେ। ସାରୁ ଗଛ ମୂଳେ ବସି ବେଙ୍ଗ ଡାକିବାର ଶବ୍ଦ ଶୁଣା ଗଲେ ପ୍ରବଳ ବର୍ଷା ହେବ ବୋଲି ଆଶା କରାଯାଏ। ବେଙ୍ଗର ରଡି ଶୁଣିବା ମାତ୍ରେ କୃଷକ ମନ ଖୁସି ହୋଇଯାଏ। ବର୍ଷା ଆସିବା ମାତ୍ରେ ପାଳଗଦା ମୂଳେ ପାଳ ଛତୁ, ବାଲିରେ ବାଲି ଛତୁ, ହୁଙ୍କାରେ ହୁଙ୍କା ଛତୁ, ନଇ ବନ୍ଧ କଡ ଓ ପଡିଆରେ ନାନା ପ୍ରକାର ଛୋଟରୁ ବଡ ଛତୁ ହୋଇଥାଏ। ଛତୁ କେବଳ ସ୍ୱାସ୍ଥ୍ୟ ଉପଯୋଗୀ ନୁହେଁ ଏହା ଖୁବ୍ ସ୍ୱାଦିଷ୍ଟ ମଧ୍ୟ। ଏହିସବୁ ଛତୁ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି।

**ବର୍ଷା ବିହୁନେ କୃଷି ନାଶ :** ଭାରତୀୟ ଉପ ମହାଦେଶର ଜୀବନ ଜୀବିକା ଏହି ବର୍ଷା ଦ୍ୱାରା ନିରୂପିତ ହୋଇଥାଏ। ଅଧିକ ବର୍ଷା ହେଲେ ଜନଜୀବନ ଅସ୍ତବ୍ୟସ୍ତ ହୁଏ ଏବଂ କମିଗଲେ ଚାଷବାସ ପ୍ରଭାବିତ ହୁଏ। ଆମେ ବର୍ଷାକୁ ଦେବତା ଭାବେ ପୂଜା କରୁ ଓ ଆର୍ଶୀବାଦ ଲୋଡୁ। ଦେଶର ଅର୍ଥନୀତି ଓ ରାଜନୀତିକୁ ବି ନିୟନ୍ତ୍ରଣ କରେ ବର୍ଷା। ଧାନ, ଆଖୁ, ବାଜରା, କପା, ସୋୟାବିନ ଚାଷ ଉପରେ ଦେଶର ଅଧିକାଂଶ ଚାଷୀ ନିର୍ଭରଶୀଳ। ସେମାନଙ୍କର ଆର୍ଥିକ ସ୍ଥିତି ଉପରେ ଦେଶର ଅର୍ଥନୀତି ଅଧିକ ମାତ୍ରାରେ ପ୍ରଭାବିତ ହୁଏ। ତେଣୁ ମୌସୁମୀର ସ୍ୱାଭାବିକତାକୁ ଲକ୍ଷ୍ୟ କରି ସରକାର ବଜେଟରେ ବିଭିନ୍ନ ଯୋଜନା କରିଥାନ୍ତି। କେବେ କେବେ ମୌସୁମୀର ଲୁଚକାଳି ଖେଳ ଯୋଗୁଁ ଅନାବୃଷ୍ଟି ବା ସ୍ୱଳ୍ପ ବୃଷ୍ଟି ହୁଏ। ଉଚିତ ସମୟରେ ବର୍ଷା ନହେବାରୁ ଚାଷ ପ୍ରଭାବିତ ହେବା ସହ ବିଜୁଳି ସଙ୍କଟ ହୁଏ। ଅନାବୃଷ୍ଟି, ମରୁଡି ଭଳି ବିପର୍ଯ୍ୟୟକୁ ମଣିଷର ସବୁବେଳେ ଭୟ। ସ୍ୱାଭାବିକ ବର୍ଷା ନହେଲେ ଏହା ଦୈବୀ ଦୁର୍ବିପାକ ବୋଲି ମନେ କରି ପ୍ରତିକାର ପାଇଁ ମଣିଷ ଦେବତାଙ୍କ ଆଶ୍ରୟ ନିଏ। କେଉଁଠି ବେଙ୍ଗ ବେଙ୍ଗୁଲୀ ବିବାହ କରାଯାଏ ତ ଆଉ କେଉଁଠି ଲୋକେ ବର୍ଷାର ଆବାହନ ପାଇଁ ଯଜ୍ଞ ଓ ସ୍ୱତନ୍ତ୍ର ପୂଜା କରିଥାନ୍ତି । ମେଘ ମହ୍ଲାର ରାଗ ପରିବେଷଣ କରି ସଂଗୀତଜ୍ଞମାନେ ବର୍ଷାବରଣ କରିଥିବାର ସ୍ୱାତନ୍ତ୍ର୍ୟ ରହିଛି ଆମ ଦେଶରେ। ତେବେ ଜଳ ସଂକଟ ଦୂର କରାଇବା ପାଇଁ ବ୍ୟାକ୍ଟେରିଆକୁ ବ୍ୟବହାର କରି କାନପୁର ଆଇଆଇଟିର ଛାତ୍ରଛାତ୍ରୀମାନେ କୃତ୍ରିମ ଉପାୟରେ ବର୍ଷା କରାଇବାରେ ସଫଳ ହେଲେଣି।

**ବିଶ୍ୱରେ ଅଧିକ ବର୍ଷା ହେଉଥିବା ସ୍ଥାନ :** ଅଧିକ ବର୍ଷା ବିଷୟରେ ଆଲୋଚନା ବେଳେ ମନକୁ ଆସେ ଉତ୍ତର-ପୂର୍ବ ଭାରତର ମେଘାଳୟ ରାଜ୍ୟ କଥା। ମେଘାଳୟ ର ଅର୍ଥ ମେଘର ଆଳୟ ବା ବାଦଲର ଘର । ନାଁ ଅନୁଯାୟୀ ଏଠି ବର୍ଷା ଅଧିକ ହେବା ତ ସ୍ୱାଭାବିକ । ମେଘାଳୟର ଚେରାପୁଞ୍ଜିକୁ ବର୍ଷାର ରାଜଧାନୀ କୁହାଯାଏ । ବିଶ୍ୱର ସବୁଠୁ ଅଧିକ ବର୍ଷା ହୁଏ ଏଠି। ଚେରାପୁଞ୍ଜି ବ୍ୟତୀତ ମେଘାଳୟରେ ଆଉ ଏକ ଗାଁ ବି ଅଛି ଯେଉଁଠି ବର୍ଷ ସାରା ବର୍ଷା ହୁଏ। ଗାଁଟି ହେଉଛି ମସିନରମ୍। ବର୍ଷକୁ ହାରାହାରି ଏଠାରେ ୧୧,୮୭୨ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇଥାଏ। ଲଗାତର ବର୍ଷା ଯୋଗୁଁ ଏଠାରେ ଜନଜୀବନ ତଥା ଚାଷବାସ କଷ୍ଟକର ହୋଇଥାଏ। ଲୋକେ ଏଠାରେ ଗଛର ଚେରକୁ ବାନ୍ଧି ପୋଲ ତିଆରି କରି ଯାତାୟତ କରନ୍ତି। ସେହିପରି କଲମ୍ବିଆର ଟୁଟୁନେଣ୍ଡୋରେ ବର୍ଷକୁ ଦୁଇଥର ବର୍ଷାଋତୁ ଆସିଥାଏ । ଏଠାରେ ବର୍ଷକୁ



ଅନ୍ତତଃ ୧୧,୭୭୦ ମିଲିମିଟର ବର୍ଷା ହୋଇଥାଏ। ଆଫ୍ରିକାର ମାଉଣ୍ଟ କାମେରୁନ୍ ରେ ବର୍ଷକୁ ହାରାରି ୧୦,୨୯୯ ମିଲିମିଟର ବର୍ଷା ହୋଇଥାଏ । ବର୍ଷସାରା ଏଠାରେ ହାଲୁକାରୁ ପ୍ରବଳ ବର୍ଷା ହୁଏ। ଆଫ୍ରିକାର ଅନ୍ୟ ଏକ ଆଦ୍ରତାଯୁକ୍ତ ସ୍ଥାନ ହେଉଛି ଗୁଏନା। ଏଠାରେ ବର୍ଷକୁ ୧୦,୪୫୦ ମିଲିମିଟର ବର୍ଷା ହୁଏ।

**କାଗଜ ଡଙ୍ଗାର ମଜା :** କଳାହାଣ୍ଡିଆ ମେଘରୁ ଟପ୍‌ଟପ୍ ବର୍ଷା ପଡିଲେ ପିଲାମାନେ ଆନନ୍ଦରେ ବିଭୋର ହୋଇ ଉଠନ୍ତି । ବର୍ଷା ପରି ସୁନ୍ଦର ସକାଳକୁ ପିଲାମାନେ ଉପଭୋଗ କରନ୍ତି । ଗାଁ ଦାଣ୍ଡରେ ବହି ଯାଉଥିବା ବଦଳ ପାଣିରେ ହାତ ତିଆରି ରଙ୍ଗବେରଙ୍ଗର କାଗଜ ଡଙ୍ଗା ଭସାଇ, ଭାସି ଯା ମୋର କାଗଜ ଡଙ୍ଗା ଭାସି ଯା... ଗୀତ ଗାଇ ବର୍ଷାର ମଜା ନିଅନ୍ତି ପିଲାମାନେ । ଏହି କାଗଜ ଡଙ୍ଗା ଆମ ପ୍ରାଚୀନ ଉତ୍କଳର ନୌବାଣିଜ୍ୟର ସ୍ମୃତି।

**କଦମ୍ବ ବନେ ବଂଶୀ ବାଜିଲାରେ :** ବର୍ଷା କଥା ଆସିଲେ କଦମ୍ବ ଫୁଲ ଆଖି ଆଗରେ ଝଲସି ଉଠେ। ବସନ୍ତରେ ପଳାସ, ଗ୍ରୀଷ୍ମରେ କୃଷ୍ଣଚୂଡା, ଶରତରେ କାଶତଣ୍ଡି, ଶୀତରେ ଗେଣ୍ଡୁ ଫୁଲ ପାରି ବର୍ଷା ଋତୁରେ କଦମ୍ବ ତାର ସୌନ୍ଦର୍ଯ୍ୟ ବିତରଣ କରେ। ଏହାର ଭୁରୁଭୁରୁ ମହକରେ ଚଉଦିଗ ମହକି ଉଠେ। ଏହି ଗଛର ନାମକରଣ କର୍ଣ୍ଣାଟକର ପ୍ରଥମ ଶାସକ କଦମ୍ବା ରାଜବଂଶ ଅନୁସାରେ ହୋଇଥିବା କୁହାଯାଏ। ରସରାଜ ଶ୍ରୀକୃଷ୍ଣଙ୍କର କଦମ୍ବ ପ୍ରିୟ ପୁଷ୍ପ। ଦେବୀ ପାର୍ବତୀ ମଧ୍ୟ କଦମ୍ବ ବୃକ୍ଷ ମୂଳେ ରହିବାକୁ ଭଲ ପାଆନ୍ତି । କାରଣ ଦେବୀ ପାର୍ବତୀଙ୍କର ଅନ୍ୟ ନାମ କଦମ୍ବ ବାସିନୀ। କଦମ୍ବ ଫଳରୁ ସୁଗନ୍ଧିତ ଅତର,ମଞ୍ଜିରୁ ତେଲ,କାଠରୁ ଘରୋଇ ଉପକରଣ ପ୍ରସ୍ତୁତ ହୁଏ।

**ବର୍ଷା ଦିନର ସାଥି ପଖିଆ :** ବର୍ଷାଋତୁ ଆସିଲେ ଗାଁଗହଳିରେ ଚାଷକାର୍ଯ୍ୟ ପାଇଁ ଆବଶ୍ୟକ ପଡେ ତାଳପତ୍ରରୁ ତିଆରି ପଖିଆ । ବର୍ଷାରେ ଚାଷୀଙ୍କ ପାଇଁ ସୁରକ୍ଷା କବଚ ହେଉଛି ପଖିଆ। ଥରେ ପଖିଆ ମୁଣ୍ଡରେ ଦେଇ ତାର ସୂତାକୁ ଅଣ୍ଟାରେ ବାନ୍ଧି ଦେଲେ ଘର ଲେଉଟାଣି ଯାଏ ସେମିତି ଲାଖି ରହିଥାଏ। କେବଳ ଚାଷ ନୁହେଁ ଗାଇ ଚରାଳି ମଧ୍ୟ ପଖିଆ ସାଥିରେ ନେଇ ଗାଇ ଚରାଇବାକୁ ଯାଇଥାନ୍ତି। ଏହାକୁ ମୁଣ୍ଡରେ ଦେଲେ ବଜ୍ରପାତ ଆଶଙ୍କା କମ୍ ବୋଲି କେତେକ ମତ ଦିଅନ୍ତି। ତେବେ ପଲିଥିନର ବ୍ୟବହାର ଫଳରେ ପଖିଆର ଆଦର କମିବାରେ ଲାଗିଛି । ପଖିଆ ଡିଜାଇନର ପଲିଥିନ ବଜାରରେ ଶସ୍ତାରେ ମିଳୁଛି। ତେଣୁ କୃଷି ଶ୍ରମିକମାନେ ପଲିଥିନରେ ତିଆରି ପଖିଆକୁ ବ୍ୟବହାର କରୁଛନ୍ତି ।

**ରିମ୍‌ଝିମ୍‌ର ସାଥୀ ଛତା :** ମୁଣ୍ଡ ଫଟା ଖରା ହେଉ କିମ୍ବା ମୂଷଳଧାରା ବର୍ଷା ହେଉ ଛତା ହେଉଛି ମନୁଷ୍ୟର ଏକ ନିର୍ଭରଯୋଗ୍ୟ ସାଥୀ । ଖରାରେ ପଛେ ଛତା ନହେଲେ ଚଳିବ,ବର୍ଷାରେ କିନ୍ତୁ ଏହା ଅତି ଜରୁରୀ। ଗାଁ ଓ ସହରରେ ରଙ୍ଗବେରଙ୍ଗ ଛତା ସାଙ୍ଗକୁ ବର୍ଷାତିର ଦୃଶ୍ୟ ବର୍ଷା ଋତୁର ଉପସ୍ଥିତି ଜାହିର କରେ। ଏହାର ଛତ୍ର ଛାୟା ଆମମାନଙ୍କୁ ବର୍ଷା ଛିଟାରୁ ରକ୍ଷା କରେ। କିଏ ପୁରୁଣାକୁ ମରାମତି କରେ ତ କିଏ ନୂଆ କିଣେ । ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀମାନେ ବିଭିନ୍ନ ରୂପର ଛତା ତିଆରି କରୁଛନ୍ତି। ସିଙ୍ଗଲ ଫୋଲ୍ଡ,ଡବଲ ଫୋଲ୍ଡ,ଥ୍ରୀ ଫୋଲ୍ଡ ସହିତ ଚାରି କୋଣିଆ ଛତା ବି ବଜାରକୁ ଆସିଲାଣି । ଚଳିତ ବର୍ଷ ଲୋକମାନେ ଅଧିକ ପସନ୍ଦ କରୁଥିବା ଛତା ମଧ୍ୟରେ ରହିଛି କ୍ୟାପ୍ସୁଲ,ବୋତଲ ଏବଂ ମିନି ଛତା। ଫ୍ୟାସନ୍‌ରେ ଛତାକୁ ବିଭିନ୍ନ ଢଙ୍ଗରେ ବ୍ୟବହାର କରାଯାଉଛି। ସିନେମା, ଆଲବମ, ଯାତ୍ରା ଭଳି ମନୋରଞ୍ଜନ ଦୁନିଆରେ ଛତାକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଉଛି।

**ଚର୍ତ୍ତୁର୍ମାସ୍ୟା ବ୍ରତ :** ପୌରାଣିକ କଥାବସ୍ତୁ ଅନୁଯାୟୀ ଆଷାଢ ଶୁକ୍ଳ ପକ୍ଷ ଏକାଦଶୀ ତିଥି ଠାରୁ କାର୍ତ୍ତିକ ମାସ ଦେବଉ□ାପନ ଏକାଦଶୀ ପର୍ଯ୍ୟନ୍ତ ଚାରି ମାସ ମହାପ୍ରଭୁ ଜଗନ୍ନାଥ ଶୟନ କରିଥାନ୍ତି। ମହାପ୍ରଭୁଙ୍କ ଶୟନ କାଳ ସମୟରେ ଜ୍ୟୋତିଷ ଶାସ୍ତ୍ରମତେ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ। ତେଣୁ ବିବାହ, ବ୍ରତ,



ଗୃହପ୍ରତିଷ୍ଠା ଆଦି କାର୍ଯ୍ୟ ଏହି ଚାରି ମାସରେ କରାଯାଏ ନାହିଁ। ସ୍କନ୍ଦ ପୁରାଣ -ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ମାହାତ୍ମରେ ଜୈମିଲା ଋଷି ମୁନିଗଣଙ୍କୁ କହିଛନ୍ତି ଏହି ଚାରି ମାସ ଅତି ପୂଣ୍ୟତମ କାଳ। ବହୁ ବ୍ରତ, ନିୟମ ପାଳନ କରି କାଶୀ ଧାମରେ ବହୁ ଯୁଗ ବାସ କଲେ ସାଧକକୁ ଯେଉଁ ଫଳ ମିଳେ, ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଏହି ଚାରି ମାସ ମଧ୍ୟରୁ ଦିନଟିଏ ଶ୍ରୀଜଗନ୍ନାଥଙ୍କ ସାନ୍ନିଧ୍ୟରେ ବାସ କଲେ ସେହି ଫଳ ମିଳିଥାଏ। ତେଣୁ ଏହି ଚାରି ମାସରେ ସାଧୁସନ୍ଥମାନେ ଚର୍ତ୍ତୁର୍ମାସ୍ୟା ବ୍ରତ ପାଳନ କରିଥାନ୍ତି। ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥାନ୍ତି। ଯେଉଁ ବ୍ୟକ୍ତି ଚର୍ତ୍ତୁର୍ମାସ୍ୟାରେ ବ୍ରହ୍ମଚର୍ଯ୍ୟ ପାଳନ କରେ ସେ ପରମଗତି ପ୍ରାପ୍ତ ହୁଏ ।

**ବର୍ଷା ଆଣିଥାଏ ଦୁଃଖ :** ବର୍ଷା କାହା ପାଇଁ ସୁଖ ଆଣି ଦେଇଥାଏ ତ କାହାପାଇଁ ଦୁଃଖ ଆଣିଥାଏ। ବର୍ଷାଦିନେ ନଦୀନାଳ, କୂଅ, ପୋଖରୀ, କେନାଲରେ ଜଳ ଭର୍ତ୍ତି ହୋଇ ରହୁଥିବାରୁ ବହୁ ଦୁର୍ଘଟଣା ହୋଇଥାଏ। ଜଳବୁଡି ମୃତ୍ୟୁର ଆଶଙ୍କା ରହିଥାଏ। କେତେବେଳେ ଡଙ୍ଗା ବୁଡି ତକେତେବେଳେ ନଦୀପୋଖରୀରେ ଅସାବଧାନତା ହେତୁ ଲୋକେ ମୃତ୍ୟୁ ମୁଖରେ ପଡନ୍ତି। ଏବର୍ଷ ବର୍ଷା ଆରମ୍ଭରୁ ଭୁବନେଶ୍ୱରରେ ଉଛୁଳା ଡ୍ରେନରେ ଭାସିଯାଇ ଜଣେ ବ୍ୟକ୍ତିର ଶୋଚନୀୟ ମୃତ୍ୟୁ ଘଟିଥିଲା । ବର୍ଷାରେ ଭିଜିବା ଦ୍ୱାରା ଥଣ୍ଡା, ଜ୍ୱର ହେବା ସାଧାରଣ କଥା । ନଦୀନାଳ ଓ କୂଅପୋଖରୀରେ ଆବର୍ଜନା ଜଳ



ମିଶିବା ଯୋଗୁଁ ଆମକୁ ବିଭିନ୍ନ ପ୍ରକାର ରୋଗର ଆଶଙ୍କା ଥାଏ। ଜଳ ସହିତ କେତେଗୁଡିଏ ରୋଗ ଜୀବାଣୁ ଶରୀର ମଧ୍ୟରେ ପ୍ରବେଶ କରନ୍ତି। ଯଦ୍ୱାରା ହଇଜା, ଆମାଶୟ, ଆନ୍ତ୍ରିକ ଜ୍ୱର ଭଳି ଅନେକ ଜଳବାହିତ ରୋଗ ସୃଷ୍ଟି ହୁଏ। ବାଲି, ମାଟି ଓ ଅନ୍ୟାନ୍ୟ ଆବର୍ଜନାମିଶା ଗୋଳିଆ ପାଣି କିମ୍ବା ଅଧିକ ଧାତବ ଲବଣ ଥିବା କଠିନ ଜଳ ପାନ କଲେ ଅଜୀର୍ଣ୍ଣ,ଅଗ୍ନିମାନ୍ଦ୍ୟ ଓ ଉଦରାମୟ ରେଗ ହୁଏ । ଖାଦ୍ୟପେୟ ଓ ବୁଲାବୁଲିରେ ସତର୍କତା ଅବଲମ୍ବନ କରିବା ଉଚିତ ।

**ବର୍ଷା ଉତ୍ସବ :** ବର୍ଷା ଆମ ପାଇଁ ପ୍ରାଣର ସ୍ପନ୍ଦନ, ଜୀବନର ଛନ୍ଦ। ବର୍ଷା ଆସିଲେ ତ ଉତ୍ସବ ମନାଇବାକୁ ଇଚ୍ଛା ହୁଏ । କୃଷିକୁ ନେଇ ଅନେକ ପର୍ବପର୍ବାଣୀ ବି ଆୟୋଜିତ ହୁଏ। ଆମ ରାଜ୍ୟରେ କୃଷିଭିତ୍ତିକ ପର୍ବ ଯଥା-ଗୁହାଳ ପୂଜା,ଚିତାଉ ଅମାବାସ୍ୟା, ଗହ୍ମା ପର୍ବ ରହିଛି। ଦେଶବିଦେଶରେ ବର୍ଷା ଉତ୍ସବ ମଧ୍ୟ ଅନୁଷ୍ଠିତ ହୁଏ। ରାଜସ୍ଥାନରେ ତଜେ, ମହାରାଷ୍ଟ୍ରରେ ମଟକୀ ଫୋଡ୍ ଉତ୍ସବ ପାଳନ କରାଯାଏ। କେତେକ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟ ବର୍ଷା ଉତ୍ସବ ପାଳନ ମାଧ୍ୟମରେ ପ୍ରାଚୀନ ଓ ଆଧୁନିକ ବର୍ଷା ଗୀତକୁ ନେଇ ନୃତ୍ୟ,ସଙ୍ଗୀତ ଆସର କରିଥାନ୍ତି।

**କବି କଣ୍ଠରେ ବର୍ଷା :** ରିମ୍‌ଝିମ୍ ବର୍ଷା, ମେଘ ଡମ୍ବରୁ ଆକାଶ ଯୁଗେଯୁଗେ କବି ମାନସକୁ ବିଭୋର କରି ଆସିଛି। କବି ଚେତନା ବର୍ଷା ବର୍ଣ୍ଣନାରେ କାଳେକାଳେ ବିହ୍ୱଳିତ ହୋଇଛି। ସଂସ୍କୃତ ସାହିତ୍ୟରେ ଆଦିକବି ବାଲ୍ମିକୀ ଯେହେତୁ ଅରଣ୍ୟ ନିବାସୀ ଥିଲେ ତେଣୁ ତାଙ୍କ ରାମାୟଣରେ ବର୍ଷାକାଳିନ ଆରଣ୍ୟକ ପ୍ରକୃତି ଜୀବନ୍ତ ହୋଇଉଠିଛି - ବ୍ୟାମିଶ୍ରିତଂ ସର୍ଜକଦମ୍ବ ପର୍ଗ୍ୱୈ ନିବଂ ଜଳଂ ପାର୍ବତଧାତୁତାମ୍ରମ୍/ମୟୁର କେକାଭିରନୁପ୍ରୟାତଂ ଶୈଳାପରାଃ ଶୀଘ୍ରତରଂ ବହନ୍ତି । ଅର୍ଥାତ ଗିରିନଦୀର ସମୟରେ ଶାଳ ଓ କଦମ୍ବ ପୁଷ୍ପଗୁଡିକ ଭାସମାନ। ସେ ଜଳ ପାର୍ବତୀୟ ଗୈରିକ ମୃତ୍ତିକା ସଂସ୍ପର୍ଶରେ ଆସି ତାମ୍ର ରୂପ ଧାରଣ କରେ। ଗିରିନଦୀଗୁଡିକର ସ୍ୱର କେକାତୁଲ୍ୟ ମନେ ହୁଏ। ମେଘଦୂତ କାବ୍ୟରେ ମହାକବି କାଳିଦାସ ବର୍ଣ୍ଣନା କରିଛନ୍ତି -ଆଷାଢସ୍ୟ ପ୍ରଥମ ଦିବସେ ମେଘମାଶ୍ଲିଷ୍ଟସାନୁଂ/ବପ୍ରକ୍ରିଡା ପରିଣତ ଗଜପ୍ରେକ୍ଷଣୀୟଂ ଦଦର୍ଶ । ଅର୍ଥାତ ଆଷାଢ ମାସର ଗୁରୁଗର୍ଜନଶୀଳ ମେଘ ମତ୍ତହସ୍ତୀ ପରି। ବର୍ଷଣମୁଖର ବାଦଲର ରଙ୍ଗ ସହ ପ୍ରମତ୍ତପ୍ରକାଣ୍ଡ ହସ୍ତୀର ରଙ୍ଗ ଏକ।





*ଭୁଷଲ,ଭୁବନ,ଢେଙ୍କାନାଳ*
*ଭ୍ରାମ୍ୟଭାଷ : ୯୪୩୭୭୨୯୩୮୪*



# ‘କୁଡୁମି ସଂପ୍ରଦାୟକୁ ନ୍ୟାୟ ଦେବାରେ ବିଜେଡି ବିଫଳ’

**ଭୁବନେଶ୍ୱର :** ପୂର୍ବତନ ବିଜେଡି ନେତ୍ରୀ ତଥା ରାଜ୍ୟସଭା ସାଂସଦ ମମତା ମହନ୍ତ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। କୁଡୁମୀ ସଂପ୍ରଦାୟକୁ ପ୍ରତିନିଧିତ୍ୱ କରୁଥିବା ଶ୍ରୀମତୀ ମହନ୍ତଙ୍କ ଯୋଗଦାନ କାରଣରୁ ବିଜେପିର ସଂଗଠନ ଆହୁରି ସୁଦୃଢ ହେବ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଲଗାତାର ତୃତୀୟ ଥର ପାଇଁ କେନ୍ଦ୍ରରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ରାଜ୍ୟରେ ଭାରତୀୟ ଜନତା ପାର୍ଟୀ ସରକାର ଗଠନ କରିଛି। ପ୍ରଧାନମନ୍ତ୍ରୀ ମୋଦିଜୀ ଏବଂ ବିଜେପି ପ୍ରତି ଓଡିଶାବାସୀଙ୍କ ଆସ୍ଥା ରହିଛି। ଗତ ନିର୍ବାଚନରେ ଓଡିଶାରୁ ୨୦ଟି ସାଂସଦ ଜୟଲାଭ କରିଛନ୍ତି। ରାଜ୍ୟରେ ଏକ ଦୁର୍ନୀତିମୁକ୍ତ, ଭ୍ରଷ୍ଟାଚାରମୁକ୍ତ ଏବଂ ସୁଶାସନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ପ୍ରତିଶୃତିବଦ୍ଧ। ଗତ ୨୪ ବର୍ଷର ବିଜେଡି ଶାସନରେ ଓଡିଶାର ବିକାଶ ବାଧାପ୍ରାପ୍ତ ହୋଇଛି। କୁଡୁମି ସଂପ୍ରଦାୟର ଭାଇଭଉଣୀଙ୍କୁ ନ୍ୟାୟ ଦେଇ ନାହିଁ ବିଜେଡି। ବରଂ କେବଳ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରି ନିଜ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିଛି ବିଜେଡି। କିଛି ହାତଗଣତି ନେତାଙ୍କ ଦ୍ୱାରା ପରିଚାଳିତ ବିଜେଡି ଦ୍ୱାରା କୁଡୁମି ସଂପ୍ରଦାୟର ଭାଇଭଉଣୀଙ୍କ ଆତ୍ମସମ୍ମାନ ଓ ସ୍ୱାଭୀମାନକୁ ଜଳାଞ୍ଜଳୀ ଦିଆଯାଇଛି। ବିଜେଡିର ମନ୍ଦ ଉଦ୍ଦେଶ୍ୟକୁ ବୁଝି ସାରିଥିବା କୁଡୁମି ସଂପ୍ରଦାୟ ଆଜି ଉଚିତ୍ ଜବାବ୍ ଦେଇଛି। ଶ୍ରୀମତୀ ମହନ୍ତ ନିଜ ଆଡୁ ବିଜେପିରେ ସାମିଲ ହୋଇଛନ୍ତି। ଅନ୍ୟ ପଟେ ନିଜ ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ ବିଜେପି ଉପରେ ମିଥ୍ୟାରୋପ କରୁଛି ବିଜେଡି। ରାଜ୍ୟ ତଥା ଦେଶର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ସମସ୍ତଙ୍କ ପାଇଁ ବିଜେପିର ଦ୍ୱାର ସବୁ ସମୟ ଖୋଲା ରହିଛି। ଶ୍ରୀମତୀ ମହନ୍ତଙ୍କ ବିଜେପିରେ ଯୋଗଦାନକୁ ସ୍ୱାଗତ କରୁଛୁ ବୋଲି ଶ୍ରୀ ଟୁଡୁ କହିଛନ୍ତି।



# ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ପରେଶ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଭୁବନେଶ୍ୱର :** ଓଡ଼ିଶାର ଇଣ୍ଟରନ୍ୟାସନାଲର ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ପରେଶ ନାୟକଙ୍କ ତୃତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିନ୍ଦୁ ସାଗରରେ ତିଳତର୍ପଣ କରାଯାଇଥିଲା ଏବଂ ସଂଧ୍ୟାରେ ଗୀତଗୋବିନ୍ଦ ସଦନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ ସ୍ୱର୍ଗତଃ ନାୟକଙ୍କୁ ଜଣେ ବିରଳ ବ୍ୟକ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସମୟର ସମ୍ପାଦକ ରାଜେଶ ମହାନ୍ତି, ସୋୟାର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡକ୍ଟର ଅଶୋକ ମହାପାତ୍ର, କବି ତଥା ପୂର୍ବତନ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡା, ପୁରୀ ଆନନ୍ଦ ଧାମ ଆଶ୍ରମର ଅଧ୍ୟକ୍ଷ ବାବା ସୁଭାନନ୍ଦ, ଟ୍ରଷ୍ଟି ଉଦୟ କୁମାର, ଶାନ୍ତି ସୁମନ ଦାସ, ବାସୁଦେବ ନାଥ ଏବଂ ଇନ୍ଦିରା ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଭାବଗ୍ରାହୀ ଶାନ୍ତି।

## କଳା ତାଲିକାଭୁକ୍ତ ସଂସ୍ଥା ପ୍ରତି ଅହେତୁକ ପ୍ରୀତି

# ଚାଲିଛି ବେନିୟମ କାର୍ଯ୍ୟ

**ଭୁବନେଶ୍ୱର :** ବରମୁଣ୍ଡାରେ ଥିବା ଓଡିଶା ରାଜ୍ୟ କୃଷି ବିପଣନ ସଂସ୍ଥାରେ ବ୍ୟାପକ ଅନିୟମିତତା ଚାଲିଥିବା ନେଇ ଅଭିଯୋଗ ହେଉଛି। ଦାୟିତ୍ୱରେ ଥିବା ଦୁଇ ବରିଷ୍ଠ ଅଧିକାରୀଙ୍କ ଜ୍ଞାତସାରରେ ଏଭଳି ଚାଲିଥିବା ଜଣାପଡିଛି। ଏପରିକି କଳାତାଲିକାଭୁକ୍ତ ବାହାର ରାଜ୍ୟର ଏକ ଘରୋଇ ସଂସ୍ଥାକୁ ଚିଠି ଦେଇ ତାର ଲାଇସେନ୍ସ ନବୀକରଣ କରିବାକୁ ମସୁଧା ଚାଲିଥିବା ଅଭିଯୋଗ ହେଉଛି। ମୁମ୍ବାଇର ଏନ୍‌ସିଡିଇଏକ୍ସ ଇ-ମାର୍କେଟିଂ ସଂସ୍ଥା ନାଫେଡ ପାଇଁ ଅନଲାଇନ ଟ୍ରେଡିଙ୍ଗ କାର୍ଯ୍ୟ କରୁଥିଲେ ବି ଆମ ରାଜ୍ୟର କୃଷି ନିୟମକୁ ବେଖାତିର କରି ସରକାରଙ୍କ ଧାର୍ଯ୍ୟ ଦର ଠାରୁ ଅତି କମ ଦରରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରୁଥିବା ଅଭିଯୋଗ ହେଉଛି। ଏମିତିକି ରାଜ୍ୟ କୃଷି ବିପଣନ ସଂସ୍ଥା ୨୦୧୮ ମସିହାରୁ ଏହି ସଂସ୍ଥାର ପଞ୍ଜିକରଣ ବାତିଲ କରିଥିଲେ ବି ସେ ପୂର୍ବ ଭଳି କାରବାର କରୁଥିଲେ। ଏହି ତଥ୍ୟ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଓ ସୂଚନା ଅଧିକାର ଆଇନ ବଳରେ ଜଣା ପଡିବା ପରେ ପୁନର୍ବାର ଉକ୍ତ ସଂସ୍ଥାକୁ ସମ୍ପୃକ୍ତ ଅଧିକାରୀ ମାନେ ଆଉ ଥରେ ସୁଯୋଗ ପ୍ରଦାନ ପଛରେ କଣ ରହସ୍ୟ ରହିଛି ତାହା ସମ୍ପୃକ୍ତ ଅଧିକାରୀ ମାନେ ଜାଣନ୍ତି। ସୂଚନାଯୋଗ୍ୟ ଯେଉଁ ସମୟରେ ଏହି ସଂସ୍ଥାର ପଞ୍ଜିକରଣ ବାତିଲ କରାଯାଇଥିଲା ସେ ବିଷୟରେ ଏଥିରେ ଜଡିତ ବିଭିନ୍ନ ସଂସ୍ଥାକୁ ନ ଜଣାଇ କେବଳ କିଛି ନିୟନ୍ତିତ ବଜାର କମିଟିକୁ ଜଣାଇ ଦିଆଯାଇଥିଲା ବୋଲି ଖବର ମିଳିଛି। ଏଠାରେ ଆହୁରି ଅନେକ ପ୍ରିୟପ୍ରୀତି, ଦୁର୍ନୀତି ଓ ଲାଞ୍ଚ କାରବାର ଚାଲିଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ତେଣୁ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ସତ ଘଟଣା ପଦାକୁ ଆସିପାରନ୍ତା।

## ବ୍ଲକ କୃଷି ଅଧିକାରୀଙ୍କ କଳାକାରନାମା

# ଲାଞ୍ଚ ଟଙ୍କାରେ କରୁଛନ୍ତି ମଉଜ

**କନ୍ଧମାଳ :** କନ୍ଧମାଳ ଜିଲ୍ଲାରେ କୃଷି ଅଧିକାରୀମାନେ ବିଭିନ୍ନ ପ୍ରକାର ପେଞ୍ଚ କରି ଲାଞ୍ଚ ଖାଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି। ସୂଚନା ଅନୁସାରେ ଏହି ଜିଲ୍ଲାର ଖଜୁରିପଡା ବ୍ଲକରେ ଥିବା କୃଷି ଅଧିକାରୀ ବ୍ୟାପକ ଲାଞ୍ଚ ନେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଏଥିସହିତ ବିଭିନ୍ନ ବେଆଇନ କାର୍ଯ୍ୟ ଏବଂ ମକା ଋଷୀଙ୍କ ସବ୍‌ସିଡ୍ ଅର୍ଥ ହଡପ କରୁଥିବା ନେଇ ଋଷୀମାନେ ଅଭିଯୋଗ କରୁଛନ୍ତି। ଋଷୀଙ୍କ ଖାତାକୁ ଆସୁଥିବା ଅର୍ଥ ନିଜ ଅଫିସର ତଳିଆ କର୍ମଚାରୀଙ୍କ ଜରିଆରେ ଋଷୀଙ୍କ ଠାରୁ ଦସ୍ତଖତ ନେଇ ଉଠାଇ ନେଉଥିବା ଜଣାପଡିଛି। ବାବୁ ଜଣଙ୍କ ଲାଞ୍ଚ ଟଙ୍କାରେ ବାରମ୍ବାର ରାଜଧାନୀ ଭୁବନେଶ୍ୱରକୁ ଆସି ମଉଜ ମଜଲିସ କରି ପୁଣି ଫେରି ଯାଉଛନ୍ତି ବୋଲି ଲୋକେ କୁହାକୁହି ହେଉଛନ୍ତି। ସ୍ଥାନୀୟ ଲୋକ ଦାବି କରିଛନ୍ତି ଯେ, ବାବୁଙ୍କ ଏହି କଳାକାରନାମାର ତଦନ୍ତ କରାଗଲେ ସେ କେତେ କାର୍ଯ୍ୟରୁ କେତେ ଖାଇଛନ୍ତି ତାହା ଜଣାପଡିବ।

# ଏଣିକି ଉତ୍ତରପ୍ରଦେଶରୁ ଆଳୁ କିଣିବ ଓଡ଼ିଶା : ଯୋଗାଣମନ୍ତ୍ରୀ



**ଭୁବନେଶ୍ୱର :** ଆଉ ପଶ୍ଚିମବଙ୍ଗ ନୁହେଁ, ଏଣିକି ଉତ୍ତରପ୍ରଦେଶରୁ ଆଳୁ ଆଣିବ ଓଡ଼ିଶା। ରାଜ୍ୟରେ ଆଳୁ ସଙ୍କଟ ନେଇ ଲୋକସେବା ଭବନରେ ଯୋଗାଣମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ବିଭାଗୀୟ ଅଧିକାରୀଙ୍କ ସମେତ ବ୍ୟବସାୟୀ ସଙ୍ଘ ସାମିଲ ଥିଲେ। ବୈଠକ ପରେ ମନ୍ତ୍ରୀ କହିଛନ୍ତି, ଉତ୍ତରପ୍ରଦେଶରୁ ଆଳୁ ଆଣିବା ନେଇ ବ୍ୟବସାୟୀ ମହାସଂଘ ସହ ଆଲୋଚନା ହୋଇଛି। ଉତ୍ତରପ୍ରଦେଶରେ ଆଳୁ ଆଣିଲେ ଭଲ କ୍ୱାଲିଟିର ଆଳୁ ଆସିବ କିନ୍ତୁ ପରିବହନ ଖର୍ଚ୍ଚ ଅଧିକ ରହିବ। ଧିରେ ଧିରେ ପଶ୍ଚିମବଙ୍ଗ ବଦଳରେ ଉତ୍ତରପ୍ରଦେଶରୁ ଓଡ଼ିଶା ଆଳୁ କିଣିବ। ପଶ୍ଚିମବଙ୍ଗରୁ ଆଳୁ ଆସିପାରୁ ନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ବି ସୁଫଳ ମିଳିନାହିଁ। ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଉଦ୍ୟମ କରୁଛି। ଉତ୍ତର ପ୍ରଦେଶରୁ ଆଳୁ ଆଣିବାକୁ ବ୍ୟବସାୟୀ ସଂଘ ସହମତି ପ୍ରକାଶ କରିଛନ୍ତି। ଏଣୁ ପରିବହନ ଖର୍ଚ୍ଚ ଅଧିକ ପଡ଼ିଲେ ମଧ୍ୟ ସେଠାରୁ ଆଳୁ ଆଣିବାକୁ ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ କହିଛନ୍ତି। ବ୍ୟବସାୟୀ ସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବି ପଶ୍ଚିମବଙ୍ଗରୁ ସ୍ୱାଭାବିକ ଭାବେ ଆଳୁ ଆସୁନାହିଁ। ୟୁପିରୁ ଆଳୁ ଆସିଲେ ପରିବହନ ଖର୍ଚ୍ଚ ଅଧିକ ପଡିବ। ଏହାଛଡ଼ା ଅଧିକ ରାସ୍ତା ଆସିଲେ ଆଳୁ ବସ୍ତାରୁ ଅଧିକ ପଚା ଆଳୁ ବାହାରିବ। ଦୁଇ ତିନି ଦିନ ପର୍ଯ୍ୟନ୍ତ ଏବେ ୟୁପିରୁ ଆଳୁ ଆମଦାନୀ କରିଯିବ। ଆବଶ୍ୟକ ପଡିଲେ ଯୋଗାଣ ମନ୍ତ୍ରୀଙ୍କ ସହ ବ୍ୟବସାୟୀ ସଂଘର ଡେଲିଗେସନ ୟୁପି ଗସ୍ତ କରିବେ। ୟୁପିରୁ ଆଳୁ ଆସିଲେ ବି ଖୁଚୁରା ବଜାରରେ ୩୦ରୁ ୩୫ ଟଙ୍କାରେ ବିକ୍ରି ହେବ।

## ଧଉଳିଠାରେ ‘ଐତିହ୍ୟ’ ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ

# ଚନ୍ଦ୍ରଶେଖର, ହିମାଂଶୁ ଓ ଜୟଶ୍ରୀଙ୍କୁ ‘ଶିଳ୍ପୀ ଶରତ ରଥ ସ୍ମୃତି ସମ୍ମାନ’



**ଭୁବନେଶ୍ୱର :** ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟର ୩୦ ତମ ପ୍ରତିଷ୍ଠା ଦିବସ ଅବସରରେ ଉଦ୍‌ଘାଟିତ ହୋଇଯାଇଛି ‘ଐତିହ୍ୟ’ ଶୀର୍ଷକ ଚିତ୍ରଶିଳ୍ପୀ ଶିବିର ଓ ପ୍ରଦର୍ଶନୀ। ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଏକାମ୍ର ବିଧାୟକ ବାବୁ ସିଂ ଉଦ୍‌ଘାଟନ କରି ଐତିହ୍ୟ ସ୍ଥାନ ଧଉଳିରେ ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ସହ ଓଡ଼ିଶାର ଚାରୁକଳା କ୍ଷେତ୍ରରେ ମହାବିଦ୍ୟାଳୟର ଯୋଗଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ରୂପେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ଅନୁଷ୍ଠାନର ସୃଜନଶୀଳ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ବୌଦ୍ଧର ଚେୟାରମେନ୍ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟାପକ ଡ.ଜଗନ୍ନାଥ କୁଅଁର ପ୍ରମୁଖ ଯୋଗଦେଇ ଶିଳ୍ପୀ ମାନଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର କାର୍ଯ୍ୟକାରି ସଭାପତି ଡ. ହୃଷିକେଶ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେବାସହ ପରିଶେଷରେ ସଂପାଦକ ରବିଶଙ୍କର ଦାସ ଆନୁଷ୍ଠାନିକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉଦ୍‌ଘାଟନ ଉତ୍ସବ ଅବସରରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ଓ ମହାବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ଶିବିର ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଅତିଥିମାନେ ବିଭୂତି କାନୁନଗୋ ଚାରୁକଳା ମହାବିଦ୍ୟାଳୟର ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଚିତ୍ରଶିଳ୍ପୀ ଜୟଶ୍ରୀ ଜେନା ଓ ହିମାଂଶୁ ପରିଡାଙ୍କୁ ‘ଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନ’ ପ୍ରଦାନ କରିଥିଲେ। ଶିଶୁ ଚିତ୍ରଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏହି ଅବସରରେ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ରାଜ୍ୟ ସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଓଡ଼ିଶାର ପର୍ବପର୍ବାଣୀ ଓ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ଚିତ୍ର ମାନ ଅଙ୍କନ କରିଥିଲେ। ପ୍ରତିଯୋଗିତାର କୃତି ଶିଳ୍ପୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲ। କାର୍ଯ୍ୟ କ୍ରମରେ ବରିଷ୍ଠ ଶିଳ୍ପୀ ବିଜୟ କୁମାର ପରିଡ଼ା, ରବୀନ୍ଦ୍ର କୁମାର ମହାରଣା, ଦେବାର୍ଚ୍ଚନ ରାଉତ, ସୋମନାଥ ଦାସ ଓ ବହୁ କଳା ପ୍ରେମୀ ଯୋଗ ଦେଇ କଳାକୃତି ବୁଲି ଦେଖିଥିଲେ।

# ବଢ଼ିଲା ପ୍ରଧାନମନ୍ତ୍ରୀ ଫସଲ ବୀମା ଅବଧି

**ଭୁବନେଶ୍ୱର :** ଚାଷୀଙ୍କ ପାଇଁ ଖୁସି ଖବର। ବଢ଼ିଲା ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଆବେଦନ ଅବଧି। କେବଳ ଓଡ଼ିଶାର ଚାଷୀଙ୍କ ପାଇଁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଆବେଦନ ସମୟ ସୀମା କେନ୍ଦ୍ର ସରକାର ବଢ଼ାଇଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆବେଦନ ଅବଧି ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚାଷୀ ଏହି ଯୋଜନାରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଚଳିତ ଖରିଫ ଋତୁ ଚାଷ ପାଇଁ କଟ ଅଫ ମଧ୍ୟ ବୃଦ୍ଧି କରାଯାଇଛି। ସର୍ବାଧିକ ପଞ୍ଜୀକରଣ ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ କେନ୍ଦ୍ର କୃଷି ମନ୍ତ୍ରାଣାଳୟ ପକ୍ଷରୁ ରାଜ୍ୟ ସମବାୟ ଆୟୁକ୍ତଙ୍କ ପାଖକୁ ଚିଠି ଲେଖାଯାଇଛି। ଅଗଷ୍ଟ ୧୦ ତାରିଖ ଯାଏଁ ଚାଷୀମାନେ ନାମ ପଞ୍ଜୀକରଣ କରିବା ପାଇଁ ନ୍ୟାସନାଲ କର୍ପ ଇନସ୍ୟୁରାନ୍ସ ପୋର୍ଟାଲ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି।

# ନନ୍ଦନକାନନକୁ ଜଗିବେ ଓଡିଶା ଶିଳ୍ପ ସୁରକ୍ଷା ବାହିନୀ




**ଭୁବନେଶ୍ୱର :** ଏଣିକି ନନ୍ଦନକାନନର ସୁରକ୍ଷା ଦାୟିତ୍ୱ ନେଇଛି ଓଆଇଏସଏଫ ବା ଓଡିଶା ଶିଳ୍ପ ସୁରକ୍ଷା ବାହିନୀ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ବଟାନିକାଲ ଗାର୍ଡେନର ସୁରକ୍ଷାକୁ ମଜବୁତ କରିବା ପାଇଁ ଓଆଇଏସଏଫର ଏକ ପ୍ଲାଟୁନ୍ ଯବାନ ନିୟୋଜିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଇନ୍ସପେକ୍ଟର, ୪ ଜଣ ସବ୍ ଇନ୍ସପେକ୍ଟର ଏବଂ ୩୦ କନଷ୍ଟେବଲଙ୍କ ସହିତ ଏହା ଏକ ୩୫ ଜଣିଆ ଟିମ। ୩୦ ଜୁଲାଇରେ ନନ୍ଦନକାନନ ଏବଂ ଓଆଇଏସ୍‌ଏଫ୍ ମଧ୍ୟରେ ଗୋଟିଏ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଆଜିଠାରୁ ଏହି ଫୋର୍ସ ଅନ୍ତର୍ଭୁକ୍ତ କରାଯାଇଛି। ଉଲ୍ଲେଖଥାଉ କି ଗତ ଏପ୍ରିଲରେ ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଦୁର୍ବୃତ୍ତଙ୍କ ଗୁଣ୍ଡାରାଜ ଦେଖିବାକୁ ମିଳିଥିଲା। ଦୁଇ ଦୁର୍ବୃତ୍ତ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପଶି ଖଣ୍ଡାମୁନରେ ଭୟ ଓ ଆତଙ୍କ ସୃଷ୍ଟି କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏଥିସହ ସେମାନେ ଉପନିର୍ଦ୍ଦେଶକଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ତେବେ ଖୋଦ୍ ସରକାରୀ କାର୍ଯ୍ୟାଳୟରେ ପଶି ଦୁର୍ବୃତ୍ତ ଏପରି କାଣ୍ଡ ଘଟାଇଥିଲେ ହେଁ ନିକଟରେ ଥିବା ନନ୍ଦନକାନନ ଥାନା ପୁଲିସ ଟେର ପାଇନଥିଲା। ସେହି ସମୟରେ ନନ୍ଦନକାନନ ଥାନା ପୁଲିସକୁ ଫୋନ କରାଯାଇଥିଲା। ମାତ୍ର ପୁଲିସ ପିସିଆର୍ ଭ୍ୟାନ ପ୍ରାଣୀଉଦ୍ୟାନ ଫାଟକ ବାହାରେ କିଛି ସମୟ ଧରି ଛିଡ଼ା ହୋଇ ଦେଖଣାହାରୀ ସାଜିଥିଲା। ଏହି ଘଟଣା ପରେ ପୁଲିସ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।




# ରାଜ୍ୟର ୪ ସ୍ଥାନରେ ସ୍ଥାପନ ହେବ ଷ୍ଟ୍ରିଟ୍ ଫୁଡ୍ ହବ୍



**ଭୁବନେଶ୍ୱର :** ରାଜ୍ୟର ୪ଟି ସ୍ଥାନରେ ଷ୍ଟ୍ରିଟ୍ ଫୁଡ୍ ହବ୍ ପ୍ରତିଷ୍ଠା ହେବ। ଏଥିପାଇଁ ଜାଗା ଚିହ୍ନଟ ହେବା ସହିତ କାର୍ଯ୍ୟ ଆରମ୍ଭ ହୋଇଛି। ଲୋକମାନଙ୍କୁ ସୁସ୍ଥ ଓ ନିରାପଦ ଷ୍ଟ୍ରିଟ୍ ଫୁଡ୍ ପ୍ରଦାନ କରିବା ପାଇଁ ଏଫ୍‌ଏସ୍‌ଏସ୍‌ଏଆଇ (ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ) ପକ୍ଷରୁ ଏଭଳି ନୂଆ ପଦକ୍ଷେପ ନିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିସନ୍ (ଏନ୍‌ଏଚ୍‌ଏମ୍) ଜରିଆରେ ଷ୍ଟ୍ରିଟ୍ ଫୁଡ୍ ପ୍ରତିଷ୍ଠା ପାଇଁ ଅର୍ଥ ଯୋଗାଇ ଦିଆଯିବ। ଦେଶରେ ପ୍ରତିବର୍ଷ ୧୦ କୋଟି ଲୋକ ବିଷାକ୍ତ ଖାଦ୍ୟ ଜନିତ ରୋଗର ଶିକାର ହେଉଛନ୍ତି। ଆସନ୍ତା ୨୦୩୦ ମସିହା ବେଳକୁ ଏହି ସଂଖ୍ୟା ୧୭କୋଟି ଛୁଇଁବ ବୋଲି ଅନୁମାନ କରାଯାଉଛି। ଫଳରେ ଦେଶର ପ୍ରତି ୯ଜଣରେ ଜଣେ ବ୍ୟକ୍ତି ବିଷାକ୍ତ ଖାଦ୍ୟର ଶିକାର ହେବେ। ଏହା ଯୋଗୁଁ ଚିକିତ୍ସା ଖର୍ଚ୍ଚ ମଧ୍ୟ ବଢ଼ିବ। ବିଷାକ୍ତ ଖାଦ୍ୟ ଯୋଗୁଁ ଲୋକମାନେ ଅସୁସ୍ଥ ହେବା ପଛର ପ୍ରମୁଖ କାରଣ ହେଉଛି ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଖାଦ୍ୟାନୁଷ୍ଠାନ। ଏମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ଓ ବିକ୍ରି କରୁଥିବାରୁ ଲୋକମାନଙ୍କୁ ବିଭିନ୍ନ ରୋଗର ଶିକାର ହେବାକୁ ପଡୁଛି। ତେଣୁ ଷ୍ଟ୍ରିଟ୍ ଫୁଡ୍ ବିକ୍ରି କରୁଥିବା ଲୋକମାନଙ୍କ ଭିତରେ ସ୍ୱଚ୍ଛତା ଆଣିବା ସହ ଲୋକମାନଙ୍କୁ ନିରାପଦ ଖାଦ୍ୟ ମିଳିବା ଏକ ପ୍ରମୁଖ ଆହ୍ୱାନ ପାଲଟିଛି। ଏଥିପାଇଁ ଦେଶବ୍ୟାପୀ ୧୦୦ଟି ଷ୍ଟ୍ରିଟ୍ ଫୁଡ୍ ହବ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ସିଙ୍ଗାପୁର, ଥାଇଲାଣ୍ଡ, ଜାପାନ, ହଂକଂ ଭଳି ଦେଶରେ ଷ୍ଟ୍ରିଟ୍ ଫୁଡ୍ ସଂସ୍କୃତି ଲୋକମାନଙ୍କ ଭିତରେ ବେଶ୍ ଗ୍ରହଣୀୟ ହୋଇପାରିଛି। ଦେଶର ଖାଦ୍ୟ ଇକୋସିଷ୍ଟମ୍‌କୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଇଟ୍ ରାଇଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**